

ସ୍ୱର୍ଣ୍ଣ ଜିଣିଲେ ସୁରୁଚି-କମଲ୍‌ଜିତ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-93 ◆SATURDAY ◆26 SEPTEMBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୯୩ ◆ଶନିବାର ◆୨୬ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

# ଘେରିଲେ ବିଜେପି ସହଯୋଗୀ

## ମତଭେଦ ସମ୍ପର୍କରେ ମୁହଁ ଖୋଲନ୍ତୁ ଜ୍ଞାନେଶ କୁମାର



■ ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଭୋଟର ତାଲିକାର ସ୍ପେଶାଲ (ଏସ୍‌ଆଇଆର)କୁ ନେଇ ନିର୍ବାଚନ କମିଶନରେ ମତଭେଦ ସଂକ୍ରାନ୍ତ ରିପୋର୍ଟ ସାମ୍ନାକୁ ଆସିବା ପରେ ସାରା ଦେଶରେ ସୃଷ୍ଟି ହୋଇଛି ଆଲୋଡ଼ନ। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି। କକ୍ରୋଚ ଜନତା ପାର୍ଟି ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଇସ୍ତଫା ଦେବାକୁ ୪୮ ଘଣ୍ଟିଆ ଅଲ୍‌ଟିମେଟମ୍ ଦେବା ସହ ଅକ୍ଟୋବର ୨ରୁ ସାରା ଦେଶରେ ଆନ୍ଦୋଳନ ଚେତାବନୀ ଦେଇଛି। ଏହି ସମୟରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ତିନି ସହଯୋଗୀ ଦଳ ଟିଡ଼ିପି, ଏଲ୍‌ଜେପି ଓ ଆର୍‌ଏଲ୍‌ଏମ୍ ମଧ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠାଇବା ସହ ସିଇସି ଜ୍ଞାନେଶ କୁମାର ଏହାକୁ ସ୍ପଷ୍ଟ କରିବା କରିବା ଆବଶ୍ୟକ ବୋଲି ଦାବି କରିଛନ୍ତି। କେନ୍ଦ୍ର ସରକାରରେ ଅଂଶୀଦାର ତିନି ରାଜନୈତିକ ଦଳର ଏପରି ଆଭିମୁଖ୍ୟ ପରେ ମୁଖ୍ୟ ନିର୍ବାଚନ କମିଶନଙ୍କ ଅଡୁଆ ବଢ଼ିଛି ଓ ▶ପୃଷ୍ଠା-୧୦

**ନିର୍ବାଚନ ପ୍ରକ୍ରିୟା ନେଇ ସନ୍ଦେହ ରହିବା ଚିନ୍ତାଜନକ: ଏଲ୍‌ଜେପି**

**ସ୍ପଷ୍ଟୀକରଣ ଦେବା ଦ୍ୱାରା ଜନସାଧାରଣଙ୍କ ବିଶ୍ୱାସ ବଢ଼ିବ: ଟିଡିପି**

**ନିର୍ବାଚନ କମିଶନରେ ଥିବା ଦ୍ୱନ୍ଦ୍ୱ ତୁରନ୍ତ ସ୍ପଷ୍ଟ ହେଉ: ଆର୍‌ଏଲ୍‌ଏମ୍**

## ଗାନ୍ଧୀ ଜୟନ୍ତୀରୁ କକ୍ରୋଚ୍ ଆନ୍ଦୋଳନ

■ ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଶନିବାର ସୁଦ୍ଧା ଇସ୍ତଫା ନଦେଲେ ଅକ୍ଟୋବର ୨ରୁ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରିଛି କକ୍ରୋଚ ଜନତା ପାର୍ଟି (ସିଜେପି)। ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପକେ ଶୁକ୍ରବାର ଏକ୍ସରେ ଏହି ଘୋଷଣା କରିଛନ୍ତି। ଦୀପକେ କହିଛନ୍ତି ଯେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ମୁମ୍ବାଇରୁ ଆନ୍ଦୋଳନ ଆରମ୍ଭ ହେବ। ପରେ ଏହାକୁ ଦେଶର ବିଭିନ୍ନ ସହରକୁ ନିଆଯିବ। ମୁଖ୍ୟ ନିର୍ବାଚନ କମିସନ ପଦରୁ ଇସ୍ତଫା ଦେବାଲାଗି କକ୍ରୋଚ୍ ପାର୍ଟି ଗତକାଲି ତାଙ୍କୁ ୪୮ ଘଣ୍ଟର ମହଲତ ଦେଇଥିଲା। ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ସହ ଦାବି ପୂରଣ ନହେଲେ 'ଜନ୍ତରମନ୍ତର ୨.୦' ଆନ୍ଦୋଳନର ଚେତାବନୀ ମଧ୍ୟ ଦେଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ସତ୍ତ୍ୱେ ବିରୋଧୀ ଦଳ କାହିଁକି ନିର୍ବାଚନରେ ଅଂଶଗ୍ରହଣ କରୁଛନ୍ତି ବୋଲି ଦୀପକେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଏପରି ନିର୍ବାଚନରେ ଅଂଶଗ୍ରହଣ ଏହାକୁ ବୈଧତା ଦେଉଛି। ଏସ୍‌ଆଇଆର୍‌କୁ ନେଇ ବିବାଦ ମଧ୍ୟରେ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି।

**ଦାବି ପୂରଣ ନ ହେଲେ 'ଜନ୍ତରମନ୍ତର ୨.୦'**

## ବିଜେପିର ଯୁକ୍ତି
## ଜ୍ଞାନେଶଙ୍କୁ ପଦ୍ମଭୂଷଣ ମିଳୁ



■ କୋଲକାତା, ୨୫।୯ (ଏଜେନ୍ସି): ଏସ୍‌ଆଇଆର୍ ପ୍ରକ୍ରିୟାରେ ନିର୍ବାଚନ କମିଶନ ସଦସ୍ୟଙ୍କ ମଧ୍ୟରେ ମତଭେଦ ପ୍ରସଙ୍ଗକୁ ନେଇ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରାଜନୀତି ସରଗରମ ହୋଇ ସାରା ଦେଶ ଉଠୁଛି ପଡ଼ୁଛି। ବିରୋଧୀମାନେ ତାଙ୍କୁ ସମାଲୋଚନା କରିବା ସହିତ ଇସ୍ତଫା ଦାବି କରୁଛନ୍ତି। ହେଲେ ଏପରି ସମୟରେ ତାଙ୍କ ସମର୍ଥନରେ ବାହାରିଛନ୍ତି ପଶ୍ଚିମବଙ୍ଗ ବିଜେପି ସଭାପତି ଶମିକ ଭଟ୍ଟାଚାର୍ଯ୍ୟ। ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରକ୍ରିୟା ଓ ଭୋଟର ତାଲିକା ସଂଶୋଧନ ନେଇ ହୋଇଥିବା କାମକୁ ସେ ପ୍ରଶଂସା କରିଛନ୍ତି। ଶମିକ୍ କହିଛନ୍ତି, ପଶ୍ଚିମବଙ୍ଗରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ କରିବାର ସୁଯୋଗ ମିଳିବା ଓ ଭୋଟର ତାଲିକା ସୁଧାରିବାରେ ଜ୍ଞାନେଶ କୁମାରଙ୍କ ପ୍ରମୁଖ ଭୂମିକା ରହିଛି। ଏଥିପାଇଁ ତାଙ୍କୁ ଅନ୍ତତଃ ପଦ୍ମ ଭୂଷଣ ସମ୍ମାନ ମିଳିବା ଉଚିତ ବୋଲି ସେ କହିଛନ୍ତି। ଶମିକଙ୍କ ଏହି ମନ୍ତବ୍ୟ ଜ୍ଞାନେଶଙ୍କ ଇସ୍ତଫା ନିଆଁରେ ଘିଅ ଢାଳିବା ପରି ହୋଇଛି।

## ମୁଖ୍ୟ ନିର୍ବାଚନ କମିସନର୍ ତୁରନ୍ତ ଇସ୍ତଫା ଦିଅନ୍ତୁ: ନବୀନ



■ ଭୁବନେଶ୍ୱର, ୨୫।୯ (ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)କୁ ନେଇ ମୁଖ୍ୟ ନିର୍ବାଚନ କମିଶନଙ୍କ ବିବାଦୀୟ ଭୂମିକା ସାରା ଦେଶରେ ହଟଚମଟ ସୃଷ୍ଟି କରିଛି। ଅନ୍ୟ ଦୁଇଜଣ ନିର୍ବାଚନ କମିଶନରଙ୍କ ଆପତ୍ତିକୁ ଅଣଦେଖା କରି ମନଇଚ୍ଛା ନିଷ୍ପତ୍ତି ନେଇଥିବା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ସାରା ଦେଶରେ ଜନମତ ତେଜିଛି। ଏହିକ୍ରମରେ ମୁଖ୍ୟ ନିର୍ବାଚନ କମିଶନର ତୁରନ୍ତ ଇସ୍ତଫା ଦେବା ଉଚିତ୍ ବୋଲି କହିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ଆଜି ବିଧାନସଭା ବାହାରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ନବୀନ କହିଛନ୍ତି ଯେ ନିର୍ବାଚନ କମିଶନରଙ୍କ ମଧ୍ୟରେ ଥିବା ଦୃଢ଼ ଓ ତୀବ୍ର ମତଭେଦ ଯୋଗୁଁ ▶ପୃଷ୍ଠା-୧୦

### ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ବଢୁଛି ଅଡୁଆ

## ଜ୍ଞାନେଶଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା



■ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଦୁଇ ଜଣ ନିର୍ବାଚନ କମିସନରଙ୍କ ବିରୋଧ ସତ୍ତ୍ୱେ ବିଭିନ୍ନ ସମୟରେ ଏକତରଫା ନିଷ୍ପତ୍ତି ନେଇ ବିବାଦରେ ଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବି।।ରୋଧରେ ସୁପ୍ରିମକୋର୍ଟରେ ଆଜି ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ଆଧାର କରି ଆଇନଜୀବୀ ଶୈଳେନ୍ଦ୍ର ମଣି ତ୍ରିପାଠୀ ଏହି ମାମଲା ଦାଏର କରିଛନ୍ତି। ଅଭିଯୋଗ କରାଯାଇଛି ଯେ, ନିର୍ବାଚନ ପ୍ରକ୍ରିୟା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନ୍ୟ ଦୁଇ ନିର୍ବାଚନ କମିସନରଙ୍କ ସମ୍ମତି ବିନା ନିଆଯାଇଛି। ଏଭଳି ନିଷ୍ପତ୍ତି, ନିର୍ଦ୍ଦେଶାବଳୀ ଏବଂ ସଫ୍ଟୱେରରେ କରାଯାଇଥିବା ପରିବର୍ତ୍ତନକୁ ଅସାମ୍ବିଧାନିକ ଘୋଷଣା କରି ଏଗୁଡ଼ିକୁ ରଦ୍ଦ କରାଯାଉ ବୋଲି ଆବେଦନରେ ଦାବି କରାଯାଇଛି। ▶ପୃଷ୍ଠା-୧୦

**ବିନା ସହମତିରେ ହୋଇଥିବା ନିଷ୍ପତ୍ତି, ମାର୍ଗଦର୍ଶିକା, ସଫ୍ଟୱେୟାର ମୋଡିଫିକେସନ ରଦ୍ଦ କରାଯାଉ**

**୧୩ କୋଟି ଭୋଟରଙ୍କ ନାଁ ବାଦ୍ ନେଇ ଏସ୍‌ଆଇଟି ତଦନ୍ତ ଦାବି**

**ବିଭିନ୍ନ ରାଜ୍ୟରେ କଂଗ୍ରେସ ପକ୍ଷରୁ ନିର୍ବାଚନ ଅଫିସ ଘେରାଉ**

33001/36/2627

POSHAN Abhiyaan
PM's Overarching Scheme for Holistic Nourishment
सही पोषण - देश रोशन

ସୁଭଦ୍ରା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

୯ମ ରାଷ୍ଟ୍ରୀୟ
ପୋଷଣ ମାସ
୨୦୨୬

୯ ସେପ୍ଟେମ୍ବରରୁ ୮ ଅକ୍ଟୋବର ୨୦୨୬



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁସ୍ଥ ଶିଶୁ, ସୁସ୍ଥ ପରିବାର, ସମୃଦ୍ଧ ଓଡ଼ିଶା

ଆମ ଅଙ୍ଗନୱାଡ଼ି, ଆମ ଦାୟିତ୍ୱ



ବିବିଧ ଖାଦ୍ୟ, ସମ୍ପୂର୍ଣ୍ଣ ପୋଷଣ
ଶିଶୁର ଆହାରରେ ବିଭିନ୍ନ ପ୍ରକାର ଶସ୍ୟ, ଡାଲି, ପନିପରିବା, ଫଳ ଓ ମଞ୍ଜି, ଦୁଗ୍ଧ ଓ ଦୁଗ୍ଧଜାତ ଖାଦ୍ୟ ସହ ଅଣ୍ଡା ଭଳି ପୋଷଣଯୁକ୍ତ ଖାଦ୍ୟ ରହିବା ଆବଶ୍ୟକ।



ଅଙ୍ଗନୱାଡ଼ି କେନ୍ଦ୍ରରେ ଗରମ ରନ୍ଧା ଖାଦ୍ୟ
ଶିଶୁଙ୍କ ଉତ୍ତମ ପୋଷଣ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଦିଆଯାଉଛି ପୁଷ୍ଟିକର ଗରମ ରନ୍ଧା ଖାଦ୍ୟ।



ଗୋଷ୍ଠୀର ଅଂଶଗ୍ରହଣ ଓ ଦାୟିତ୍ୱ
ଅଙ୍ଗନୱାଡ଼ି ପରିଚାଳନା କମିଟି (AMC), ଅଭିଭାବକ ଓ ଗୋଷ୍ଠୀ ମିଳିତ ଭାବେ ନିୟମିତ ପୋଷଣ ସେବାର ମାନ ଯାଞ୍ଚ କରିବା ଆବଶ୍ୟକ।



ପୋଷଣ ଓ ପ୍ରାରମ୍ଭିକ ଯତ୍ନ ମାଧ୍ୟମରେ ଶିଶୁର ବିକାଶ
ଶିଶୁର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକ ଉତ୍ତମ ପୋଷଣ, ଆଦର ସହକାରେ ଯତ୍ନ ଓ ପ୍ରାରମ୍ଭିକ ଶିକ୍ଷା।



ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା
ଆର୍ଥିକ ସହାୟତା କେବଳ ଗର୍ଭବତୀ ଓ ପ୍ରସୂତୀ ମା'ଙ୍କ ପୋଷଣ ପାଇଁ ଉଦ୍ଦିଷ୍ଟ। ରାଜ୍ୟ ସରକାରଙ୍କ ମମତା ଯୋଜନା ସହ ଏକୀକୃତ ଏହି ଯୋଜନାର ଲକ୍ଷ୍ୟ ରାଜ୍ୟର ୧୦୦% ଲାଭାର୍ଥୀଙ୍କୁ ଉପକୃତ କରିବା।

OIPR-33001/33001/2/26-27/0008

ସହାୟତା ନମ୍ବର: ପୁଲିସ୍ ହେଲ୍ପଲାଇନ୍ ୧୧୨ | ମହିଳା ହେଲ୍ପଲାଇନ୍ ୧୮୧ | ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮ | ପୋଷଣ ହେଲ୍ପଲାଇନ ୧୫୫୧୫

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା
(PMSG:MBY)



ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ,
ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ



ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ
ବିଜୁଳି ଦେୟ ଉପରେ ସଞ୍ଚୟ

ରୁଫ-ଟପ ସୌର ପ୍ରକଳ୍ପ ପାଇଁ
ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ
୧,୩୮,୦୦୦ ଟଙ୍କା ସବସିଡି
(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା
ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ
ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର



ଜଳବାୟୁ ସଂଶୋଧନ ପାଇଁ ସହାୟକ

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ

TPSODL
TP SOUTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)




ସକାଳ
THE SAKALA
www.sakalaepaper.com

# ଉଡ଼ାଣ ପୂର୍ବରୁ ମଦ୍ୟପାନ, ଏୟାର ଇଣ୍ଡିଆ ପାଇଲଟ୍ ନିଲମ୍ବିତ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଜୁରିକ୍‌ରୁ ଦିଲ୍ଲୀ ଆସିବାକୁ ଥିବା ଏୟାର ଇଣ୍ଡିଆ ବିମାନର ଉଡ଼ାଣ ପୂର୍ବରୁ ମଦ୍ୟପାନ ଯାଞ୍ଚରେ ବିଫଳ ହୋଇଥିବା ଜଣେ ସହକାରୀ ପାଇଲଟ୍‌ଙ୍କୁ ନିଲମ୍ବିତ କରାଯାଇଛି। ସେପ୍ଟେମ୍ବର ୬ରେ ଜୁରିକ୍ ବିମାନବନ୍ଦରରେ ଏହି ଘଟଣା ଘଟିଥିଲା। ମଦ୍ୟପାନ କରିଥିବା ସନ୍ଦେହ ହେବା ପରେ ଉଡ଼ାଣର କିଛି ସମୟ ପୂର୍ବରୁ ତାଙ୍କୁ ବିମାନରୁ ହଟାଇ ଦିଆଯାଇଥିଲା। ଏୟାର ଇଣ୍ଡିଆ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପାଇଲଟ୍ ପ୍ରାଥମିକ ମଦ୍ୟପାନ ଯାଞ୍ଚରେ ବିଫଳ ହୋଇଥିଲେ। ଜୁରିକ୍‌ରେ କରାଯାଇଥିବା ଦ୍ୱିତୀୟ ଯାଞ୍ଚର ରିପୋର୍ଟ ଏଯାବତ୍ ମିଳିନାହିଁ। ଚୂଡ଼ାନ୍ତ ଚିକିତ୍ସା ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେ ନିଲମ୍ବିତ ରହିବେ। ତାଙ୍କୁ ପରେ ଯାତ୍ରୀ ଭାବେ ଭାରତ ଫେରାଇ ଅଣାଯାଇଥିଲା। ପାଇଲଟ୍‌ଙ୍କୁ ହଟାଯିବା ଯୋଗୁଁ ଏୟାର ଇଣ୍ଡିଆର ଏଆଇ-୧୫୧ ବିମାନ ନିର୍ଦ୍ଧାରିତ ସମୟରେ ଜୁରିକ୍‌ରୁ ଦିଲ୍ଲୀ ଉଡ଼ାଣ କରିପାରିନଥିଲା। ବିମାନଟି ପରଦିନ ଦିଲ୍ଲୀରେ ପହଞ୍ଚିଥିଲା। ଏୟାର ଇଣ୍ଡିଆ କହିଛି ଯେ ସୁରକ୍ଷା, ନିୟମ ଓ କମ୍ପାନିର ପ୍ରୋଟୋକଲ୍ ଉଲ୍ଲଂଘନ ପ୍ରତି ଏହାର 'ଶୂନ୍ୟ ସହନଶୀଳତା' ନୀତି ରହିଛି। କୌଣସି ଉଲ୍ଲଂଘନ ନିଶ୍ଚିତ ହେଲେ ନିୟମ ଓ କମ୍ପାନି ନୀତି ଅନୁଯାୟୀ କଠୋର ପଦକ୍ଷେପ ନିଆଯିବ। ବିମାନ କର୍ମଚାରୀଙ୍କ ପାଇଁ ନିୟମିତ ସଚେତନତା ଓ ଅନୁପାଳନ ପ୍ରଶିକ୍ଷଣ ସହ ମନୋପ୍ରଭାବକାରୀ ପଦାର୍ଥ ଯାଞ୍ଚକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଏହି ଘଟଣାର କିଛି ସପ୍ତାହ ପୂର୍ବରୁ ଅଗଷ୍ଟ ୪ରେ ଫୁକେଟ୍‌ରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏଆଇ-୨୩୭୯ ବିମାନ ଓଡ଼ିଶା ଉପରେ ଉଡୁଥିବା ବେଳେ ହଠାତ୍ ପ୍ରାୟ ୩୦୦ ଫୁଟ୍ ଉଚ୍ଚତା ହରାଇଥିଲା। ଏଥିରେ ୨୦ରୁ ଅଧିକ ଯାତ୍ରୀ ଓ ୪ ଜଣ କର୍ମଚାରୀ ଆହତ ହୋଇଥିଲେ। ବିମାନର କମାଣ୍ଡର ପାଇଲଟ୍ ସୁଦୀପ ବଶିଷ୍ଠଙ୍କ ମାଦକ ଯାଞ୍ଚ ଦୁଇଥର ପଜିଟିଭ୍ ଆସିଥିଲା। ଏହା ପରେ ଏୟାର ଇଣ୍ଡିଆ ସମସ୍ତ ପାଇଲଟ୍‌ଙ୍କ ପାଇଁ ପୁନର୍ବାର ବାଧ୍ୟତାମୂଳକ ମାଦକ ଯାଞ୍ଚ ବ୍ୟବସ୍ଥା କରିଥିଲା।




## ୩ ସନ୍ତାନଙ୍କୁ ବିଷ ମିଶା ମିଠା ଖୁଆଇ ହତ୍ୟା ଅଭିଯୋଗ

ଚଣ୍ଡିଗଡ଼, ୨୫।୯(ଏଜେନ୍ସି): ପଞ୍ଜାବର ସଙ୍ଗରୁରରେ ତିନି ସନ୍ତାନଙ୍କୁ ବିଷ ମିଶା ମିଠା ଖୁଆଇ ହତ୍ୟା କରିବା ଏବଂ ଏହାକୁ ଖାଦ୍ୟ ବିଷକ୍ରିୟାର ରୂପ ଦେବାକୁ ମା' ଓ ତାଙ୍କ ପ୍ରେମିକ ଷଡ଼ଯନ୍ତ୍ର କରିଥିବା ପୁଲିସ ଅଭିଯୋଗ କରିଛି। ମାମଲାରେ ମା' ଲଭପ୍ରୀତ କୌରଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ପ୍ରେମିକ ହରଜିତ ସିଂହ ଫେରାର ଥିବାରୁ ତାଙ୍କୁ ଧରିବାକୁ ଚଢ଼ଉ ଜାରି ରହିଛି। ମୃତ ଶିଶୁମାନେ ହେଲେ ୬ ବର୍ଷୀୟ ଜସନୁର କୌର, ୫ ବର୍ଷୀୟ ଅରମାନଦୀପ ସିଂହ ଓ ଅଢେଇ ବର୍ଷୀୟ ରେହାନଦୀପ ସିଂହ। ଅଗଷ୍ଟ ୨୬ରେ ସନ୍ଦେହଜନକ ପରିସ୍ଥିତିରେ ତିନିଜଣଙ୍କ ମୃତ୍ୟୁ ହୋଇଥିଲା। ପ୍ରଥମେ ଏହାକୁ ଖାଦ୍ୟ ବିଷକ୍ରିୟା ବୋଲି ଧରାଯାଇଥିଲା। ଶିଶୁମାନେ ରକ୍ଷାବନ୍ଧନ ଅବସରରେ ବଜାରରୁ ଆସିଥିବା ମିଠା ଖାଇବା ପରେ ଅସୁସ୍ଥ ହୋଇଥିଲେ। କିନ୍ତୁ ସେହି ଦୋକାନରୁ ମିଠା ଖାଇଥିବା ଅନ୍ୟମାନଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ନ ହେବାରୁ ପୁଲିସର ସନ୍ଦେହ ବଢ଼ିଥିଲା। ତଦନ୍ତରୁ ମିଠାରେ କିଟନାଶକ ଔଷଧ ମିଶାଯାଇଥିବା ସୂଚନା ମିଳିଥିବା ପୁଲିସ କହିଛି। ଶିଶୁମାନଙ୍କ ପିତା ତଥା ଟ୍ରକ୍ ଚାଳକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ପୁଲିସ ସନ୍ଦେହଜନକ ମିଠା ସମେତ ଅନ୍ୟାନ୍ୟ ସାମଗ୍ରୀର ଫରେନ୍ସିକ୍ ଯାଞ୍ଚ କରୁଛି।

## ନୌସେନା ଅଭ୍ୟାସ ବେଳେ କାଜାଖସ୍ତାନର ୧୪ ସୈନିକ ମୃତ

ଆସ୍ତାନା, ୨୫।୯(ଏଜେନ୍ସି): କାଜାଖସ୍ତାନର କାସ୍ପିଆନ୍ ସାଗରରେ ନୌସେନା ଅଭ୍ୟାସ ସମୟରେ ଅଘଟଣ ଘଟି ୧୪ ଜଣ ସାମରିକ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ କର୍ତ୍ତବ୍ୟରେ ଅବହେଳା ଓ ନୌପରିଚାଳନା ନିୟମ ଉଲ୍ଲଂଘନ ଅଭିଯୋଗରେ ୫ ଜଣ ସାମରିକ ଅଧିକାରୀଙ୍କୁ ଅଟକ ରଖାଯାଇଛି। ଗୁରୁବାର ଏକ ପାଟ୍ରୋଲ୍ ନୌକାରୁ ସୈନିକମାନେ ଓହ୍ଲାଉଥିବା ସମୟରେ ହଠାତ୍ ପାଗ ଖରାପ ହୋଇଥିଲା। ପ୍ରବଳ ପବନ ଯୋଗୁଁ ୧୭ ଜଣ ସୈନିକ ସାଗରରେ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସନ୍ଧାନ ଓ ଉଦ୍ଧାର ଅଭିଯାନ ଶେଷ ହୋଇଥିବା କୁହାଯାଇଛି। ଘଟଣାର ତଦନ୍ତ ପାଇଁ ପ୍ରତିରକ୍ଷାମନ୍ତ୍ରୀ ଦାଉରେନ୍ କୋସାନୋଭଙ୍କ ନେତୃତ୍ୱରେ ଏକ କମିସନ୍ ଗଠନ କରାଯାଇଛି। ଅଟକ ଅଧିକାରୀଙ୍କ ନିଷ୍ପତ୍ତି ସହ ନୌକାର ବୈଷୟିକ ସ୍ଥିତି ଓ ପାଗ ପରିସ୍ଥିତି ମଧ୍ୟ ତଦନ୍ତ କରାଯାଉଛି। ରାଷ୍ଟ୍ରପତି କାସିମ୍-ଜୋମାର୍ଟ ତୋକାଏଭ୍ ଶୁକ୍ରବାରକୁ ଜାତୀୟ ଶୋକ ଦିବସ ଘୋଷଣା କରିଛନ୍ତି।

## ଭଉଣୀଙ୍କ ଚିକିତ୍ସା ନାଁରେ ଅନ୍‌ଲାଇନ୍‌ରେ ଟଙ୍କା ସଂଗ୍ରହ

ଆଗ୍ରା, ୨୫।୯(ଏଜେନ୍ସି): ଭଉଣୀଙ୍କ ଚକ୍ଷୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନାଁରେ ସୋସିଆଲ୍ ମିଡିଆରେ ଅପିଲ୍ କରି ଟଙ୍କା ସଂଗ୍ରହ କରିବା ଅଭିଯୋଗରେ ଆଗ୍ରା ପୁଲିସ ଅଜୟବୀର ସିଂହଙ୍କୁ ଗିରଫ କରିଛି। ପୁଲିସ ଅନୁଯାୟୀ, ସେ ଜୟ ସିଂହ ରାଠୋର ନାମରେ ନିଜକୁ ୧୬ ବର୍ଷୀୟ ଯୁବକ ଭାବେ ପରିଚୟ ଦେଇଥିଲେ। ଅଭିଯୋଗ ଅନୁଯାୟୀ, ଯୁବକ ଜଣକ 'ଗ୍ଲୁକୋମା' ଓ 'ଭିଟ୍ରିଅସ୍ ହେମୋରେଜ୍'ରେ ପୀଡ଼ିତ ତାଙ୍କ ୧୨ ବର୍ଷୀୟ ଭଉଣୀଙ୍କ ଚିକିତ୍ସା ପାଇଁ ଏକ୍ସ୍‌ରେ ଆର୍ଥିକ ସହାୟତା ମାଗିଥିଲେ। ଚିକିତ୍ସା ପାଇଁ ପରିବାର ୨.୫ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିସାରିଥିବା ଏବଂ ଆହୁରି ପ୍ରାୟ ୧.୨ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ସେ ଦାବି କରିଥିଲେ। ଅପିଲ୍ ଭାଇରାଲ୍ ହେବା ପରେ ପ୍ରାୟ ୨୪ ଘଣ୍ଟାରେ ୧, ୫୮, ୨୮୨ ଟଙ୍କା ମିଳିଥିବା ସେ ଜଣାଇଥିଲେ। ପରେ ଦିଲ୍ଲୀର ଶ୍ରଫ୍ ଆଇ ସେଣ୍ଟର ପକ୍ଷରୁ ତାଙ୍କ ଲେଟରହେଡ୍‌ରେ ଜାଲ୍ ରୋଗୀ ରେକର୍ଡ, ପ୍ରେସକ୍ରିପସନ୍ ଓ ଚିକିତ୍ସା ଖର୍ଚ୍ଚର ଦସ୍ତାବିଜ ପ୍ରସ୍ତୁତ କରାଯାଇଥିବା ନେଇ ସତର୍କ କରାଯାଇଥିଲା। ଏହା ପରେ ଅନେକ ଦାତା ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଅଜୟବୀରଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

## ବିହାର ପର୍ଯ୍ୟଟନସ୍ଥଳୀରେ ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ

ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ବିହାରର ବାଙ୍କା ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମନ୍ଦାର ପାହାଡ଼ରେ ଜଣେ ମହିଳାଙ୍କୁ ୬ ଜଣ ଅଜଣା ଯୁବକ ଦୁର୍ବ୍ୟବହାର କରିବା ସହ ଚପଲରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସେପ୍ଟେମ୍ବର ୩ର ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ନିକଟରେ ଭାଇରାଲ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଗତ ୨୨ରେ ସୋସିଆଲ ମିଡିଆ ସେଲ୍ ମାଧ୍ୟମରେ ଭିଡିଓଟି ବୌଁସି ଥାନା ଅଧିକାରୀଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଆସିଥିଲା। ଏହାପରେ ଥାନା ଅଧିକାରୀ ପଙ୍କଜ କୁମାର ଝା ଘଟଣାସ୍ଥଳକୁ ଯାଇ ଭିଡିଓରେ ଦେଖାଯାଇଥିବା ସ୍ଥାନର ଯାଞ୍ଚ କରିଥିଲେ। ପୁଲିସ ନିଜ ଆଡୁ ମାମଲା ରୁଜୁ କରି ୬ ଜଣ ଅଜଣା ଅଭିଯୁକ୍ତଙ୍କ ବିରୋଧରେ ଅଶ୍ଳୀଳ ଆଚରଣ ଓ ଅଶୋଭନୀୟ କାର୍ଯ୍ୟ ଭଳି ଅଭିଯୋଗ ଲଗାଇଛି। ଭିଡିଓକୁ ତଦନ୍ତର ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ ରଖାଯାଇଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ପରିଚୟ ଜାଣିବା ପାଇଁ ପୁଲିସ ମନ୍ଦାର ପାହାଡ଼ ନିକଟସ୍ଥ ଗାଁର ଲୋକ ଓ ଦୋକାନୀଙ୍କୁ ପଚରାଉଚରା କରିଛି। ତେବେ ଏପର୍ଯ୍ୟନ୍ତ କାହାର ପରିଚୟ ସ୍ପଷ୍ଟ ହୋଇନାହିଁ।

ଏସ୍‌ଆଇଆର୍ ବିବାଦ

# ଜ୍ଞାନେଶଙ୍କ ଇସ୍ତଫା ଦାବିରେ କଂଗ୍ରେସର ପ୍ରତିବାଦ



ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍) ଏବଂ ନିର୍ବାଚନ କମିସନର ନିଷ୍ପତ୍ତି ପ୍ରକ୍ରିୟାକୁ ନେଇ ବିବାଦ ମଧ୍ୟରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କଂଗ୍ରେସ ପକ୍ଷରୁ ଆଜି ସାରାଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ କର୍ମୀମାନେ ନିର୍ବାଚନ ଅଫିସ ଘେରାଉ କରିବା ସହିତ ବିଭିନ୍ନ ସ୍ଥାନରେ ଧାରଣା ଦେଇଛନ୍ତି। ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହେବାରୁ ପୁଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିଛି। ଅନେକ ସହରରେ କଂଗ୍ରେସ କର୍ମୀଙ୍କୁ ଗିରଫ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ପାଟନା ଓ ଚଣ୍ଡିଗଡ଼ରେ ପ୍ରତିବାଦକାରୀଙ୍କୁ ହଟାଇବା ପାଇଁ ପୁଲିସ ଜଳତୋପ ପ୍ରୟୋଗ କରିଛି। ବିକ୍ଷୋଭ ଯୋଗୁଁ ଦିଲ୍ଲୀରେ ନିର୍ବାଚନ କମିସନ କାର୍ଯ୍ୟାଳୟ ବାହାରେ ସୁରକ୍ଷା ବଢ଼ାଯାଇଥିଲା। ମଧ୍ୟପ୍ରଦେଶର ଭୋପାଳ, ଉତ୍ତରାଖଣ୍ଡର ଡେରାଡୁନ୍, ପଶ୍ଚିମବଙ୍ଗର କୋଲକାତା, ଆସାମର ଗୌହାଟୀରେ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ପଞ୍ଜାବରେ ପ୍ରଦେଶ କଂଗ୍ରେସ ସଭାପତି ଅମରିନ୍ଦର ସିଂହ ରାଜା ୱାରିଂ ଜ୍ଞାନେଶ କୁମାରଙ୍କୁ ହଟାଇବା ଏବଂ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କର୍ଣ୍ଣାଟକରେ ମଧ୍ୟ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜ୍ଞାନେଶ କୁମାର ଓ ବିଜେପି ବିଧାୟକ ଅଭୟ ପାଟିଲଙ୍କ ବିରୋଧରେ ପୁଲିସରେ ଅଭିଯୋଗ ଦାଖଲ ହୋଇଛି। ଏହି ମଧ୍ୟରେ ବିରୋଧୀ ଦଳଗୁଡ଼ିକ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ପାଇଁ ସଂସଦର ଉଭୟ ସଦନରେ ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତି ଚଳାଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। କଂଗ୍ରେସ ଅନ୍ୟ ବିରୋଧୀ ଦଳ ସହ ଏନେଇ ଆଲୋଚନା କରୁଥିବା କୁହାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ନିର୍ବାଚନ ପ୍ରକ୍ରିୟାକୁ ନେଇ ଗୁରୁତର ଅଭିଯୋଗ ଉଠାଇ ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା ଦାବି କରିଛନ୍ତି। ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଏହି ଅଭିଯୋଗକୁ ସମର୍ଥନ କରିଛନ୍ତି। ତେବେ ଏହି ଅଭିଯୋଗକୁ ନିର୍ବାଚନ କମିସନ ଖଣ୍ଡନ କରିଛି। ଆଭ୍ୟନ୍ତରୀଣ ଆଲୋଚନା ସମୟରେ ଭିନ୍ନ ମତ ଓ ପରାମର୍ଶ ଦିଆଯିବା ସାଧାରଣ ପ୍ରକ୍ରିୟା ବୋଲି କମିସନ ସଫେଇ ଦେଇଛନ୍ତି। ଏସ୍‌ଆଇଆର୍ ସମେତ ସମସ୍ତ ଚୂଡ଼ାନ୍ତ ନିଷ୍ପତ୍ତି ସର୍ବସମ୍ମତିରେ ନିଆଯାଇଥିବା ମଧ୍ୟ କମିସନ ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ, ଜ୍ଞାନେଶ କୁମାରଙ୍କ କଥିତ ଏକତରଫା ନିଷ୍ପତ୍ତିକୁ ନେଇ ସୁପ୍ରିମକୋର୍ଟରେ ମଧ୍ୟ ଏକ ପିଆଇଏଲ୍ ଦାଏର ହୋଇଛି। ଏଥିରେ ଭୋଟର ତାଲିକାରୁ ପ୍ରାୟ ୧୩ କୋଟି ନାମ ବାଦ ପଡ଼ିଥିବା ଅଭିଯୋଗର ଏସ୍‌ଆଇଟି ତଦନ୍ତ, ମୂଳ 'ଫର୍ମ-୬'ର ପୁନଃସ୍ଥାପନ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ସମସ୍ତ ଅଭିଯୋଗର ଆଇନଗତ ସ୍ଥିତି ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପୃକ୍ତ ନ୍ୟାୟିକ ପ୍ରକ୍ରିୟା ପରେ ସ୍ପଷ୍ଟ ହେବ।

# ବିରୋଧ ଭୟରେ ଜ୍ଞାନେଶ କୁମାରଙ୍କ ୟୁପି କାର୍ଯ୍ୟକ୍ରମ ସ୍ଥଗିତ



ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ଏସଆଇଆରକୁ ନେଇ ନିର୍ବାଚନ କମିସନରେ ମତଭେଦ ଯୋଗୁଁ ବିବାଦରେ ରହିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏବେ ବିଭିନ୍ନ ମହଲରେ ପ୍ରବଳ ବିରୋଧରେ ସମ୍ମୁଖୀନ ହୋଇଛନ୍ତି। ତାଙ୍କୁ ହଟାଇବା ଲାଗି ବିଭିନ୍ନ ରାଜନୈତିକ ଦଳ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ୪୮ ଘଣ୍ଟା ମଧ୍ୟରେ ଇସ୍ତଫା ଦେବାଲାଗି କକ୍ରୋଚ ଜନତା ପାର୍ଟି ସମୟ ଦେଇଛି। ଏଭଳି ବିରୋଧ ଭୟରେ ଜ୍ଞାନେଶ କୁମାର ତାଙ୍କର ଉତ୍ତର ପ୍ରଦେଶ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛନ୍ତି। ଫଳରେ ତାଙ୍କ ଦ୍ୱାରା ଉତ୍ତରପ୍ରଦେଶରେ ଉଦ୍‌ଘାଟିତ ହେବାକୁ ଥିବା ଦୁଇଟି ନିର୍ବାଚନୀ ସାକ୍ଷରତା କ୍ଲବ୍ ସମ୍ମିଳନୀ ସ୍ଥଗିତ କରାଯାଇଛି। ମିରଠ ଏବଂ ବାରାଣସୀରେ ତାଙ୍କର ଆଉ କିଛି କାର୍ଯ୍ୟକ୍ରମ ମଧ୍ୟ ଥିଲା। ଜ୍ଞାନେଶଙ୍କ ଗସ୍ତ କାର୍ଯ୍ୟକ୍ରମ ବାତିଲ ସଂପର୍କରେ କମିସନଙ୍କ ପକ୍ଷରୁ ସ୍ଥାନୀୟ ପ୍ରଶାସନକୁ ଜଣାଇ ଦିଆଯାଇଛି।

ଅନ୍ୟପକ୍ଷରେ ଏ ସଂପର୍କରେ ନିର୍ବାଚନ କମିସନ କହିଛନ୍ତି ଯେ କାର୍ଯ୍ୟକ୍ରମର ତାରିଖ ପରିବର୍ତ୍ତନ ଏକ ନିୟମିତ ପ୍ରକ୍ରିୟା ଏବଂ ବିଭିନ୍ନ ଲଜିଷ୍ଟିକ୍ ଓ ପ୍ରଶାସନିକ କାରଣରୁ ଏଭଳି ପରିବର୍ତ୍ତନ ହୁଏ। ଏହା ପଛରେ ଅନ୍ୟ କୌଣସି କାରଣ ନାହିଁ ବୋଲି କୁହାଯାଇଛି। ଏହି ଦୁଇ ସମ୍ମିଳନୀ ସ୍ଥଗିତ କରିବାର ନିଷ୍ପତ୍ତି ସେପ୍ଟେମ୍ବର ୨୧ରେ ନିଆଯାଇଥିଲା ବୋଲି ମଧ୍ୟ କମିସନ କହିଛି। ୨୦୨୭ରେ ହେବାକୁ ଥିବା ବିଭିନ୍ନ ରାଜ୍ୟ ନିର୍ବାଚନ ପୂର୍ବରୁ ଭୋଟର ସଚେତନତା ବଢ଼ାଇବା ଲାଗି କମିସନ ପର୍ଯ୍ୟାୟକ୍ରମେ 'ଇଏଲ୍‌ସି ୨.୦' କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହାର ଲକ୍ଷ୍ୟ ଛାତ୍ରଛାତ୍ରୀ ଓ ଯୁବ ଭୋଟରଙ୍କୁ ନିର୍ବାଚନ ପ୍ରକ୍ରିୟା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ନିର୍ବାଚନୀ ସଂସ୍ଥାଗୁଡ଼ିକର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅବଗତ କରାଇବା।

# ଜମ୍ମୁ-କଶ୍ମୀର ବିଧାନସଭାରେ ମାରପିଟ୍

ଶ୍ରୀନଗର, ୨୫।୯(ଏଜେନ୍ସି): ଜମ୍ମୁ-କଶ୍ମୀରର ପୂର୍ଣ୍ଣ ରାଜ୍ୟ ମାନ୍ୟତା ତୁରନ୍ତ ପୁନଃସ୍ଥାପନ ଦାବିରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ବିଧାନସଭାରେ ସଂକଳ୍ପ ପ୍ରସ୍ତାବ ଆଗତ କରିବା ପରେ ଶୁକ୍ରବାର ପ୍ରବଳ ହଙ୍ଗାମା ହୋଇଛି। ପ୍ରସ୍ତାବରେ ୨୦୦୦ ମସିହାରେ ତତ୍କାଳୀନ ଜମ୍ମୁ-କଶ୍ମୀର ବିଧାନସଭାରେ ପାରିତ ସ୍ୱାୟତ୍ତତା ସଂକଳ୍ପର ଉଲ୍ଲେଖକୁ ବିଜେପି ବିଧାୟକମାନେ ବିରୋଧ କରିଥିଲେ। ପ୍ରସ୍ତାବ ଆଗତ ହେବାମାତ୍ରେ ଶାସକ ଦଳର ସଦସ୍ୟମାନେ ଡେସ୍କ ବାଡ଼େଇ ସମର୍ଥନ ଜଣାଇଥିଲେ। ଅନ୍ୟପକ୍ଷରେ ବିଜେପି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିବା ସହ ନ୍ୟାସନାଲ କନ୍‌ଫରେନ୍ସ ସଦସ୍ୟଙ୍କ ସହ ବାକ୍‌ବିତଣ୍ଡାରେ ଜଡ଼ିତଥିଲେ। ପରେ ଘଟଣା ହାତାହାତି ପର୍ଯ୍ୟନ୍ତ ପହଞ୍ଚିଥିଲା। ହଙ୍ଗାମା ମଧ୍ୟରେ ବିଜେପି ବିଧାୟକ ବିକ୍ରମ ରନ୍ଧାୱାଙ୍କୁ ଗୃହରୁ ବାହାର କରାଯାଇଥିଲା। ବିଜେପି ୨୦୦୦ର ସ୍ୱାୟତ୍ତତା ସଂକଳ୍ପକୁ ଉଲ୍ଲେଖ କରାଯିବାରେ ଆପତ୍ତି ଜଣାଇଥିଲା। ଦଳର ବିଧାୟକ ଆର୍‌ଏସ୍ ପଠାନିଆ କହିଥିଲେ, ସ୍ୱାୟତ୍ତତା ପ୍ରସଙ୍ଗରେ ଗୃହରେ ଆଲୋଚନା ହେବାକୁ ଦିଆଯିବ ନାହିଁ। ବିଜେପି ସଦସ୍ୟମାନେ ପ୍ରସ୍ତାବର କପି ମଧ୍ୟ ଚିରିଥିବା ଅଭିଯୋଗ ହୋଇଛି। ବାଚସ୍ପତି ଅବଦୁଲ ରହିମ ରାଦରଙ୍କ ଅନୁରୋଧ ସତ୍ତ୍ୱେ



ହଙ୍ଗାମା ନ ଥମିବାରୁ ଗୃହକୁ ପ୍ରଥମେ ୩୦ ମିନିଟ୍ ଏବଂ ପରେ ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ମୁଲତବୀ କରାଯାଇଛି। ୨୦୦୦ ଜୁନ୍ ୨୬ରେ ଫାରୁକ୍ ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ତତ୍କାଳୀନ ସରକାର ଅଧିକ ସ୍ୱାୟତ୍ତତା ପୁନଃସ୍ଥାପନ ପାଇଁ ସଂକଳ୍ପ ପାରିତ କରିଥିଲା। ୨୦୨୪ ନଭେମ୍ବର ୬ରେ ମଧ୍ୟ ଜମ୍ମୁ-କଶ୍ମୀର ବିଧାନସଭା ବିଶେଷ ମର୍ଯ୍ୟାଦା ପୁନଃସ୍ଥାପନ ପାଇଁ ଆଉ ଏକ ସଂକଳ୍ପ ପାରିତ କରିଥିଲା। ପରେ ଓମାର ଅବଦୁଲ୍ଲା କହିଥିଲେ ଯେ, ବିଜେପି ବିଧାୟକମାନେ ରାଜ୍ୟ ମାନ୍ୟତା ପୁନଃସ୍ଥାପନ ପ୍ରସ୍ତାବ ଉପରେ ଭୋଟିଂରୁ ଦୂରେଇ ରହିବା ପାଇଁ ହଙ୍ଗାମା କରିଥିଲେ।

## ଗୋଆ ପୁଲିସ, ତେଜପାଲଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ, ୨୫।୯(ଏଜେନ୍ସି): ୨୦୧୩ର ବଳାତ୍କାର ମାମଲାରେ ସାମ୍ବାଦିକ ତରୁଣ ତେଜପାଲଙ୍କୁ ଦିଆଯାଇଥିବା ୧୦ ବର୍ଷର କାରାଦଣ୍ଡକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଗୋଆ ପୁଲିସ ଏବଂ ତରୁଣ ତେଜପାଲଙ୍କୁ ନୋଟିସ୍ ଜାରି କରିଛନ୍ତି। ତେଜପାଲ ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ଆବେଦନ କରିଥିବା ବେଳେ, ଗୋଆ ସରକାର ଦଣ୍ଡ ବଢ଼ାଇବାକୁ ଆବେଦନ କରିଛନ୍ତି। ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦରେଶ ଓ ଜଷ୍ଟିସ୍ ପିବି ଭରାଲେଙ୍କ ଖଣ୍ଡପୀଠ ଉଭୟ ଆବେଦନର ଶୁଣାଣି ପାଇଁ ନୋଟିସ୍ ଜାରି କରିଛନ୍ତି। ତେଜପାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଯୁକ୍ତି ରଖି ଜାମିନ ଆବେଦନର ମଧ୍ୟ ଶୁଣାଣି କରିବାକୁ ଅନୁରୋଧ କରିଥିଲେ। ମାମଲାର ଶୁଣାଣି ପାଇଁ ନିର୍ଦ୍ଦିଷ୍ଟ ତାରିଖ ପରେ ଧାର୍ଯ୍ୟ କରାଯିବ ବୋଲି କୋର୍ଟ କହିଛନ୍ତି। ଅଗଷ୍ଟ ୬ରେ ବମ୍ବେ ହାଇକୋର୍ଟ ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର କଠୋର କାରାଦଣ୍ଡ ଦେଇଥିଲେ। ଏହା ସହ ଟ୍ରାଏଲ କୋର୍ଟର ୨୦୨୧ର ଖଲାସ ରାୟକୁ ପଲଟାଇଥିଲେ। ୨୦୧୩ରେ ଗୋଆର ଏକ ହୋଟେଲର ଲିଫ୍ଟରେ ଜଣେ କନିଷ୍ଠ ସହକର୍ମୀଙ୍କୁ ବଳାତ୍କାର କରିଥିବା ମାମଲାରେ ଏହି ରାୟ ଆସିଥିଲା। ଗୋଆ ସରକାର ତେଜପାଲଙ୍କ ଦଣ୍ଡକୁ ଆଜୀବନ କାରାଦଣ୍ଡରେ ବଢ଼ାଇବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଅଗଷ୍ଟ ୨୫ରେ ସୁପ୍ରିମକୋର୍ଟ ତେଜପାଲଙ୍କୁ ତିନି ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରି ୧୦ ବର୍ଷର ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଥିଲେ।

# 'ମୋତେ ଏନ୍‌କାଉଣ୍ଟର କରିଦେବେ'



ସୋନମ୍ ୱାଙ୍ଗଚୁକ୍

ଶ୍ରୀନଗର, ୨୫।୯(ଏଜେନ୍ସି): ଲଦାଖରେ ଗତବର୍ଷ ପୁଲିସ ଗୁଳିକାଣ୍ଡରେ ୪ ଜଣ ଆନ୍ଦୋଳନକାରୀ ମୃତ୍ୟୁର ବର୍ଷପୂର୍ତ୍ତି ଅବସରରେ ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକ ନିଜକୁ 'ଏନ୍‌କାଉଣ୍ଟର' କରାଯାଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ସରକାରଙ୍କ ବିରୋଧରେ ସ୍ୱର ଉଠାଇବା ଯୋଗୁଁ ତାଙ୍କ ବିରୋଧରେ ଆଗକୁ ଆହୁରି ପଦକ୍ଷେପ ନିଆଯାଇପାରେ ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୨୪, ୨୦୨୫ର ଗୁଳିକାଣ୍ଡକୁ ସ୍ମରଣ କରି ଆୟୋଜିତ ସଭାରେ ୱାଙ୍ଗଚୁକ ଅଭିଯୋଗ କରିଥିଲେ ଯେ, ଶାନ୍ତିପୂର୍ଣ୍ଣ ଭାବେ ଅଧିକାର ଦାବି କରୁଥିବା ଲଦାଖର ଯୁବକଙ୍କ ଉପରେ ସ୍ୱୟଂଚାଳିତ ଅସ୍ତ୍ରରୁ ଗୁଳି ଚଳାଯାଇଥିଲା। ଘଟଣାର ତଦନ୍ତ ପାଇଁ 'ପିପୁଲ୍ସ ଟ୍ରିବ୍ୟୁନାଲ' ଗଠନ କରିବାକୁ ସେ ଦାବି କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗଠନ କରିଥିବା ନ୍ୟାୟିକ କମିସନ ଏପର୍ଯ୍ୟନ୍ତ ରିପୋର୍ଟ ଦେଇନଥିବା ସେ କହିଛନ୍ତି। ଗତବର୍ଷର ଆନ୍ଦୋଳନ ତାଙ୍କ ଯୋଗୁଁ ହୋଇଥିବା ଦାବିକୁ ସେ ଖଣ୍ଡନ କରିଥିଲେ। ଲଦାଖକୁ ରାଜ୍ୟ ମାନ୍ୟତା ଓ ଷଷ୍ଠ ଅନୁସୂଚୀରେ ସାମିଲ କରିବା ନେଇ ପୂର୍ବରୁ ପ୍ରତିଶ୍ରୁତି ଦିଆଯାଇଥିଲା ଏବଂ ତାହା ପୂରଣ ନହେବା ଆନ୍ଦୋଳନର ଏକ କାରଣ ବୋଲି ସେ ଦାବି କରିଛନ୍ତି। ଗୁଳିକାଣ୍ଡ ପରେ ୮୧ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୱାଙ୍ଗଚୁକ ଥିଲେ। ତାଙ୍କୁ ଜାତୀୟ ସୁରକ୍ଷା ଆଇନରେ ଯୋଧପୁର ଜେଲ୍ ପଠାଯାଇଥିଲା। ୧୭୦ ଦିନ ପରେ ମାର୍ଚ୍ଚ ୧୪ରେ ଅଟକାଦେଶ ପ୍ରତ୍ୟାହାର ହେବାରୁ ସେ ମୁକ୍ତ ହୋଇଥିଲେ। ଏପଟେ ଲେହରେ ଗୁରୁବାର ସମ୍ପୂର୍ଣ୍ଣ ବନ୍ଦ ପାଳନ ହୋଇଥିଲା। ଲୋକଙ୍କୁ ସଭାରେ ଯୋଗଦେବାରୁ ରୋକାଯାଇଥିବା ୱାଙ୍ଗଚୁକଙ୍କ ଅଭିଯୋଗକୁ ପୁଲିସ ଖଣ୍ଡନ କରିଛି। ଅନୁମତିପ୍ରାପ୍ତ ପ୍ରାର୍ଥନା ସଭାରେ ୮୦୦ ଲୋକ ଯୋଗ ଦେଇଥିଲେ।

# ମେଟାକୁ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ: ମୋଦୀଙ୍କ ସହ ମହିଳାଙ୍କ ଆପତ୍ତିଜନକ ଫଟୋ ହଟାଅ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଜଣେ ମହିଳାଙ୍କ ମୋର୍ଫ୍‌ଡ ତଥା ଆପତ୍ତିଜନକ ଫଟୋ ହଟାଇବା ନେଇ ଦିଲ୍ଲୀ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି କ୍ରମରେ ହାଇକୋର୍ଟ ପ୍ରସାରଣ ମାମଲାରେ ମେଟା ପ୍ଲାଟଫର୍ମକୁ ୨୪ ଘଣ୍ଟା ମଧ୍ୟରେ ଉକ୍ତ ବିଷୟବସ୍ତୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଧମକ ମିଳୁଥିବା ଅଭିଯୋଗ କରିଥିବା ମହିଳାଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବାକୁ ଦିଲ୍ଲୀ ପୁଲିସକୁ କହିଛନ୍ତି। ଜଷ୍ଟିସ୍ ଗିରିଶ କଥପାଲିଆଙ୍କ ଖଣ୍ଡପୀଠ ଏହି ମାମଲାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତା ସୌରଭ ଦାସ, ଅଭିଜିତ ଦିପ୍‌କେ, ଆଶୁତୋଷ ରଙ୍କା ଓ ରତ୍ନା ସିଂହଙ୍କୁ ନୋଟିସ୍ ଜାରି କରିଛନ୍ତି। ମହିଳା ଜଣକ ଅଭିଯୋଗ କରିଛନ୍ତି ଯେ, ଯନ୍ତରମନ୍ତରରେ ସିଜେପିର ପ୍ରତିବାଦ ସମୟରେ ତାଙ୍କ ବ୍ୟକ୍ତିଗତ ଫଟୋ ନିଆଯାଇ ଏଆଇ ଆଧାରିତ ଫେସ୍-ସ୍ୱାପିଂ ପ୍ରଯୁକ୍ତିରେ ଅଶ୍ଳୀଳ ଚିତ୍ର ପ୍ରସ୍ତୁତ କରାଯାଇଥିଲା। ଏହି ଚିତ୍ର ବ୍ୟାନରରେ ପ୍ରଦର୍ଶିତ ହେବା ସହ ଇନ୍‌ଷ୍ଟାଗ୍ରାମ୍ ଓ ଅନ୍ୟ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ଅଭିଯୋଗ ହୋଇଛି। ପୁଲିସକୁ ଏକ ସପ୍ତାହ ମଧ୍ୟରେ ତଦନ୍ତର ଅଗ୍ରଗତି ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ କୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୪ରେ ହେବ।

# ମଣିପୁରରେ ୪ ନାଗାଙ୍କୁ ହତ୍ୟା କଲେ ଉଗ୍ରବାଦୀ

ଇମ୍ଫାଲ, ୨୫।୯ (ଏଜେନ୍ସି): ମଣିପୁରର କାମଜୋଙ୍ଗ ଜିଲ୍ଲାରେ ଭାରତ-ମ୍ୟାନମାର ସୀମା ନିକଟରେ ୪ ଜଣ ତାଙ୍ଖୁଲ ନାଗା ନାଗରିକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଗୁରୁବାର ସନ୍ଧ୍ୟାରେ ପିଲୋଙ୍ଗ ନାଗା ଗାଁରେ ଏହି ଘଟଣା ଘଟିଥିବା ପୁଲିସ କହିଛି। ସ୍ଥାନୀୟ ସଂଗଠନଗୁଡ଼ିକ କୁକି ନ୍ୟାସନାଲ ଆର୍ମି-ବର୍ମାର ସଶସ୍ତ୍ର ସଦସ୍ୟଙ୍କ ଉପରେ ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତକମାନେ ହେଲେ ଫାମି ଜାଜୋ, ନିଙ୍ଗଥେମ କାସାକ, ବେଟରସନ ଜାଜୋ ଓ ଭ୍ରେଇଶିମ ଜାଜୋ। ଭ୍ରେଇଶିମ ଓ ଫାମି ବାପା-ପୁଅ ଥିଲେ। ସମସ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କାମଜୋଙ୍ଗ ଜିଲ୍ଲା ମୁଖ୍ୟାଳୟକୁ ନିଆଯାଇଛି। ଘଟଣାକୁ ବିରୋଧ କରି ତାଙ୍ଖୁଲ ନାଗା ଲଙ୍ଗ୍ ଶୁକ୍ରବାର ସକାଳ ୭ଟାରୁ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ବିଦ୍ୟୁତ୍, ଚିକିତ୍ସା ଓ ଅଗ୍ନିଶମ ଭଳି ଜରୁରୀ ସେବାକୁ ବନ୍ଦରୁ ବାଦ ଦିଆଯାଇଛି। ଶବସତ୍କାର ଓ ଶୋକସଭାରେ ଯୋଗଦେଉଥିବା ଲୋକଙ୍କ ଯାତାୟାତ ମଧ୍ୟ ପ୍ରଭାବିତ ହେବ ନାହିଁ। ସ୍ଥାନୀୟ ସଂଗଠନଗୁଡ଼ିକ ନାଗା ଅଞ୍ଚଳରେ ସୁରକ୍ଷା ବଢ଼ାଇବା ଓ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଚଳିତ ବର୍ଷ ହିଂସାରେ ୪୪ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ସଂଗଠନଗୁଡ଼ିକ ଦାବି କରିଛନ୍ତି।

## ଛତିଶଗଡ଼ ଉପରେ ଅବପାତ

# ଓଡ଼ିଶାରେ ଢାଳିଦେଇଗଲା ବର୍ଷା

**୨୪ ଘଣ୍ଟାରେ ୧୧୫୧ ପ୍ରତିଶତ ଅଧିକ ବୃଷ୍ଟିପାତ: ବିପଦ ସଂକେତ ଉପରେ ପ୍ରମୁଖ ନଦୀର ଜଳସ୍ତର**

ଭୁବନେଶ୍ୱର, ୨୫।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି। ଏହି ଅବପାତ ଦକ୍ଷିଣ ଓଡ଼ିଶା ଓ ପାଶ୍ୱବର୍ତ୍ତୀ ସଂଲଗ୍ନ ଦକ୍ଷିଣ ଛତିଶଗଡ଼ ଉପରେ ସକ୍ରିୟ ରହିଛି। ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଦୁର୍ବଳ ହୋଇ ସଦୃଶ ଲଘୁଚାପରେ ପରିଣତ ହେବ ଓ ଆଗକୁ ବଢ଼ିବ। ଏହି ଗଭୀର ଅବପାତର ପ୍ରଭାବ ଅପେକ୍ଷାକୃତ ରାଜ୍ୟ ଉପରେ କମିବାରେ ଲାଗିଛି। ମାତ୍ର ଗତ ୨୪ ଘଣ୍ଟା ମଧ୍ୟରେ ଏହି ଅବପାତ ଓଡ଼ିଶାରେ ଭୀଷଣ ବର୍ଷା କରାଯାଇଛି। ପାଣିପାଗ କେନ୍ଦ୍ର କହିଛି। ୨୪ ଘଣ୍ଟାରେ ୧୨ଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ ୩୭ଟି ସ୍ଥାନରେ ଅତିପ୍ରବଳ ବର୍ଷା ଓ ୭୫ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ସର୍ବାଧିକ ବର୍ଷା ନବରଙ୍ଗପୁରର ତେନ୍ତୁଳିଖୁଣ୍ଟିରେ ୩୯୫ ମିମି ରେକର୍ଡ ହୋଇଛି। ଏହାସହିତ ନନ୍ଦାହାଣ୍ଡିରେ ୩୪୪ ଓ ବୋରିଗୁମାରେ ୩୦୭ ମିମି ବର୍ଷା ରେକର୍ଡ ହୋଇଛି। ଏହାକୁ ମିଶାଇ ମୋଟ୍ ୧୨ ଟି ବ୍ଲକରେ ବର୍ଷାର ପରିମାଣ ୨୦୦ ମିମିରୁ ଅଧିକ ରହିଥିବା ବେଳେ ୫୧ଟି ସ୍ଥାନରେ ୧୦୦ ମିମିରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ମୋଟ୍ ହାରାହାରି ବର୍ଷା ୬୮.୨ ମିମି ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୫.୪ ମିମି ତୁଳନାରେ ୧୧୫୧ ପ୍ରତିଶତ ଅଧିକ ରେକର୍ଡ ହୋଇଛି ବୋଲି ପାଣିପାଗ କେନ୍ଦ୍ର କହିଛି।

ବର୍ଷା ଯୋଗୁଁ ରାଜ୍ୟର ୭ ଟି ଜିଲ୍ଲାରେ ସବୁଠୁ ଅଧିକ ପ୍ରଭାବ ପଡ଼ିଛି। ବିଭିନ୍ନ ନଦୀରେ ଜଳସ୍ତର ବଢ଼ିବା ସହ କେତେକ ସ୍ଥାନରେ ରାସ୍ତା ଉପରେ ମଧ୍ୟ ପାଣି ଚାଲିଛି। ଦକ୍ଷିଣ ଓଡ଼ିଶାର ନବରଙ୍ଗପୁରରେ ଇନ୍ଦ୍ରାବତୀ ନଦୀରେ ବଡ଼ ବନ୍ୟା ଆସିଥିବା ବେଳେ ୫୫୯.୫୦୫ ମିଟର ଉପରେ ଜଳ ପ୍ରବାହିତ ହେଉଛି। ସେହିପରି ବୈତରଣୀ ନଦୀ ଉଭୟ ଆନନ୍ଦପୁର ଓ ଆଖୁଆପଦାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ବୁଢ଼ାବଳଙ୍ଗ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ସୁବର୍ଣ୍ଣରେଖା ମଧ୍ୟ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଜଳକା ମଧ୍ୟ ବିପଦ ସଂକେତ ଟପିଛି। ବର୍ଷା ଓ ଏହାର ପରରବର୍ତ୍ତୀ ସ୍ଥିତି ମୁକାବିଲା ପାଇଁ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗିର ଜିଲ୍ଲାରେ ମୋଟ୍ ୩୩ଟି ଓଡ୍ରାଫ୍ ଟିମ୍ ସହ ୧ଟିଏ ଏନ୍‌ଡିଆରଏଫ୍ ଟିମ୍‌କୁ ନିୟୋଜିତ କରାଯାଇଛି। ଏହି ୭ ଜିଲ୍ଲା ସମେତ ନବରଙ୍ଗପୁର, ନୂଆପଡ଼ା ଓ କନ୍ଧମାଳକୁ ମିଶାଇ ମୋଟ୍ ୧୦ ଜିଲ୍ଲାର ୫୬ ଟି ବ୍ଲକ ବର୍ଷାରେ ପ୍ରଭାବିତ ହୋଇଛି ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ଏହି ୫୬ ବ୍ଲକର ୨୭୨ ପଞ୍ଚାୟତ ଓ ୮୫୭ ଗାଁ ୨୮ ପୌରାଞ୍ଚଳ ୱାର୍ଡର ୧୮ ହଜାର ୪୬୬ ଲୋକ ପ୍ରଭାବିତ ହୋଇଛନ୍ତି। ଏବେ ସୁଦ୍ଧା ବର୍ଷାରେ ୪୦୪ଟି ଘର ଭାଙ୍ଗିଛି।

ଜୁନ ୧ରୁ ନେଇ ଆଜି ପର୍ଯ୍ୟନ୍ତ ରାଜ୍ୟରେ ସମୁଦାୟ ମୌସୁମୀ ୧୪୫୫.୧ ମିମି ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୧୧୨୫.୭ ମିମି ତୁଳନାରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ୨୯ ପ୍ରତିଶତ ଅଧିକ ରେକର୍ଡ ହୋଇଛି। ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାର କିଛି କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାପରେ ପାଗରେ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର କହିଛି।

## ରଞ୍ଜିତ୍ ମହାନ୍ତି 'ସକାଳ' କାର୍ଯ୍ୟନିର୍ବାହୀ ସମ୍ପାଦକ, ମହେଶ୍ୱର ସାହୁ ବାର୍ତ୍ତା ସମ୍ପାଦକ

ଭୁବନେଶ୍ୱର (ସମିସ): ନନ୍ଦିଘୋଷ ଟିଭି ନେଟୱର୍କ ପ୍ରା.ଲିଃ ପରିଚାଳିତ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିଚାଳନା କର୍ତ୍ତୃପକ୍ଷ ଉଭୟ ସଂଗଠନର ପ୍ରଶାସନିକ ସ୍ତରରେ ଏକ ଛୋଟ ଅଦଳବଦଳ କରିଛନ୍ତି। ସମରେନ୍ଦୁ ଦାସ 'ନନ୍ଦିଘୋଷ ଟିଭି' ମୁଖ୍ୟ ସମ୍ପାଦକ ଭାବରେ ଯୋଗ ଦେବା ପରେ 'ସକାଳ'ର ବ୍ୟୁରୋ ମୁଖ୍ୟ ରଞ୍ଜିତ୍ ମହାନ୍ତିଙ୍କୁ ପଦୋନ୍ନତି ଦିଆଯାଇ କାର୍ଯ୍ୟନିର୍ବାହୀ ସମ୍ପାଦକ ଭାବରେ ଅବସ୍ଥାପିତ କରାଯାଇଛି। ଅନୁରୂପ ଭାବରେ 'ସକାଳ'ର ସହ-ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁଙ୍କୁ ବାର୍ତ୍ତା ସମ୍ପାଦକ ପଦକୁ ପଦୋନ୍ନତି ଦିଆଯାଇଛି। ଏହି ନିର୍ଦ୍ଦେଶ ତତ୍‌କାଳ କାର୍ଯ୍ୟକାରୀ କରାଯିବା ନିମନ୍ତେ ନନ୍ଦିଘୋଷ ଟିଭି ନେଟୱର୍କ ପ୍ରା.ଲିଃ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି।

## କାନ୍ଥ ପଡ଼ି ୩ ବର୍ଷର ଶିଶୁକନ୍ୟା ମୃତ



ତୁରୁମୁଙ୍ଗା, ୨୫।୯ (ସମିସ): ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମମୁଣ୍ଡା ସାହିରେ ଶୁକ୍ରବାର ଘଟିଛି ଅଘଟଣ। କାନ୍ଥ ପଡି ଜଣେ ୩ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁ କନ୍ୟା ହେଲେ ସ୍ୱାମ ଗ୍ରାମର ବଲ୍‌ଟି ମୁଣ୍ଡାଙ୍କ ଝିଅ ପ୍ରମିଳା ମୁଣ୍ଡା। ସୂଚନା ଅନୁସାରେ, ଲଗାଣ ବର୍ଷା ହେଉଥିବା ସମୟରେ ଶିଶୁ କନ୍ୟାକୁ ପଡ଼ୋଶୀ ବାହାଦୁଲା ମୁଣ୍ଡାଙ୍କ ଏକ ପରିତ୍ୟକ୍ତ ଘର ନିକଟରେ ଛାଡି ମା' ରାଇମନି ଶୌଚ ହେବାକୁ ଯାଉଥିବା ସମୟରେ ହଠାତ କାନ୍ଥଟି ଭୁଶୁଡି ପଡିବାରୁ କାନ୍ଥ ତଳେ ଶିଶୁ କନ୍ୟା ଚାପି ହୋଇ ଯାଇଥିଲା। ପରିବାର ଓ ସ୍ଥାନୀୟ ଲୋକେ ତୁରନ୍ତ ଶିଶୁଟିକୁ କାନ୍ଥ ତଳୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ପାଟଣା ମେଡିକାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ଶିଶୁ କନ୍ୟାକୁ ମୃତ ଘୋଷଣା କରିଥିଲେ। ଶିଶୁ କନ୍ୟାର ମୃତ୍ୟୁକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି। ଏନେଇ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ବୈତରଣୀରେ ଆସୁଛି ବଡ଼ ବନ୍ୟା

**କାଣୀ ନଦୀ ବନ୍ଧରେ ୧୦୦ ଫୁଟର ଘାଇ ● ମରାମତିକୁ ମାସେ ପୂରିନି; ପୁଣି ଭାଙ୍ଗିଲା**



କୟାଁଗୋଲା/ଦଶରଥପୁର, ୨୫।୯ (ସମିସ): ମାତ୍ର ୧୯ ଦିନ ତଳେ ବାଲିବସ୍ତା ପକାଇ ମରାମତି କରାଯାଇଥିବା ଘାଇ ପୁଣି ଭାଙ୍ଗିଲା। ବାଲିବସ୍ତା ଭସାଇ ନେଇ କାଣୀ ନଦୀର ଦୋଭାବିଲ-ପାଟଣାରେ ସୃଷ୍ଟି ହେଲା ୧୦୦ ଫୁଟର ଘାଇ। ଯେଉଁ ସ୍ଥାନରେ ପୂର୍ବରୁ ଆଠ ଥର ବନ୍ୟା ଜଳ ପ୍ରବେଶ କରି ଦଶରଥପୁର ବ୍ଲକର ୫/୭ଟି ପଞ୍ଚାୟତକୁ ଦୀର୍ଘ ୪୦ ଦିନ ଦରି ବନ୍ୟା ଘେରରେ ରଖିଥିଲା, ପୁଣି ସେଇ ଘାଇରେ ପ୍ରବାହିତ ହେଲା ବନ୍ୟାଜଳ। ଚଳିତ ଅବପାତ ଜନିତ ବର୍ଷାରେ ଏଭଳି ଦୁର୍ଦ୍ଦଶା ଭୋଗିଛନ୍ତି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକବାସୀ। ତୁହାକୁ ତୁହା ବର୍ଷା ସାଙ୍ଗକୁ ବୈତରଣୀ ଓ କାଣୀ ନଦୀରେ ପୁଣି ବଢୁଥିବା ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଚଳିତ ବର୍ଷ ବାରମ୍ବାର ବନ୍ୟାର ସମ୍ମୁଖୀନ ହୋଇଥିବା ଦଶରଥପୁର ଅଞ୍ଚଳରେ ପୁଣି ନବମ ବନ୍ୟା ପହଞ୍ଚିଛି। ବୈତରଣୀ ନଦୀର ଜଳ ବିପଦ ସଙ୍କେତଠାରୁ ପ୍ରାୟ ୫ ଫୁଟ୍ ଉପରେ ପ୍ରବାହିତ ହେଉଥିବା ବେଳେ ଶତାଧିକ ଗାଁ ବର୍ଷା ଓ ବନ୍ୟାଜଳରେ ପ୍ରଭାବିତ ହୋଇଛି। ଘାଇ ଦେଇ ବନ୍ୟାଜଳ ପ୍ରବେଶ କରିବାରୁ ୩ଟି ପଞ୍ଚାୟତ ସହ ଅହିୟାସ ବଜାର ଅଞ୍ଚଳ ବୁଡ଼ିଯାଇଛି। ଅନେକ ଗାଁରେ ରାସ୍ତାଘାଟ ପାଣିରେ ବୁଡ଼ି ରହିଛି। ଘର ଭିତରେ ମଧ୍ୟ ବନ୍ୟାଜଳ ପଶିବା ଆଶଙ୍କା ଦେଖାଦେଇଛି।

ବନ୍ୟା ପାଣି ଧୀରେ ଧୀରେ ଗାଁ ଆଡ଼କୁ ମାଡ଼ି ଆସିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଅନେକ ପରିବାର ନିଜ ଘର ଛାଡ଼ି ପୁଣି ନଦୀବନ୍ଧ ଉପରେ ଆଶ୍ରୟ ନେବା ଆରମ୍ଭ କରିଛନ୍ତି। କିଛିଦିନ ପୂର୍ବରୁ ବନ୍ୟାଜଳ କମିବା ପରେ ଯେଉଁମାନେ ଘରକୁ ଫେରିଥିଲେ, ପୁଣି ବନ୍ୟା ଆସିବାରୁ ସେମାନଙ୍କ ମଧ୍ୟରେ ନିରାଶା ଦେଖାଦେଇଛି। ଘର ସଫା କରି ସ୍ୱାଭାବିକ ଜୀବନକୁ ଫେରୁଥିବା ବେଳେ ପୁଣି ପାଣି ଘେରିବା ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି।

ବୈତରଣୀ ନଦୀରେ ଜଳସ୍ତର ବଢ଼ିବା ସହ ଚାନ୍ଦକୁଢ଼ା ଅଞ୍ଚଳରେ ବୈତରଣୀର ବଡ଼ବନ୍ଧ ଦବିବା ଖବର ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ବନ୍ଧ ଉପରେ ବନ୍ୟାଜଳର ଚାପ ବଢୁଥିବାରୁ ଲୋକେ ବନ୍ଧର ସ୍ଥିତି ଉପରେ ନଜର ରଖିଛନ୍ତି। ବନ୍ଧରେ କୌଣସି ସ୍ଥାନରେ ଘାଇ ହେଲେ ବ୍ୟାପକ ଅଞ୍ଚଳ ପ୍ରଭାବିତ ହେବା ଆଶଙ୍କା ରହିଛି। ଚାନ୍ଦକୁଢ଼ା ଅଞ୍ଚଳର ବନ୍ଧକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିବା ସହ ତୁରନ୍ତ ମରାମତି ଓ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। କାଣୀ ନଦୀରେ ଯେଉଁ ସ୍ଥାନରେ ପୂର୍ବରୁ ଘାଇ ସୃଷ୍ଟି ହୋଇଥିଲା, ସେଠାରେ ମରାମତି କାମ ଗତ ୭ ତାରିଖରେ ଶେଷ ହୋଇଥିଲା। ଘାଇ ବନ୍ଦ ହେବା ପରେ ୪୦ ଦିନ ଧରି ପାଣି ଘେରରେ ଥିବା ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଥିଲେ। କିନ୍ତୁ ଏବେ ପୁଣି ସେହି ଅଞ୍ଚଳରେ ସେହି ସ୍ଥାନରେ ମରାମତିର ମାତ୍ର ୧୯ ଦିନରେ ବନ୍ଧ ଭାଙ୍ଗି ପ୍ରାୟ ୧୦୦ ଫୁଟର ଘାଇ ସୃଷ୍ଟି ହେବାରୁ ମରାମତି କାମର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟବାସୀଙ୍କ କହିବା ଅନୁସାରେ, ପ୍ରତିବର୍ଷ ଘାଇ ହେବା ପରେ ତରବରିଆ ଭାବେ ମରାମତି କରାଯାଉଛି। କିନ୍ତୁ ବନ୍ୟା ଆସିଲେ ପୁଣି ସମାନ ସମସ୍ୟା ଦେଖାଦେଉଛି। ଏଥର ମଧ୍ୟ ପୂର୍ବ ଘାଇ ମରାମତି ଶେଷ ହେବା ପରେ ପୁଣି ଘାଇ ସୃଷ୍ଟି ହେବାକୁ ନେଇ ଲୋକେ ପ୍ରଶାସନ ଓ ଜଳସମ୍ପଦ ବିଭାଗକୁ ଦାୟୀ କରିଛନ୍ତି।

ବନ୍ୟାଜଳ ବଢ଼ିବାରୁ ବହୁ ଅଞ୍ଚଳର ଚାଷଜମି ପାଣିରେ ବୁଡ଼ି ରହିଛି। ବାରମ୍ବାର ବନ୍ୟା ଆସିବାରୁ ଚାଷୀମାନେ ଏଥର ମଧ୍ୟ ଫସଲ ହରାଇବା ଆଶଙ୍କାରେ ଅଛନ୍ତି। ଏହାସହ ରାସ୍ତାଘାଟ ପାଣିରେ ବୁଡ଼ିବାରୁ ଗମନାଗମନରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ବନ୍ୟା ପରିସ୍ଥିତି ଆହୁରି ଖରାପ ହେଲେ ଲୋକଙ୍କୁ ଉଚ୍ଚସ୍ଥାନକୁ ସ୍ଥାନାନ୍ତର କରିବା, ଖାଦ୍ୟ, ପାନୀୟ ଜଳ, ଔଷଧ ଓ ପଶୁଖାଦ୍ୟ ଯୋଗାଇବା ଭଳି ବ୍ୟବସ୍ଥା ତୁରନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏବେ ବୈତରଣୀ ବିପଦ ସଙ୍କେତଠାରୁ ପ୍ରାୟ ୫ ଫୁଟ୍ ଉପରେ ଥିବା ବେଳେ କାଣୀ ନଦୀରେ ୧୦୦ ଫୁଟ୍ ଘାଇ ଓ ଚାନ୍ଦକୁଢ଼ାରେ ବନ୍ଧ ଦବିବା ଘଟଣା ଦଶରଥପୁରବାସୀଙ୍କ ପାଇଁ ବଡ଼ ବିପଦର ସଙ୍କେତ ହୋଇଛି। ପ୍ରଶାସନ ପକ୍ଷରୁ ବନ୍ଧ ଓ ଘାଇ ଅଞ୍ଚଳରେ ତୁରନ୍ତ ସୁରକ୍ଷ୍ୱସ୍ନା କରିବା ସହ ବନ୍ୟାବିପନ୍ନଙ୍କୁ ଆବଶ୍ୟକ ସହାୟତା ଯୋଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାଜଘାଟରେ ବନ୍ୟାଜଳ ବିପଦସଂକେତ ଉପରେ

ଆନନ୍ଦପୁର, ୨୫।୯ (ସମିସ): ବୈତରଣୀ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂତ୍ରରୁ ସୂଚନା ମିଳିଛି। ଆନନ୍ଦପୁର ରାଜଘାଟଠାରେ ବୈତରଣୀ ଜଳସ୍ତର ବିପଦସଂକେତ ଅତିକ୍ରମ କରି ରାତି ୯ଟା ସୁଦ୍ଧା ଜଳସ୍ତର ୩୮.୮୮୦ ମିଟରରେ ପ୍ରବାହିତ ହେଉଥିବା ଜଣାଯାଇଛି।

ସେଠାରେ ବିପଦ ସଂକେତ ୩୮.୩୬୦ ମିଟର ରହିଥିବାବେଳେ ଶୁକ୍ରବାର ସନ୍ଧ୍ୟା ୬ରେ ସେଠାରେ ବୈତରଣୀର ଜଳସ୍ତର ବିପଦ ସଂକେତ ଟପି ୩୮.୯୫୦ ମିଟରରେ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ପାଟଣାଠାରେ ବୈତରଣୀ ଜଳସ୍ତର ବିପଦ ସଂକେତ ମୁହାଁ ହେଲାଣି। ସେଠାରେ ବିପଦ ସଂକେତ ୩୧୧.୧୦ ମିଟର ରହିଛି; କିନ୍ତୁ ସନ୍ଧ୍ୟା ୫ ବେଳକୁ ଜଳସ୍ଥର ୩୧୦.୧୨ ମିଟର ହୋଇସାରିଥିଲା।

ଚଳିତବର୍ଷ ବୈତରଣୀ ନଦୀରେ ଚତୁର୍ଥ ଥର ପାଇଁ ବନ୍ୟାଜଳ ଆନନ୍ଦପୁରରେ ବିପଦସଂକେତ ଉପରେ ପ୍ରବାହିତ ହୋଇଛି। ଗତ ଅଗଷ୍ଟ ମାସ ବନ୍ୟାରେ ଆନନ୍ଦପୁର ରିଂ ରୋଡରେ ହୋଇଥିବା ଘାଇ ମରାମତି ହୋଇଥିଲେ



ମଧ୍ୟ ଆବଶ୍ୟକୀୟ ସ୍ଥାୟୀ କାର୍ଯ୍ୟ ହୋଇ ନଥିବାରୁ ଆନନ୍ଦପୁର ସହରରେ ବନ୍ୟା ଜଳ ପଶିବାର ଆଶଙ୍କାକୁ ଏଡାଯାଇ ନପାରେ। ଉପରମୁଣ୍ଡ କେନ୍ଦୁଝର ଚମ୍ପୁଆ ପାଟଣା ଠାକୁରମୁଣ୍ଡାରେ ପ୍ରବଳ ବର୍ଷା ଚାଲିଥିବା ଯୋଗୁଁ ବୈତରଣୀ ନଦୀରେ ଚଳିତ ବର୍ଷର ଚତୁର୍ଥ ବନ୍ୟା ପରିସ୍ଥିତି ଗମ୍ଭୀର ପରିସ୍ଥିତି ସୃଷ୍ଟି ହୋଇଛି।

## ଅଚାନକ ମାଡ଼ି ଆସିଲା ପାଣି; ଭସାଇ ନେଲା କାର୍



ଉଦଳା, ୨୫।୯ (ସମିସ): ଚାରିଆଡେ ପାଣି ଆଉ ପାଣି। ଅଚାନକ ଆସିଲା ପାଣି ଓ ଭସାଇ ନେଲା କାର୍। କାର୍ ଭିତରେ ଦୁଇଜଣ ଦୁଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରହିଥିବାବେଳେ ସ୍ଥାନୀୟ ଲୋକ ଉଦ୍ଧାର କରିଥିବା ଜଣାପଡ଼ିଛି। ଏଭଳି ଘଟଣା ଉଦଳା ଥାନା ଅନ୍ତର୍ଗତ ନହରପଦା ଗ୍ରାମରେ ଘଟିଛି। ଦୁଷ୍ମନ୍ତ ଦେଶାରୀ ଓ ଅନ୍ୟଜଣେ ଏକ କାରରେ ନହରପଦା ଗ୍ରାମକୁ ଯାଉଥିଲେ। ସେମାନେ ଯାଉଥିବା ସମୟରେ ଅଚାନକ ରାସ୍ତାରେ ପାଣି ପ୍ରବାହିତ ହୋଇଥିଲା। ଫଳରେ କାର୍‌ଟି ପାଣି ସୁଅରେ ଭାସିଯାଇଥିଲା। ଦୀର୍ଘ ସମୟ ପରେ ଗ୍ରାମବାସୀ ଏହା ଦେଖି କାର୍‌କୁ ପାଣିରୁ ବାହାରକୁ ଆଣିଥିଲେ। କାର୍‌ରେ ଥିବା ଦୁଇଜଣଙ୍କୁ ଉଦ୍ଧାର କରିଥିଲେ।

## ବିପଦ ସଙ୍କେତ ଉପରେ ଜଳକା; ବସ୍ତାରେ ପୁଣି ବନ୍ୟା



ବାଲେଶ୍ୱର ସଦର, ୨୫।୯ (ସମିସ): ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ବସ୍ତାରେ ପୁଣି ଥରେ ବନ୍ୟା ଆସିଛି। ଗୁରୁବାର ସନ୍ଧ୍ୟାରୁ ନଦୀର ଜଳସ୍ତର ଅହେତୁକ ଭାବେ ବଢ଼ିବାକୁ ଲାଗିଥିଲା। ଜଳକା ନଦୀର ମଥାନୀ ଠାରେ ବିପଦ ସଂକେତ ୬,୫୦ ମିଟର ଥିବା ବେଳେ ଗତକାଲି ଠାରୁ ଏହାର ଜଳସ୍ତର କ୍ରମାଗତ ଭାବେ ବଢ଼ି ଆଜି ସନ୍ଧ୍ୟା ସୁଦ୍ଧା ଏହା ୬.୮୬ରେ ପହଞ୍ଚିବା ସହିତ ବିପଦ ସଂକେତ ବହୁ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଅଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ସୁଳିଆପଦା, ମୋରଡ଼ା, ତିତ୍ରଡ଼ା, ରାସଗୋବିନ୍ଦପୁର ଅଞ୍ଚଳରେ ବର୍ଷା କାରଣରୁ ନଦୀର ଜଳସ୍ତର ବଢ଼ିବାରେ ଲାଗିଥିବାରୁ ଜଳକା ନଦୀର ବନ୍ୟା ଆସିଛି। ତେବେ ବର୍ତ୍ତମାନ ଏହି ନଦୀ ନିକଟସ୍ଥ ବସ୍ତା ବ୍ଲକର ବାସୁ ଚକୁରୀ, ମଥାନୀ, ଦୁଧହଂଶା, ବାହାର୍ଦ୍ଦା, କୁଡିଆ, ପତ୍ରଝଡ଼ା, ସଦାନନ୍ଦ ପୁର, ଦରଡ଼ା, ଇଡିଦା, ସାହାଡ଼ା, ବରୁଣ ଗଡିଆ, ରାଉତପଡା, ଗଡପଦା ସହିତ ସଦର ବ୍ଲକର ରସଲପୁର, ଶ୍ରୀରାମପୁର ଓ କୁରଡିହା ପଞ୍ଚାୟତର ଅନେକ ଗ୍ରାମ ଏବେ ବନ୍ୟାପାଣି ଘେରରେ ରହିଛି। ବହୁ ଲୋକଙ୍କ ଘରେ ପାଣି ପଶିଥିବା ବେଳେ ଉକ୍ତ ପରିବାର ଲୋକଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇଛି।

**ମଥାନୀ-ବାହାର୍ଦ୍ଦା ରାସ୍ତାରେ ୨ ଫୁଟର ପାଣି**

**ଶହଶହ ହେକ୍ଟର ଚାଷଜମି ଜଳମଗ୍ନ**

ଅନେକ ପରିମାଣର ଚାଷଜମି ସବୁ ପାଣିଘେର ଭିତରେ ରହିଥିବା ବେଳେ ମଥାନୀ - ଗାନ୍ଧୀ ଛକ ରାସ୍ତା ଉପରେ ଦୁଇ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଏହି ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ବିଭାଗର ଅଧିକାରୀ ମାନେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହିତ ଲୋକମାନଙ୍କୁ ଉଦ୍ଧାର ଓ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରିଛନ୍ତି। ବର୍ଷା ଛାଡ଼ି ନଥିବାରୁ ଲୋକ ମାନେ ଭୟଭିତ ଅବସ୍ଥାରେ ଅଛନ୍ତି। ଆଜି ରାତିରେ ବର୍ଷା ଲାଗି ରହିଲେ ବସ୍ତାରେ ବନ୍ୟା ପରିସ୍ଥିତି ଜଟିଳ ହେବ ବୋଲି ଆଶଙ୍କା କରା ଯାଉଛି। ବସ୍ତା ଓ ସଦର ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଷଜମି ସବୁ ଜଳମଗ୍ନ ହୋଇଛି।

**ଲଗାଣ ବର୍ଷାରେ ବେହାଲ ମୟୂରଭଞ୍ଜ**

# ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ନାହ୍ଲୁଆରେ ବନ୍ୟା

ବାରିପଦା, ୨୫।୯ (ସମିସ): ଲଗାଣ ବର୍ଷା ଯୋଗୁଁ ସାରା ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ପରିସ୍ଥିତି ସଙ୍ଗିନ ରୂପ ନେଇଛି। ଗୁରୁବାର ରାତିରେ ଶିମିଳିପାଳରେ ପ୍ରବଳ ବର୍ଷା ଫଳରେ ଜିଲ୍ଲାର ପ୍ରମୁଖ ନଦୀର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଛି।

**ଶିମିଳିପାଳରେ ରେକର୍ଡ ବର୍ଷା: କୁଳିପାଳରେ ସର୍ବାଧିକ ୩୬୨ ମିଲିମିଟର**

**ଉଦଳା-ବାରିପଦା ରାଜ୍ୟ ରାଜପଥ ସମେତ ପ୍ରମୁଖ ରାସ୍ତା ଉପରେ ବନ୍ୟାଜଳ**

**ସାରସକଣାରେ କାନ୍ଥ ପଡ଼ି ମହିଳାଙ୍କ ମୃତ୍ୟୁ**



ବୁଢ଼ାବଳଙ୍ଗ, ଗଙ୍ଗାହାର, ନାହ୍ଲୁଆ ଓ ପଳପଳା ନଦୀ ବନ୍ୟା ସ୍ଥିତିକୁ ଅଧିକ ଜଟିଳ କରିଛି। ଶିମିଳିପାଳ ଜାତୀୟ ଅଭୟାରଣ୍ୟ ଅଞ୍ଚଳରେ ଅତ୍ୟଧିକ ବର୍ଷା ରେକର୍ଡ ହୋଇଛି। କୁଳିପାଳରେ ସର୍ବାଧିକ ୩୬୨.୪୫ ମିଲିମିଟର ବର୍ଷା ହୋଇଥିବାବେଳେ ଜେନାବିଲରେ ୨୧୫.୧୩, ଭଞ୍ଜବସାରେ ୨୦୭.୦୧, ପୋଡ଼ାଡିହାରେ ୧୭୧.୯୫, ଡୋଭରେ ୧୪୧, କବାଟଘାଇରେ ୧୩୭.୪୧ ଓ ନଓଣାରେ ୧୨୩.୨ ମିଲିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି। ସେହିପରି ଅନ୍ୟ ବ୍ଲକ ମଧ୍ୟରେ ଠାକୁରମୁଣ୍ଡା ଓ ବିଶୋଇରେ ସର୍ବାଧିକ ୧୬୦ ମିଲିମିଟର, ବିଜାତଳାରେ ୧୫୦, ରାଇରଙ୍ଗପୁରରେ ୧୨୪, କପ୍ତିପଦାରେ ୧୧୮, କୁସୁମୀରେ ୧୧୨ ଓ ଉଦଳାରେ ୯୫.୩ ମିଲିମିଟର ବର୍ଷା ହୋଇଛି।

ପ୍ରବଳ ବର୍ଷା ପ୍ରଭାବରେ ଅନେକ ସ୍ଥାନରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ୧୯ ନମ୍ବର ରାଜ୍ୟ ରାଜପଥସ୍ଥ ନାହ୍ଲୁଆ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇଛି। ବାଙ୍ଗିରିପୋଷି କାଳିଆମୀ ବୁଢ଼ାବଳଙ୍ଗ ପୋଲ ଉପରେ ପ୍ରାୟ ଦେଢ଼ ଫୁଟ ଉଚ୍ଚରେ ପାଣି ଚାଲିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜିଲ୍ଲାପାଳ ହେମକାନ୍ତ ସଏ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ପଳପଳା ଓ ଅନ୍ୟାନ୍ୟ ନାଳରେ ଜଳସ୍ତର ବୃଦ୍ଧି ପାଇ ବାଲିଡିହା-କୁଚିଳାଘାଟୀ, ଲୁଲୁଙ୍ଗ-ରଙ୍ଗାମାଟିଆ, ଗଙ୍ଗାହାର ନଦୀ ପାଇଁ ବୈଶିଙ୍ଗା-ଉଦଳା ଓ ବଡ଼ସାହି-କୁଆମରା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପର୍ଯ୍ୟଟନସ୍ଥଳୀ ଲୁଲୁଙ୍ଗ ଓ ସୀତାକୁଣ୍ଡ ଅଞ୍ଚଳର ଏକାଧିକ ରିସୋର୍ଟ ଏବେ ବନ୍ୟାଜଳ ଘେରରେ ରହିଛି। ହଳଦିଆ ବନ୍ଧର ତିନୋଟି ଗେଟ୍ ଖୋଲା ଯାଇଥିବାରୁ ବୁଢାବଳଙ୍ଗ ବନ୍ୟା ଜଳ କମିବା ବିଳମ୍ବିତ ହେବ। ଅପରପକ୍ଷରେ ଶନିବାର ପୂର୍ଣ୍ଣିମା ହେତୁ ସମୁଦ୍ର ମଧ୍ୟ ଜୁଆରିଆ ରହିବ। ଏଣୁ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି।

ଏହି ପ୍ରଳୟଙ୍କରୀ ବର୍ଷା ଯୋଗୁଁ ସାରସକଣା ବ୍ଲକ ଜାଲଦା ପଞ୍ଚାୟତର ପୁନସିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ତୁନୁ ନାଏକ ନାମକ ଜଣେ ମହିଳାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ପରିସ୍ଥିତିକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଙ୍ଗନବାଡ଼ିଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରାଯାଇଛି। ନଦୀସଂଲଗ୍ନ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର କାର୍ଯ୍ୟ ଲାଗି ୩ଟି ଓଡ୍ରାଫ୍ ଟିମ୍ ସହ ସମସ୍ତ ଅଗ୍ନିଶମ ବାହିନୀକୁ ନିୟୋଜିତ କରାଯାଇଛି। ବନ୍ୟା ସ୍ଥିତି ଆହୁରି ଜଟିଳ ହେବା ଆଶଙ୍କା ଥିବାରୁ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ହାଇଆଲର୍ଟରେ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୨୩ ତାରିଖରୁ ଲାଗିରହିଥିବା ପ୍ରବଳ ବର୍ଷା ଯୋଗୁଁ ଜିଲ୍ଲାର ୨୦ଟି ବ୍ଲକ୍, ୧ଟି ପୌରାଞ୍ଚଳ (ବାରିପଦା) ଓ ୧ଟି ଏନଏସି ପ୍ରଭାବିତ ହୋଇଛି। ବଡ଼ସାହି, ଉଦଳା ଓ ବାରିପଦାରେ ୧ଟି ଓଡ୍ରାଫ୍ ଟିମ୍ ସହିତ ସମଗ୍ର ଜିଲ୍ଲାରେ ୧୮ ଟି ଅଗ୍ନିଶମ ବାହିନୀ ଟିମ୍ ନିୟୋଜିତ ରହି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ସ୍ଥାନାନ୍ତରିତ ହୋଇଥିବା ୧୦,୩୭୩ ଜଣ ଲୋକଙ୍କ ପାଇଁ ୮୯ଟି ରିଲିଫ୍ କ୍ୟାମ୍ପ ଓ ୭୨ଟି ମାଗଣା ରନ୍ଧା ଖାଦ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି। ଏଥିସହିତ ଲୋକଙ୍କୁ ଶୁଖିଲା ଖାଦ୍ୟ (ମୁଢ଼ି, ମିକ୍ସଚର, ବିସ୍କୁଟ), ପାନୀୟ ଜଳ ଓ ୪୭ଟି ପଲିଥିନ୍ ରୋଲ୍ ବଣ୍ଟନ କରାଯାଇଛି। ପ୍ରଭାବିତ ଲୋକଙ୍କ ଚିକିତ୍ସା ପାଇଁ ୧୧ଟି ଡାକ୍ତରୀ ଦଳ ଓ ଗୃହପାଳିତ ପଶୁଙ୍କ ଯତ୍ନ ଲାଗି ୩ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଯାନ ମୁତୟନ ହୋଇଛନ୍ତି। କ୍ଷୟକ୍ଷତିର ପ୍ରାଥମିକ ଆକଳନ ଅନୁସାରେ ୧ଟି କଚ୍ଚା ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ୪ଟି ଗୁରୁତର ଓ ୨୩୧ଟି ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଏହାବ୍ୟତୀତ ୬ଟି ପକ୍କା ଘର, ୪ଟି କୁଡ଼ିଆ ଓ ୩ଟି ଗୁହାଳ ଆଂଶିକ ନଷ୍ଟ ହୋଇଥିବା ଜଣାପଡ଼ିଛି।

# ଲଗାଣ ବର୍ଷା; ଲଗାତାର କ୍ଷୟକ୍ଷତି: ଜୀବନଯାତ୍ରା ପ୍ରଭାବିତ

କେନ୍ଦୁଝର, ୨୬।୯ (ସମିସ)

କେନ୍ଦୁଝର ଜିଲ୍ଲାରେ ଗତ ବୁଧବାର ରାତ୍ରିଠାରୁ ଲଗାଣ ବର୍ଷା ଜାରି ରହିଥିବାରୁ ପୂର୍ବ ଭଳି ପୁଣି ବିଭିନ୍ନ ସ୍ଥାନରେ ବାରମ୍ବାର କ୍ଷୟକ୍ଷତି ପରିଲକ୍ଷିତ ହୋଇଛି। ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ଶୁକ୍ରବାର ମଧ୍ୟ ଲଗାଣ ବର୍ଷା ଦେଖାଯାଇଥିଲା। ସୂଚନା ଅନୁସାରେ, ୨୪ ତାରିଖ କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ୨୬.୨ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ବାଂଶପାଳ ବ୍ଲକ ଅଞ୍ଚଳରେ ୪୨.୩ ମିମି, ତେଲକୋଇରେ ୬୧.୪ ମିମି, ପାଟଣାରେ ୩୧.୬ ମିମି, ସାହାରପଡାରେ ୨୦.୪ ମିମି, ଘଟଗାଁରେ ୫୪.୬ ମିମି, ହରିଚନ୍ଦନପୁରରେ ୭୨.୮ ମିମି ବର୍ଷା ରେକର୍ଡ ହୋଇଛି। ଆନନ୍ଦପୁର ବ୍ଲକ ଅଞ୍ଚଳରେ ୬୬.୪ ମିମି, ଘସିପୁରା ଅଞ୍ଚଳରେ ୧୧୦.୨ ମିମି, ହାଟଡିହିରେ ୬୪.୧ ମିମି, ଚମ୍ପୁଆରେ ୧୫.୨ ମିମି, ଯୋଡା ଅଞ୍ଚଳରେ ୧୦.୨ ମିଲିମିଟର ଏବଂ ଝୁମ୍ପୁରାରେ ୧୯.୪ ମିଲିମିଟର ବର୍ଷା ହୋଇଛି। ସେହିପରି ୨୫ ତାରିଖ କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ୧୨୫.୫ ମିମି, ବାଂଶପାଳରେ ୪୭.୩ ମିମି, ତେଲକୋଇରେ ୨୨ ମିମି, ପାଟଣାରେ ୪୬.୬ ମିମି, ସାହାରପଡାରେ ୯୨.୨ ମିମି, ଘଟଗାଁରେ ୭୨.୨ ମିମି, ହରିଚନ୍ଦନପୁରରେ ୧୪୪.୬ ମିମି, ଆନନ୍ଦପୁରରେ ୭୪.୪ ମିମି, ଘସିପୁରାରେ ୧୦୮.୬ ମିମି, ହାଟଡିହିରେ ୭୧.୩ ମିମି, ଚମ୍ପୁଆରେ ୫୦.୨ ମିମି, ଯୋଡାରେ ୯୨.୬ ମିଲିମିଟର ଏବଂ ଝୁମ୍ପୁରା ଅଞ୍ଚଳରେ ୫୩.୪ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି।

## ରତନପୁର ନଦୀରେ ୫ ଫୁଟ୍ ବନ୍ୟାପାଣି



ସଦର ବ୍ଲକ ରତନପୁର ମାଛକାନ୍ଦଣା ନଦୀରେ ବର୍ଷା ଜଳ କାରଣରୁ ରତନପୁର ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇଛି। ଫଳରେ ସେ ଅଞ୍ଚଳରୁ ଜାତୀୟ ରାଜପଥ ୨୦ ଆଡ଼କୁ ଗମନଗମନ ବନ୍ଦ ହୋଇଛି। ପୋଲ ଉପରେ ୫ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି। ୨୦ ନମ୍ବର ଜାତୀୟ ରାଜପଥକୁ ଯିବାଆସିବା ଠପ ହୋଇଛି। ଅନ୍ୟପଟେ, ରାସ୍ତାରେ ରୋଗୀସେବାରେ ନିୟୋଜିତ ୧୦୮ ଆମ୍ବୁଲାନ୍ସ ଯିବାଆସିବା କରି ପାରିନଥିଲା। ଗୋନାଶିକା ଘାଟିରୁ ମଧ୍ୟ ରାସ୍ତା ଉପରକୁ ମାଟି ଅତଡା ଖସି ଗାଡି ମୋଟର ଚଳାଚଳରେ ସତର୍କତା ଅବଲମ୍ବନ କରାଯାଉଛି। କାଞ୍ଚିପାଣି ଘାଟିରେ କେତେକ ସ୍ଥାନରେ ଭୂସ୍ଖଳନ ନିମନ୍ତେ ରାସ୍ତାରେ ଗାଡିମୋଟର ଚଳାଚଳରେ ସତର୍କତା ଜାରି କରାଯାଇଛି।

କେନ୍ଦୁଝର ସହରର ବିଭିନ୍ନ ଅଞ୍ଚଳରେ ପୌରପାଳିକା ପକ୍ଷରୁ ପମ୍ପ ମାଧ୍ୟମରେ ଜଳ ନିଷ୍କାସନ ଚାଲିଛି। ତଳି ଅଞ୍ଚଳରେ ରାସ୍ତା ଉପରେ ପାଣି ଜମିଥିବାରୁ ସାଧାରଣ ଜୀବନ ଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷାରେ ଏକାଧିକ କଚା ଘର ଭାଙ୍ଗିଥିବା ଖବର ମିଳିଛି। ପ୍ରବଳ ବର୍ଷା ଏବଂ ବୈତରଣୀ ଜଳସ୍ତର ବୃଦ୍ଧିକୁ ଦେଖି ପ୍ରଶାସନ ପକ୍ଷରୁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇ ତଳିଆ ଅଞ୍ଚଳଗୁଡିକୁ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି।

## ରେମାଳ ଡ୍ୟାମ୍‌ରୁ ଛଡ଼ାଗଲା ବନ୍ୟାଜଳ

ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ହରିଚନ୍ଦନପୁର ବ୍ଲକସ୍ଥିତ ରେମାଳ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଇଛି। ଡ୍ୟାମ୍‌ର ୨ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ଛଡା ଯାଉଛି ବୋଲି ସୂଚନା ମିଳିଛି। ଡ୍ୟାମର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୨୧.୦୦ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୧୧୮.୯୦ ମିଟର ରହିଛି। ଶୁକ୍ରବାର ଅପରାହ୍ନ ୨ଟାରେ ଜଳଭଣ୍ଡାର ଭିତରକୁ ପ୍ରତି ସେକେଣ୍ଡରେ ୧୧୧.୫୩ କ୍ୟୁବିକ୍ ମିଟର ପର ସେକେଣ୍ଡ ଜଳ ପ୍ରବେଶ କରୁଥିବାବେଳେ ୨ଟି ଗେଟ ମାଧ୍ୟମରେ ପ୍ରତି ସେକେଣ୍ଡରେ ୧୨୩.୨୦ କ୍ୟୁବିକ୍ ମିଟର ପର ସେକେଣ୍ଡ ବନ୍ୟାଜଳ ନିଷ୍କାସନ ହେଉଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ରାତିରେ ଜଳପତ୍ତନ ବୃଦ୍ଧି ପାଇବା ସମ୍ଭାବନା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ତଳିଆ ଅଞ୍ଚଳର ଲୋକମାନଙ୍କୁ ସତର୍କ ସୂଚନା ଜାରି କରାଯାଇଛି।

## କାନ୍‌ଝାରୀ ଡ୍ୟାମ୍ ୨ଟି ଗେଟ୍‌ରୁ ଜଳ ନିଷ୍କାସନ



କାନଝାରୀ ଡ୍ୟାମର ମୋଟ ୭ଟି ଗେଟରୁ ୨ଟି ଗେଟ ଖୋଲାଯାଇଛି। କେନ୍ଦୁଝର ସଦର ଏବଂ ଘଟଗାଁ ବ୍ଲକ ସୀମାନ୍ତରେ ଅବସ୍ଥିତ କାନଝାରୀ ନଦୀବନ୍ଧ ପ୍ରକଳ୍ପର ଜଳଭଣ୍ଡାର ଭିତରକୁ ମୁଖ୍ୟତଃ କାଳିଞ୍ଜର, ବୁଢୀନଦୀ ଓ ହନୁମତିଆ ନାଳରୁ ବନ୍ୟାଜଳ ପ୍ରବେଶ କରୁଛି। ଗତ ୩ ଦିନ ହେବ ଉପର ମୁଣ୍ଡରେ କ୍ରମାଗତ ଭାବେ ପ୍ରବଳ ବର୍ଷା ହେବାରୁ ବନ୍ୟାଜଳ ଆସି କାନଝାରୀ ଜଳଭଣ୍ଡାରରେ ପ୍ରବେଶ କରି ଜଳସ୍ତର ବୃଦ୍ଧି ପାଇଥିଲା। କାନଝାରୀ ଡ୍ୟାମର ଏଫ୍‌ଆରଏଲ ବା ଫୁଲ ରିଜର୍ଭ ଲେବୁଲ ୪୦୮.୫୦ ମିଟର ଥିବାବେଳେ ଶୁକ୍ରବାର ଜଳସ୍ତର ୪୦୭.୨୮ ମିଟର ରହିଛି। ଜଳଭଣ୍ଡାର ଭିତରକୁ ପ୍ରତି ସେକେଣ୍ଡରେ ୨୧୧.୨୯ କ୍ୟୁବିକ ମିଟର ଜଳ ପ୍ରବେଶ କରୁଥିବାବେଳେ ୨ଟି ଗେଟ ମାଧ୍ୟମରେ ପ୍ରତି ସେକେଣ୍ଡରେ ୨୫୫.୭୩ କ୍ୟୁବିକ ମିଟର ବନ୍ୟାଜଳ ନିଷ୍କାସନ ହେଉଛି। ନଦୀନାଳରେ ଜଳସ୍ତର ବୃଦ୍ଧି ପାଉଥିବାରୁ ତଳି ଅଞ୍ଚଳ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ବୋଲି କେନ୍ଦୁଝର ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ଇଂ ଲିପିକା ଡି କାଶ୍ୟପ ସୂଚନା ଦେଇଛନ୍ତି।

## ଜୁଡ଼ିଆ ଘାଟିରେ ଭୂସ୍ଖଳନ
# ଏନ୍‌ଏଚ୍ ୪୯ ଗୋଟିଏ ପାର୍ଶ୍ୱ ଅବରୋଧ





କେନ୍ଦୁଝର: ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ର କେନ୍ଦୁଝର ନିକଟ ଜୁଡ଼ିଆ ଘାଟି ଉପରେ ଭୂସ୍ଖଳନ ଘଟିଛି। ଘାଟିରୁ ବଡ଼ ବଡ଼ ପଥର ଓ ମାଟି ଅତଡ଼ା ଖସି ଜାତୀୟ ରାଜପଥ ୪୯ ଉପରେ ପଡ଼ିବାରୁ ରାସ୍ତାରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି। ସମ୍ପ୍ରତି ରାଜପଥର ଗୋଟିଏ ପାର୍ଶ୍ୱ ଅବରୋଧ ହୋଇଛି। ରାସ୍ତା ଉପରେ ପଡ଼ିଥିବା ମାଟି ଅତଡା ଓ ପଥର ହଟାଇବା ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ସଫେଇ କାର୍ଯ୍ୟ ଜାରି ରହିଛି। ଘାଟି ଦେଇ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଧୀରଗତିରେ ଚାଲୁଛି ଏବଂ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଗାଡିମୋଟରଗୁଡିକ ସତର୍କତା ଅବଲମ୍ବନ ନିମନ୍ତେ କୁହାଯାଇଛି। ପ୍ରବଳ ବର୍ଷା ଫଳରେ ଉପରୁ ବଡ ବଡ ପଥର ରାସ୍ତା ଉପରେ ପଡୁଛି। ବର୍ଷା ରାଗି ରହିଥିବାରୁ ସେଗୁଡିକୁ ରାସ୍ତାରୁ ହଟାଇବାରେ ସମସ୍ୟା ହେଉଛି। ଅନ୍ୟପଟେ, ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ଏହା ସୃଷ୍ଟି କରିଛି। ଏହାର ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ଭୁଶୁଡ଼ିଲା ଦୁଇ ବଖରା ଘର



ଚମ୍ପୁଆ: ଲଗାଣ ବର୍ଷାରେ ଅସ୍ତବ୍ୟସ୍ତ ଜନଜୀବନ। ଅବିରତ ବର୍ଷା ଯୋଗୁଁ ଦୁର୍ବଳ ଘରଗୁଡ଼ିକ ପ୍ରତି ବିପଦ ବଢ଼ିବାରେ ଲାଗିଛି। ଏଭଳି ଏକ ଅଘଟଣ ଘଟିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜ୍ୟୋତିପୁର ଆରଆଇ ସର୍କଲର ଫୁଲକଅଁଳେଇ ଗ୍ରାମରେ। ଲଗାଣ ବର୍ଷା ଯୋଗୁଁ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଗୁଣନିଧି ପତିଙ୍କ ଦୁଇ ବଖରା ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ତେବେ ଘଟଣା ସମୟରେ ପରିବାର ସଦସ୍ୟମାନେ ଘର ବାହାରେ ଥିବାରୁ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ତହସିଲ ଅଧୀନ ଫୁଲକଅଁଳେଇ ଗ୍ରାମର ଗୁଣନିଧି ପତିଙ୍କ ପରିବାର ଘର ବାହାରେ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ହଠାତ୍ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ଦୁଇ ବଖରା ଘରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିଲା।

## ତେଲ ନଦୀ ପୋଲରେ ୪ ଫୁଟ୍‌ର ବନ୍ୟାଜଳ

ତୁରୁମୁଙ୍ଗା: କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ କୁମୁଳାବାହାଳି ତେଲ ନଦୀ ପୋଲ ଉପରେ ଶୁକ୍ରବାର ଅପରାହ୍ନରୁ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ କେନ୍ଦୁଝର-ମୟୂରଭଞ୍ଜ ମଧ୍ୟରେ ଯୋଗାଯୋଗ ବିଛିନ୍ନ ହେବା ସହ ଯାତାୟତରେ ବାଧାପ୍ରାପ୍ତ ହୋଇଛି। ଉପର ମୁଣ୍ଡ ଶିମିଳିପାଳ ଅଞ୍ଚଳରେ ବର୍ଷା ଯୋଗୁଁ ନଦୀର ଜଳସ୍‌ରୋତ ବଢିବା ସହ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ପୋଲ ଉପରେ ପାଣି ଚାଲିଥିବା ଯୋଗୁଁ ସାହାରପଡା ବ୍ଲକର ଦାମାହୁଦା ଓ ମାଛଗଡ଼ ଅଞ୍ଚଳରୁ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳରେ ବେହାଲ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପାଟଣା ବ୍ଲକ ଅଞ୍ଚଳରେ ୪୬.୦୬, ସାହାରପଡା ବ୍ଲକ ଅଞ୍ଚଳରେ ୯୨.୦୨ ମିଲି ମିଟର ବର୍ଷା ରେକର୍ଡ ହୋଇଛି। ଉପର ମୁଣ୍ଡ ଶିମିଳିପାଳ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ସାହାରପଡା ବ୍ଲକ କୁମୁଳାବାହାଳି ତେଲ ନଦୀ ପୋଲ ଉପରେ ୫ ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବାରୁ କେନ୍ଦୁଝର ଜିଲ୍ଲାର ସାହାରପଡା ବ୍ଲକର ମାଛଗଡ଼ ଦାମାହୁଦା ଅଞ୍ଚଳରୁ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଉପରମୁଣ୍ଡ ଚମ୍ପୁଆ ଅଞ୍ଚଳରେ ବର୍ଷା ଯୋଗୁଁ ବୈତରଣୀ ନଦୀର ଜଳସ୍ରୋତ ବୃଦ୍ଧି ପାଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ବିପଦ ସଙ୍କେତ ତଳେ ବନ୍ୟାଜଳ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ପକ୍ଷରୁ ସୂଚନା ମିଳିଛି।

ଅନ୍ୟପଟେ, ପାଟଣା ତହସିଲ ଟାଙ୍ଗରପଡା ଆରଆଇ ସର୍କଲରେ ଗୋଟିଏ, ଖିରେଇଟାଙ୍ଗିରୀ ଆରଆଇ ସର୍କଲରେ ୩ଟି ଚେମଣା ଆରଆଇ ସର୍କଲରେ ୪ଟି , ଚାକୁଣ୍ଡାପାଳ



ସର୍କଲରେ ୩ଟି, କେନ୍ଦେଇପଶିରେ ୨ଟି, କଣ୍ଟିଆପଡାରେ ୩ଟି, ମୁଷାଖୋରିରେ ଗୋଟିଏ, ସୋରସକେଲାରେ ୨ଟି ଏବଂ ରାଜନଗର ସର୍କଲରେ ଗୋଟିଏ ଘର ଭାଙ୍ଗିଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଉଥିବା ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ ସୂଚନା ଦେଇଛନ୍ତି।

## ଆନନ୍ଦପୁର ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଆନନ୍ଦପୁର, ୨୬।୯ (ସମିସ): ପ୍ରଜ୍ଞାନ ମିଶନ୍ ଆନୁକୂଲ୍ୟରେ ଆନନ୍ଦପୁର ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗୀତା ଟୁକୁଣାସ୍ଥିତ ବଳଭଦ୍ର ନାରାୟଣ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ପ୍ରାଧ୍ୟାପକ ଡାଃ ଗୋପୀନାଥ ପଣ୍ଡାଙ୍କ ଆବାହନକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲାର ବରିଷ୍ଠ କ୍ରିୟାଯୋଗୀ ହରିହର ନାୟକ ଉଦଘାଟନ କରିଥିଲେ। କେନ୍ଦୁଝର ଜିଲ୍ଲା ସଂଯୋଜିକା ଶୁଭସ୍ମିତା ମିଶ୍ର ଓ ବିଭୂସ୍ମିତା ମିଶ୍ରଙ୍କ ଦ୍ୱାରା ଗୀତା ଧ୍ୟାନ ଶ୍ଲୋକ ଆବୃତ୍ତି କରାଯିବା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବିଭିନ୍ନ ବିଭାଗରେ ପ୍ରାୟ ୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ପ୍ରହଲ୍ଲାଦ ମୁଦୁଲି, ଡାଃ ବିପ୍ରବର ଦଳାଇ, ଝୁନୁବାଳା ଜେନା ଶୁଭସ୍ମିତା ମିଶ୍ର, ବିଭୁସ୍ମିତା ମିଶ୍ର, ମହାଶ୍ୱେତା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ଚୟନ କରି ପ୍ରଜ୍ଞାନ ମିଶନ୍ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ପ୍ରଜ୍ଞାନ ମିଶନର ସଦସ୍ୟ ସାମିଲ ହୋଇଥିଲେ।

## ବୀରଗୋବିନ୍ଦପୁରରେ ଦୀନଦୟାଲଙ୍କ ଜୟନ୍ତୀ

ଆନନ୍ଦପୁର, ୨୬।୯ (ସମିସ): ମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଘସିପୁରା ନିର୍ବାଚନମଣ୍ଡଳୀ ବିଜେପି ପକ୍ଷରୁ ବୀରଗୋବିନ୍ଦପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବିଜେପିର ବର୍ଷୀୟାନ କାର୍ଯ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ସଂଯୋଜନାରେ ଗିରିଧାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରାର୍ଥୀ ଡ଼ଃ ଶମ୍ଭୁନାଥ ରାଉତ ଯୋଗ ଦେଇଥିଲେ। ସମାଜର ସର୍ବନିମ୍ନ ଅବହେଳିତ ବ୍ୟକ୍ତିର ବିକାଶରେ ଦେଶର ବିକାଶ ହୋଇପାରିବ ବୋଲି ଦୀନ ଦୟାଲ ଉପାଧ୍ୟାୟଙ୍କ ମାର୍ମିକ ଦର୍ଶନକୁ ସୁନ୍ଦର ଭାବେ ଡ଼ଃ ରାଉତ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ମଙ୍ଗୁଳି ମାଝୀ, ଉତ୍ତମ ଡ଼ାଙ୍ଗୁଆ, ରାହାସ କୁଁଅର, ଅର୍ଜୁନ ବାରିକ, କାଳନ୍ଦୀ ଡ଼ାଙ୍ଗୁଆ, କନକ ପାଢ଼ୀ, ଜୟନ୍ତୀ ମାଝୀ, ରଶ୍ମିତା ପରିଡ଼ା, କଇନ୍ତା ଦାସ ସମେତ ଅନେକ ପୁରୁଷ ମହିଳା ଯୋଗ ଦେଇଥିଲେ।

## ଆନ୍ତଃଜିଲ୍ଲା ଉସୁ ପ୍ରତିଯୋଗୀତା ଉଦ୍‌ଯାପିତ



ବଡବିଲ, ୨୬।୯ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ହେଉଥିବା ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଉସୁ ପ୍ରତିଯୋଗୀତା ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଓ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଏହି କ୍ରୀଡା ପ୍ରତିଯୋଗିତା ଗତ ୨୧ ତାରିଖରୁ ବଡବିଲ ଉସୁ ଷ୍ଟାଡିୟମ୍‌ରେ ଖେଳାଯାଇଥିଲା। ବିଭିନ୍ନ ଜିଲ୍ଲାରୁ ୧୭ ବର୍ଷରୁ କମ୍ ଦୁଇ ଶହ ବାଳକବାଳିକା ଅଂଶ ଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ମୁଖ୍ୟଅତିଥି ଓ ପୌର ନର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବାଳକ ବିଭାଗରେ କେନ୍ଦୁଝର ଜିଲ୍ଲା ଦଳଗତ ଚାମ୍ପିଅନ୍ ହୋଇଥିବା ବେଳେ ବାଳିକା ବିଭାଗରେ ବଲାଙ୍ଗିର ଜିଲ୍ଲା ଚାମ୍ପିଅନ ହୋଇଥିଲେ। ବଡବିଲ କଲେଜର ଅମ୍ରିତ ଭଟ୍ଟାଚାର୍ଯ୍ୟ, ସରସ୍ୱତୀ ଶିଶୁ ମନ୍ଦିରର ଯୋଗେଶ୍ୱର ମହାନ୍ତ, ସେଣ୍ଟ ମେରୀଜ୍ ଓଡ଼ିଆ ସ୍କୁଲର ଜାଭିୟର ଟୋପ୍‌ନୋ କେନ୍ଦୁଝର ଜିଲ୍ଲାରୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଓଡ଼ିଶା ଉସୁ ସଂଘର ରେଫରୀ କ୍ରୀଡା ପରିଚାଳନା କରିଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ସ୍ୱାଗତ ସଭା

ଆନନ୍ଦପୁର, ୨୬।୯ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ଇଂରାଜୀ ବିଭାଗରେ ନବାଗତଙ୍କୁ ସ୍ୱାଗତ ଜଣାଇବା ପାଇଁ ନୂତନ ସମ୍ମିଳନୀ କକ୍ଷରେ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଦୁର୍ଗାଶଙ୍କର ପରିଡାଙ୍କ ସଭାପତିତ୍ୱରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅଧକ୍ଷ ଡକ୍ଟର ଦେବେନ୍ଦ୍ର ନାରାୟଣ ପତ୍ରି ଯୋଗ ଦେଇଥିଲେ। ସର୍ବପ୍ରଥମେ ପୁଷ୍ପଲତା ରାମ ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ବିଭାଗର ବିଭାଗୀୟ ମୁଖ୍ୟ ପରିଡା ସ୍ୱାଗତ ଭାଷା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁଚାରଣ ରାଉତ, ପ୍ରଫୁଲ୍ଲ କୁମାର ପଣ୍ଡା, ସୂର୍ଯ୍ୟମଣି ଜେନା, ନିହାରିକା ପ୍ରିୟଦର୍ଶିନୀ ପାତ୍ର, ସୁଲୋଚନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ଅର୍ଚ୍ଚନା ସାହୁ, ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ ଜେନା ସଭା ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା।

## ୬ ନଂ ୱାର୍ଡରେ ଅନନ୍ତ ବାସୁଦେବଙ୍କ ପୂଜା

ଆନନ୍ଦପୁର, ୨୬।୯ (ସମିସ): ଆନନ୍ଦପୁରରେ ଅନନ୍ତ ବାସୁଦେବଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପୌରପାରିଷଦ ଅନ୍ତର୍ଗତ ୬ ନମ୍ବର ୱାର୍ଡରେ ଥିବା ଇଂ କିରନ ପାଢ଼ୀଙ୍କ ବାସଭବନରେ ସର୍ବପୁରାତନ ଅନନ୍ତବସୁଦେବଙ୍କ ଗୋଠ ପୂଜା ହୋଇଥିଲା। ପ୍ରତ୍ୟୁଷରୁ ପୁଣ୍ୟତୋୟା ବୈତରଣୀ ନଦୀରୁ କଳସରେ ଜଳ ଅଣାଯାଇ ଶକ୍ତିପୀଠରେ ସ୍ଥାପନା କରାଯାଇଥିଲା। ପରେ ଅନନ୍ତ ବାସୁଦେବଙ୍କ ନିକଟରେ ବାଳ ଭୋଗ ଲାଗି କରାଯାଇଥିଲା। ଅମୃତ ବେଳାରେ ପ୍ରଭୁ ଅନନ୍ତବାସୁଦେବ ଅନନ୍ତ ନାଗ ଉପରେ ଅନନ୍ତ ଶୟନରେ ଶୋଇଥିବା ବେଳେ ଜଗତଜନନୀ ମା ଲକ୍ଷ୍ମୀ ପଦ ମର୍ଦ୍ଦନ କରୁଥିବା ଦୃଶ୍ୟରେ ଭକ୍ତଙ୍କୁ ଦର୍ଶନ ଦେଉଥିଲେ। ଇଂ କିରନ ପାଢ଼ୀ ଏବଂ ପତ୍ନୀ କବିତା ରାଣୀ ଦୀକ୍ଷିତ ଯଜମାନ କାର୍ଯ୍ୟ ତୁଲାଇଥଲେ। ପଣ୍ଡିତ ଗଉରଚନ୍ଦ୍ର ମିଶ୍ର ଏବଂ ଅଭି ମିଶ୍ର ପୂଜକ କାର୍ଯ୍ୟ ନିର୍ବାହ କରିଥିଲେ। ଯଜ୍ଞ ସମାପନ ପରେ ଦିବ୍ୟ ଆଳତି କରାଯାଇ ଜଗତର ମଙ୍ଗଳ କାମନା କରାଯାଇଥିଲା। ମାନସିକଧାରୀମାନେ ପାଦୁକା ସେବନ ପୂର୍ବକ ବ୍ରତ ବାନ୍ଧି ସେମାନଙ୍କ ଉପବାସ ଭାଙ୍ଗିଥିଲେ। ଚଗଲ ରାମ, ସରୋଜ ରାମ, ବିଷ୍ଣୁପ୍ରସାଦ ମିଶ୍ର, ମଧୁସ୍ମିତା ମିଶ୍ର, ବିକି ରାମ, ହରପ୍ରିୟା ପାଢ଼ୀ, ଗେଲୁ ପାଢ଼ୀ, ସାଇରୁଦ୍ର ରାମ, ରବୀନ୍ଦ୍ର ନାୟକ, ନିରାକାର ସାହୁ, ଘୁଟୁରା ରାମ, ମହେଶ୍ୱର ପାଢ଼ୀ, ଅସିତ ନାୟକ, ଲତା ରାମ, ରବୀନ୍ଦ୍ର ରାମ, ଗୁଗୁଲ ରାମ, କୁନା ସିଂ, ଶ୍ରୀମତୀ ସାହୁ, ଚେମା ରାମ, କୁନି ରାମଙ୍କ ସମେତ ଶତାଧିକ ଭକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଏକ ପେଡ୍ ମାଆ କେ ନାମ ୩.୦ ଓ ସେବା ସଂକଳ୍ପ ଅଭିଯାନ

## ରରୁଆଁ ବ୍ଲକ୍‌ରେ ୨ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ




ଚମ୍ପୁଆ, ୨୬।୯ (ସମିସ): ପରିବେଶ ସୁରକ୍ଷା ସହ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ରରୁଆଁ ବ୍ଲକ ପ୍ରଶାସନ ପକ୍ଷରୁ 'ଏକ ପେଡ୍ ମାଆ କେ ନାମ ୩.୦' ଓ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ବ୍ଲକର ସମସ୍ତ ୧୨ଟି ଗ୍ରାମପଞ୍ଚାୟତରେ ବ୍ୟାପକ ବୃକ୍ଷରୋପଣ କରାଯାଇଛି। ଏହି ଅଭିଯାନରେ ୨ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଚାରା ରୋପଣ କାର୍ଯ୍ୟର ତଦାରଖ କରିଛନ୍ତି ବିଡିଓ ପ୍ରେମାନନ୍ଦ ବେହେରା। ରରୁଆଁ ଅନ୍ତର୍ଗତ ଖୁଣ୍ଟାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମର ବିଡିଓ ଶ୍ରୀ ବେହେରା କ୍ଷେତ୍ର ପରିଦର୍ଶନ କରିଥିଲେ। ସେହିପରି ନିଉଣ୍ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ନିଉଣ୍ଟି ଗ୍ରାମର ଭିକାରୀ ବନ୍ଧ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟର ମଧ୍ୟ ସେ ତଦାରଖ କରିଥିଲେ। ନିଉଣ୍ଟି, ଗୋଡ଼ାପାଳସା, ଭଞ୍ଜକିଆ, ବୁଡ଼ାମରା ସମେତ ବ୍ଲକର ସମସ୍ତ ୧୨ଟି ଗ୍ରାମପଞ୍ଚାୟତରେ ବୃକ୍ଷରୋପଣ କରାଯାଇଛି। ବିଦ୍ୟାଳୟ ପରିସର, ରାସ୍ତା ପାର୍ଶ୍ୱ ଓ ବିଭିନ୍ନ ଉପଯୁକ୍ତ ସ୍ଥାନରେ ଚାରା ରୋପଣ କରାଯାଇ ପରିବେଶର ସୁରକ୍ଷା ଓ ସବୁଜିମା ବୃଦ୍ଧି ଦିଗରେ ପଦକ୍ଷେପ ନିଆଯାଇଛି। କ୍ଷେତ୍ର ପରିଦର୍ଶନ ସମୟରେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତସମିତି ସଦସ୍ୟ, ପଞ୍ଚାୟତିରାଜ ସଂସ୍ଥାର ସଦସ୍ୟ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏବିଡିଓଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଅନ୍ୟପଟେ, ବ୍ଲକର ୨୨ଟି ଗ୍ରାମପଞ୍ଚାୟତରେ ମୋଟ ୧୯ ହଜାର ୫୦୦ ଚାରା ରୋପଣ କରାଯିବ। ଏନେଇ ଭୂଇଁପୁର ଗ୍ରାମପଞ୍ଚାୟତଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ବୃକ୍ଷରୋପଣ ସହ ଚାରାର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ନିଶ୍ଚିତ କରାଗଲେ ହିଁ ଏହି ଅଭିଯାନର ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିବ ବୋଲି ସେ ଆହ୍ୱାନ ଦେଇଛନ୍ତି।

ତେଲକୋଇ: ତେଲକୋଇ ପଞ୍ଚାୟତସମିତି ପକ୍ଷରୁ ଶୁକ୍ରବାର ସ୍ୱଚ୍ଛତା ହିଁ ସେବା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ୧୭ ଅକ୍ଟୋବର ପର୍ଯ୍ୟନ୍ତ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ସଫେଇ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ଅତିରିକ୍ତ ତହସିଲଦାର ଗୋପବନ୍ଧୁ ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ମଲ୍ଲିକ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ଓଡ଼ିଶା ଜୀବିକା ମିଶନର ଅମିର ପ୍ରଧାନଙ୍କ ସମେତ ବ୍ଲକ କର୍ମଚାରୀ, ସଫେଇ କର୍ମଚାରୀ, ଏମବିକେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ



ରହିଥିଲେ। ଏହି କାର୍ଯ୍ୟକ୍ରମକୁ ପରିମଳ ବିଭାଗର ବ୍ଲକ ସଂଯୋଜକ କିଶୋରଚନ୍ଦ୍ର ଦାସ ପରିଚାଳନା କରିଥିଲେ।

ତୁରୁମୁଙ୍ଗା: ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତ ଧରୁଆପଡାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ୍ ଯୋଗ ଦେଇଥିଲେ। ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା, ଯନ୍ତ୍ରୀ ମନୋଜ ପଣ୍ଡା ଏପିଓ ମଧୁସୂଦନ ପ୍ରଧାନ, ବିଆରସି ଜମାଲୁଦ୍ଦିନ ଖାଁ, ଏଡିଇଓ ମୋନାଲିସା ମହାନ୍ତ, ପିଇଓ ନିଶିଥ ରାଉତ, ସରପଞ୍ଚ ହରିଶଙ୍କର ଦେହୁରୀ, ସମିତିସଭ୍ୟ ସୁଶୀଳ ସାହୁଙ୍କ ପ୍ରମୁଖ ଯୋଗ ଦେଇଥିଲେ।

# ଦେଶପ୍ରେମର ଭାବନାରେ ଗୁଞ୍ଜରିତ ହେଲା ବିଭିନ୍ନ ଶିଶୁ ମନ୍ଦିର

ଆନନ୍ଦପୁର, ୨୬।୯ (ସମିସ): ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନଙ୍କ ନମାମି ଭାରତମ୍ କାର୍ଯ୍ୟକ୍ରମ ଅନୁଯାୟୀ ବନ୍ଦେ ମାତରମ୍ ସାମୂହିକ ଗାୟନ ଶିଶୁ ମନ୍ଦିର ଆନନ୍ଦପୁରର ବୌଦ୍ଧିକ ମଣ୍ଡପଠାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଅଧିକାରୀ, ଗୁରୁଜୀଗୁରୁମା ଓ ଦିବା ପର୍ଯ୍ୟାୟର ୩୧୦ ଜଣ ଛାତ୍ରଛାତ୍ରୀ ବନ୍ଦେ ମାତରମ୍ ସାମୂହିକ ଗାନ କରିଥିଲେ। ପରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟଅତିଥି ଭାବେ ଶଶିଭୂଷଣ ମହାପାତ୍ର (ବିଦ୍ୱତ୍ ପରିଷଦର ସଭାପତି), ମୁଖ୍ୟ ବକ୍ତା ଭାବେ ନିରାକାର ସାହୁ (ଆନନ୍ଦପୁର ସଙ୍କୁଳ ପ୍ରମୁଖ), ସମ୍ମାନିତ ଅତିଥି ଭାବେ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ (ପରିଚାଳନା ସମିତିର ସମ୍ପାଦକ) ଓ ସୁବାସଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ସାହୁ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ। ଗୁରୁମା ମାନସ ମଞ୍ଜରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ ହେମନ୍ତ ସାହୁ ପଙ୍କଜ ମହାନ୍ତି, ହରେକୃଷ୍ଣ ପତି, ବିଶ୍ୱଜିତ୍ ଖୁଣ୍ଟିଆ, ବଳରାମ ସେନାପତି, ଗୁରୁମା କିରଣବାଳା ବେହୁରିଆ, ସ୍ମୃତିରେଖା ଚାନ୍ଦ, ଅନ୍ୱେଷିତା ସାହୁ, ତୃପ୍ତିରାଣୀ ବେହେରା ସହଯୋଗ କରିଥିଲେ।

ଚମ୍ପୁଆ: ଦେଶପ୍ରେମର ଅମର ସ୍ୱର ଓ ଜାତୀୟ ଚେତନାର ଅନନ୍ୟ ପ୍ରତୀକ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏକ ଭବ୍ୟ 'ନମାମି ଭାରତମ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟା ଭାରତୀ ଶିକ୍ଷା ସଂସ୍ଥାନ ପକ୍ଷରୁ ଆୟୋଜିତ ଏହି ଦେଶାତ୍ମବୋଧକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ବନବାସୀ କଲ୍ୟାଣ ଆଶ୍ରମର ଜିଲ୍ଲା ସମ୍ପାଦକ ଘନଶ୍ୟାମ ମହାନ୍ତ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନଙ୍କ ସମେତ ଉମେଶଚନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ, ଗୋପବନ୍ଧୁ ମହାନ୍ତ, ସତ୍ୟଜିତ ପ୍ରଧାନ, ଭାସ୍କରଚନ୍ଦ୍ର ମହାକୁଡ଼, ନିର୍ମଳଚନ୍ଦ୍ର ମହାନ୍ତ, ରବିନ ମହାନ୍ତ ଓ ସ୍ୱରୂପଚନ୍ଦ୍ର ବାରିକଙ୍କ ସମେତ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା, ସେବକସେବିକା, ଅଭିଭାବକଅଭିଭାବିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ତୁରୁମୁଙ୍ଗା: ପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପୂର୍ବାହ୍ନରେ ସାମୂହିକ ବନ୍ଦେମାତରଂ ଗାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବ୍ରଜେନ୍ଦ୍ର କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବଡପାଟଣା ସରପଞ୍ଚ ବିନତି ବାନାରା, ମୁଖ୍ୟବକ୍ତା ଭାବରେ ସ୍ତମ୍ଭକାର ତଥା ସାମ୍ବାଦିକ ବୀରକିଶୋର ଦାଶ, ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟି ସଦସ୍ୟା ମାମିନା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଗଣେଶ୍ୱର କର ସଂଯୋଜନା କରିଥଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



## ତଳି ଅଞ୍ଚଳରେ ପଶିଲା ବୁଢ଼ାବଳଙ୍ଗ ବନ୍ୟା ପାଣି, କୂଳ ଲଙ୍ଘିଲା ଗଙ୍ଗାହାର

# ବଡ଼ସାହି-କୁଆମରା ଓ ବଡ଼ସାହି-ଉଦଳା, ପ୍ରତାପପୁର- ହରିପୁର ଯୋଗାଯୋଗ ବିଚ୍ଛିନ୍ନ

ବଡ଼ସାହି, ୨୫।୯ (ସମିସ)

ବଡସାହି ବ୍ଲକ ଅଞ୍ଚଳରେ ବୁଢ଼ାବଳଙ୍ଗ ତଳି ଅଞ୍ଚଳକୁ ମାଡ଼ିବା ଆରମ୍ଭ କରିଥିବାବେଳେ ଗଙ୍ଗାହାର ଗୁରୁବାରଠାରୁ କୂଳ ଲଙ୍ଘି ବ୍ୟାପକ କ୍ଷୟକ୍ଷତି କରିଛି। ଗତ ବନ୍ୟାରେ କୁଞ୍ଜିବଣିଆଠାରେ ୩ଟି ସ୍ଥାନରେ ଗଙ୍ଗାହାର ନଦୀର ଭେଡିବନ୍ଧ ଭାଙ୍ଗିଥିବାବେଳେ ଚଳିତ ବନ୍ୟାରେ ପୁଣି ସେହି କୁଞ୍ଜିବଣିଆର ଗ୍ରାମ ନିକଟରେ ଥିବା ରିଙ୍ଗବନ୍ଧ ଭାଙ୍ଗି ଯାଇ ଗ୍ରାମ ଓ କିଛି ଘର ମଧ୍ୟକୁ ପାଣି ପଶିବା ଆରମ୍ଭ କରିଛି। ଯାହାକୁ ନେଇ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗୁରୁବାରଠାରୁ ବଡ଼ସାହି-କୁଆମରା ରାସ୍ତାର ଖଡ଼ିକାପଦା ପୋଲ, ବଡ଼ସାହି-ଉଦଳା ରାସ୍ତାର ଦାମୋଦରପୁର ପୋଲ ଓ ପ୍ରତାପପୁର-ହରିପୁର ରାସ୍ତାର ମାଧବୀନାଳ ପୋଲ ଉପରେ ପାଣି ଚାଲୁଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ଜଡିଦା, ପାଳପାଟଣା, ନରଣଗାଁ, କୁଞ୍ଜିବଣିଆ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ନଦୀର ଜଳସ୍ତର ବୃଦ୍ଧି ପାଉଥିବାବେଳେ ନଦୀକୂଳିଆଙ୍କ ଚିନ୍ତା ବଢ଼ିଛି। ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ମୁଖ୍ୟ ରାସ୍ତା, ନଦୀ, ନାଳ, ତଳିଆ ଅଞ୍ଚଳ ଓ ଜଳବନ୍ଦୀ ସ୍ଥାନରୁ ଦୂରରେ ରହିବା ପାଇଁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି ଜିଲ୍ଲାପାଳ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ଓ ବିଡିଓ ବନଜା



ଦାସ ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି ପରିସ୍ଥିତିର ଅନୁଧାନ କରି ଫେରିଛନ୍ତି। ପାଣି ବଢ଼ିବା ଆଶାରେ ଆଗ୍ରିଆ, ଶାଳଗାଁ, ପାଳପାଟଣା, କୁଞ୍ଜିବଣିଆ, ଦେବସ୍ଥଳ ଓ ସୋରିଷକୋଠାରେ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଉଥିବା ବିଡିଓ ପ୍ରକାଶ କରିଛନ୍ତି। ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଓ ବିଡିଓ ବନଜା ଦାସ ଗଣମାଧ୍ୟମ ପ୍ରତିନିଧି ଓ ନିର୍ବାଚିତ ପ୍ରତିନିଧିଙ୍କ ସହିତ ଯୋଗାଯୋଗରେ ଥିବାବେଳେ ସଦାସର୍ବଦା ସୂଚନା ପ୍ରଦାନ କରିବା ସହିତ ସୂଚନା ସଂଗ୍ରହ କରୁଛନ୍ତି।

ବଡସାହି ସିଏଚସି ପକ୍ଷରୁ ଏକ ସ୍ୱାସ୍ଥ୍ୟ ଟିମ ମଧ୍ୟ ପ୍ରସ୍ତୁତ ହୋଇରହିଥିବା ଜଣାଯାଇଛି। ବୁଢାବଳଙ୍ଗ ନଦୀ ସଂଲଗ୍ନ ଆରପଟା, ପତରାପଦା, ଘୁଷୁରିଆ, ବେଲପାଳ, ବାରିହାପାଳ, ବର୍ତନା, ଡ଼ିଙ୍ଗିରା, ବାଗୁଲି, ଶଙ୍କୁଚା, ଗମ୍ଭାରିଆ, ଆସ୍କନ୍ଦ, ତେନ୍ତୋଳ, ଜଳନଣ୍ଡ, ଚନ୍ଦନପୁର, ମହୁପୁରା, ସର୍ବେଶ୍ୱରପୁର, କୁଡ଼ିମୁଣ୍ଡା, ମିରିଗିଦାରୀ, ଉତରପାଳ,

### ଭାଙ୍ଗିଲା କୁଞ୍ଜିବଣିଆ ରିଙ୍ଗ ବନ୍ଧ

ପଣ୍ଡୁପାଳ, କୁଲକୁଠା, ତ୍ରିଲୋଚନପୁର, ରଙ୍ଗପାଣି ତଳି ଅଞ୍ଚଳରେ ପାଣି ପଶିବା ଆରମ୍ଭ କରିଛି। ସେହିପରି ଗଙ୍ଗାହାର ନଦୀ ସଂଲଗ୍ନ ମାଣତ୍ରୀ କୁଣ୍ଡିସାହି, କୁଞ୍ଜିବଣିଆ, ଉଟଂଡ଼ିହି, ସିମିଳିସାହି, ଆଗ୍ରିଆ, ଡୁମୁରିଆ, ନୁଣକୁଆ, ଜଡ଼ିଦା, ଭୁରୁଡ଼ିହା, ଶାଳଗାଁ, ନରଣଗାଁ, ପାଳପାଟଣା, ଦାସିପୁର, ଆଦିଡ଼ିହା, ଚେଙ୍ଗୁଆମଙ୍ଗଳପୁର, ମାଙ୍କଡ଼କେନ୍ଦା, ସୁହାଗପୁର, ଖଡ଼ିକାପଦା, ବେଢ଼ାପାଳ ଓ ଆଦିଡ଼ିହା ଗ୍ରାମର ତଳି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କର ଚାଷ ଜମି, ପରିବା କ୍ଷେତରେ ବ୍ୟାପକ କ୍ଷତି କରିଛି। ବର୍ଷା ଯଦିଓ କମିଛି ନଦୀର ଜଳ ବୃଦ୍ଧି ପାଉଥିବାରୁ ଲୋକମାନେ ଆତଙ୍କିତ ରହିଛନ୍ତି।

● ନାଲୁହା ନଦୀରେ ବନ୍ୟା

# ୧୯ ନମ୍ବର ଜାତୀୟ ରାଜପଥ ଉବୁଟୁବୁ



କୁଆମରା, ୨୫।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ମଙ୍ଗଳବାର ରାତିରୁ ଶୁକ୍ରବାର ପର୍ଯ୍ୟନ୍ତ ଚାରିଦିନ ଧରି ଅବିଶ୍ରାନ୍ତ ବର୍ଷା ଯୋଗୁଁ ନାଲୁହା ନଦୀରେ ବନ୍ୟା ଆସିଛି। ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ନାଲୁହା ନଦୀରେ ବୁଧବାରଠାରୁ ଜଳପତନ କ୍ରମଶଃ ବୃଦ୍ଧି ପାଇ ଆସୁଥିବାବେଳେ ଶୁକ୍ରବାର ଖୁଣ୍ଟା ବ୍ଲକର ଭୋଳାଗୋଡିଆ, ଡେଙ୍ଗାମ, କରକଟିଆ ଓ ଗଡ଼ିଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବନ୍ୟା ଜଳ ପଶିବା ଯୋଗୁଁ କଚ୍ଚା ଘରକୁ ବିପଦ ଦେଖାଦେଇଛି। ବନ୍ୟା ଯୋଗୁଁ ନାଲୁହା ନଦୀ ପୋଲ

### ଦୁଇ ବ୍ଲକର ୧୬ରୁ ଅଧିକ ଗାଁ ପ୍ରଭାବିତ

ଉପରେ ଆଜି ସକାଳେ ଚାରିଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ବନ୍ୟା ଜଳରେ ଉବୁଟୁବୁ ହେଉଥିବାବେଳେ ଉଦଳା-ଖୁଣ୍ଟା ଓ ବାରିପଦା ଯୋଗାଯୋଗ ଠପ୍ ହୋଇପଡ଼ିଛି। ଚଳିତବର୍ଷ ଏହି ନଦୀର ଏହା ବଡ଼ ବନ୍ୟା ବୋଲି କୁହାଯାଇଛି। ତେବେ ଉପର ମୁଣ୍ଡାରେ ବର୍ଷା ଲାଗି ରହିବା ଯୋଗୁଁ ମଧ୍ୟାହ୍ନ ବେଳକୁ ଅଧିକରୁ ଆରମ୍ଭ ବନ୍ୟା ଜଳ ଆସୁଥିବାରୁ ନଦୀ କୂଳରେ ବସବାସ କରୁଥିବା ଲୋକଙ୍କ ପାଇଁ ବିପଦ ଦେଖାଦେଇଛି।

ସେହିପରି ଗଙ୍ଗାହାର ଓ ବିଭିନ୍ନ ଶାଖା ନଦୀ ଫୁଲିବାରେ ଲାଗିଛି। ନଦୀ କୂଳ ଲଙ୍ଘିବା ଯୋଗୁଁ ନଦୀ ପାର୍ଶ୍ୱରେ ଥିବା ଚାଷଜମି ବୁଡି ରହିବା ସହ ନଦୀପଠାରେ ପରିବା ଚାଷ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ସାନସାତଶୋଳ, ଟିକରପଡ଼ା, ବଡକଇଁମ, ପାଣ୍ଡୁଦାସଖୁଣ୍ଟା, ରାଇଡିହି, ମାଠିଆ ଭଙ୍ଗା, ମହ୍ଲାରପଦା, ବାଲିପାଳ, କଳାପାଣି, ବିପ୍ରଚରଣପୁର ପ୍ରମୁଖ ୧୬ରୁ ଉର୍ଦ୍ଧ୍ୱ ଗ୍ରାମ ପ୍ରଭାବିତ ହୋଇଛି। ବଡଫେଣୀ ପଞ୍ଚାୟତର କରଞ୍ଜିଆ ସେବା ଆଶ୍ରମ ପାଚେରୀ ଭାଙ୍ଗି ଧରାଶାୟୀ ହୋଇଛି। ବିଡିଓ ସତ୍ୟଜିତ ରାଉତଙ୍କ ନିର୍ଦ୍ଦେଶରେ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କାଙ୍କ ସମେତ ବ୍ଲକ କର୍ମଚାରୀ, ଦମକଳ ବାହିନୀ, ବିଜେପି ମୟୂରଭଞ୍ଜ ପୂର୍ବ ଜିଲ୍ଲା ଉପସଭାପତି ରଞ୍ଜନ ମହୁଆଳ, ମଣ୍ଡଳ ସଭାପତି ଦୁଷ୍ମନ୍ତ ଘୋଷ ପ୍ରମୁଖ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ। ସେହିପରି ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ଗଙ୍ଗାହାର ନଦୀର ବନ୍ୟା ପରିସ୍ଥିତି ଆଜି ଗମ୍ଭିର ହୋଇପଡ଼ିଛି। ଅନ୍ୟପକ୍ଷରେ ଦେଓ, ଟାଙ୍ଗଣା, ପ୍ରଶନ୍ନ ତଥା ଅନ୍ୟାନ୍ୟ ଶାଖା ନଦୀରେ ବନ୍ୟା ଜଳ ପ୍ରବେଶ କରିବା ଦ୍ୱାରା ଯାତାୟତ ବାଧାପ୍ରାପ୍ତ ହୋଇଛି। ଦେଓ ନଦୀରେ ବନ୍ୟା ଯୋଗୁଁ ଜାମୁଘାଟ ଅସ୍ଥାୟୀ ପୋଲ ଧୋଇଯାଇଛି। ଫଳରେ ଉଦଳା-ଗୋପବନ୍ଧୁନଗର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ବୁଢ଼ାବଳଙ୍ଗରେ ବନ୍ୟା

# ପୋଲ ଉପରେ ପାଣି, ଯାତାୟାତ ଠପ୍

ବାଙ୍ଗିରିପୋଷି, ୨୫।୯ (ସମିସ): ଗତ ଦୁଇଦିନ ଧରି ଲାଗିରହିଥିବା ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀ ଜଳସ୍ତର ବିପଦ ସଙ୍କେତ ଟପିଛି। ଫଳରେ ନଦୀ ଉପରେ ଥିବା ସେତୁ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ପୋଲ ଉପରେ ପାଣି ଚାଲିବା କାରଣରୁ ନିକଟସ୍ଥ ଗାଁଗୁଡ଼ିକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସ୍କୁଲ, କଲେଜ ବନ୍ଦ ରହିବା ସହ ପରିବହନ ବ୍ୟବସ୍ଥା ଠପ୍ ହୋଇଯାଇଛି। ଚିକିତ୍ସା, ଜରୁରିକାଳୀନ ସେବା ଓ ଦୈନନ୍ଦିନ କାର୍ଯ୍ୟ ପାଇଁ ଯାଉଥିବା ସାଧାରଣ ଲୋକେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୁରକ୍ଷା



ଦୃଷ୍ଟିରୁ ସ୍ଥାନୀୟ ପ୍ରଶାସନ ଓ ପୁଲିସ ପକ୍ଷରୁ ପୋଲର ଉଭୟ ପାର୍ଶ୍ୱରେ ବ୍ୟାରିକେଡ୍ ଲଗାଇ ଯାତାୟାତକୁ କଡ଼ାକଡ଼ି ଭାବେ ବାରଣ କରାଯାଇଛି। ଉଦ୍ଧାରକାରୀ ଦଳ ନଦୀକୂଳିଆ ଅଞ୍ଚଳରେ ହାଇଆଲର୍ଟ ଜାରି କରିବା ସହ ତଳିଆ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରୁଛନ୍ତି। ବିଶେଷ କରି ଦିନମଜୁରିଆ ଓ ଛୋଟ ବ୍ୟବସାୟୀଙ୍କ ଜୀବନଜୀବିକା ବ୍ୟାହତ ହୋଇଥିବାବେଳେ ରିଲିଫ୍ କାର୍ଯ୍ୟରେ ବାଧା ଉପୁଜିଛି।

# କାନ୍ଥ ପଡ଼ି ମହିଳାଙ୍କ ମୃତ୍ୟୁ

ସାରସକଣା, ୨୫।୯ (ସମିସ): ସାରସକଣା ବ୍ଲକ ଅନ୍ତର୍ଗତ ଜାଲାଦା ପଞ୍ଚାୟତ ପୁନସିଆ ଗ୍ରାମରେ କାନ୍ଥ ପଡ଼ି ଚୁନୁ ନାଏକଙ୍କ ମୃତ୍ୟୁ ଘଟିଛି। ଗତକାଲି ରାତିରେ ପ୍ରବଳ ବର୍ଷା ଯୋଗୁଁ ପୁନସିଆ ଗ୍ରାମର ଶ୍ରୀହରି ନାଏକଙ୍କ ସ୍ତ୍ରୀ ଚୁନୁ ନାଏକଙ୍କ ଉପରେ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ତାଙ୍କର ମୃତ୍ୟୁ ହେଇଥିଲା। ସ୍ଥାନୀୟ ଝାରପୋଖରିଆ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜକୁ ପଠାଇଥିଲା। ତାଙ୍କ ପରିବାର ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



# ବର୍ଷା ଓ ପବନରେ ଏମ୍‌ପିସି ହାଇସ୍କୁଲ ଶ୍ରେଣୀଗୃହ ନଷ୍ଟ

ବେତନଟୀ, ୨୫।୯ (ସମିସ): ବେତନଟୀ ଅଞ୍ଚଳରେ ଗତକାଲି ବିଳମ୍ବିତ ରାତିରେ ବର୍ଷା ଓ ପବନ ପ୍ରଭାବରେ ସ୍ଥାନୀୟ ପିଏମଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର (ଏମ୍‌ପିସି) ଉଚ୍ଚବିଦ୍ୟାଳୟରେ କ୍ଷୟକ୍ଷତି ଘଟିଛି। ଶ୍ରେଣୀ ଗୃହ ଭାଙ୍ଗିଥିବାବେଳେ ବହୁ ମୂଲ୍ୟବାନ ସମ୍ପତ୍ତି ନଷ୍ଟ ହୋଇଛି। ଗତକାଲି ରାତିରେ ପବନ ଯୋଗୁଁ ବିଦ୍ୟାଳୟ ପରିସରରେ ଥିବା ବିଶାଳକାୟ ଗଛର ମୋଟା ଡାଳ ଭାଙ୍ଗି ଶ୍ରେଣୀଗୃହ ଉପରେ ପଡ଼ିଥିଲା। ଫଳରେ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଗୃହ ଓ ମଧ୍ୟାହ୍ନଭୋଜନ କକ୍ଷର ଆଜବେଷ୍ଟସ୍ ଛାତ, ସିଲିଂ, ଫ୍ୟାନ୍, ଆଲୋକ ଉପକରଣ ସମେତ ଡେସ୍କ ଓ ବେଞ୍ଚ ଭାଙ୍ଗି ଚୁରମାର ହୋଇଯାଇଛି। ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ଅବଶିଷ୍ଟ ଉପକରଣ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ମାତ୍ର ସ୍ଥାନାଭାବ କାରଣରୁ ସମସ୍ତ ସାମଗ୍ରୀ ସୁରକ୍ଷିତ ସ୍ଥାନକୁ ନେବା ସମ୍ଭବପର ହୋଇପାରିନାହିଁ। ଏହି ଦୁର୍ଭାଗ୍ୟଜନକ ସ୍ଥିତିକୁ ଦୃଷ୍ଟିରେ ରଖି ବିପଦସଙ୍କୁଳ ଗଛ କାଟି ହଟାଇବା ସହ ନଷ୍ଟ ହୋଇଥିବା ଶ୍ରେଣୀଗୃହ ଓ ଭୋଜନ କକ୍ଷର ତୁରନ୍ତ ପୁନରୁଦ୍ଧାର ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବିଡିଓ ଓ ବନ ବିଭାଗ ହସ୍ତକ୍ଷେପ କରିବାକୁ ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ଦାବି କରିଛନ୍ତି।





# ଠାକୁରମୁଣ୍ଡାରେ ପ୍ରବଳ ବର୍ଷା : ୨୪ ଘଣ୍ଟାରେ ୨୪୯.୪ ମି.ମି ବର୍ଷା ରେକର୍ଡ

ମହୁଲଡିହା, ୨୫।୯ (ସମିସ): ଲଘୁଚାପଜନିତ ଲଗାଣ ବର୍ଷାରେ ଠାକୁରମୁଣ୍ଡା ବ୍ଲକ ବେହାଲ। ଗତ ୨୪ ଘଣ୍ଟାରେ ଠାକୁରମୁଣ୍ଡାରେ ୨୪୯.୪ ମି.ମି ବର୍ଷା ରେକର୍ଡ କରାଯାଇଛି। ଏହା ଚଳିତ ବର୍ଷର ସର୍ବାଧିକ ବର୍ଷା ବୋଲି ଜଣାପଡ଼ିଛି। ପ୍ରବଳ ବର୍ଷା ଫଳରେ ନଦୀ ନାଳରେ ବନ୍ୟା ଜଳ ପ୍ରବାହିତ ହେଉଛି। ସାଳନ୍ଦୀ ନଦୀ ପୋଲ ଉପରେ ପାଣି ପ୍ରବାହିତ ହେଉଥିବାବେଳେ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି। କେତେକ ତଳିଆ ଅଞ୍ଚଳରେ ପାଣି ପଶିଯାଇଛି। ମୂଳାପାଳ ଗାଁରେ ସାଳନ୍ଦୀର କୂଳ ଲଙ୍ଘି ପ୍ରଥମ ଥର ପାଇଁ ଗାଁରେ ତଥା ଘରମାନଙ୍କରେ ପାଣି ପଶିଛି। ଏଡିଏମ ଦୁଖବନ୍ଧୁ ନାୟକ ଠାକୁରମୁଣ୍ଡା ବ୍ଲକ ଗସ୍ତ କରି ଲୋକଙ୍କ ସୁବିଧା ଅସୁବିଧା ବୁଝିଛନ୍ତି। ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ବିଡିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ବିତ କର ଓ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ। ଘାଟି ତଳେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବାବେଳେ ଏଡିଏମ ଉପସ୍ଥିତ ରହି ଅଗ୍ନିଶମ ବାହିନୀ ସହାୟତାରେ ଗଛ ହଟାଇ ଯାତାୟାତ ସ୍ୱାଭାବିକ କରାଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସହାୟତା ଯୋଗାଇବା ସହ ସତର୍କ ରହିବା ଓ ନଦୀ ପାର ନ ହେବାକୁ ପରାମର୍ଶ ଦିଆଯାଇଛି।

# ଇଂରାଜୀ ଭାଷା ସମୃଦ୍ଧିକରଣ ତାଲିମ ଶିବିର ଉଦଯାପିତ



ବାରିପଦା, ୨୫।୯ (ସମିସ): ମୟୂରଭଞ୍ଜ ଜିଲ୍ଲାସ୍ତରୀୟ 'ଇଂରାଜୀ ଭାଷା ସମୃଦ୍ଧିକରଣ' ଶୀର୍ଷକ ଶିକ୍ଷକ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ସ୍ଥାନୀୟ ବାରିପଦାସ୍ଥ ଶରତ ଚନ୍ଦ୍ର ବିଦ୍ୟାପୀଠରେ ଓଡ଼ିଶା ସରକାରଙ୍କ ରାଜ୍ୟ ଭାଷା ଶିକ୍ଷଣ ପ୍ରତିଷ୍ଠାନ ଓ ବାଙ୍ଗାଲୋରର ଆଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକରୁ ୬୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଉଦଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ ସିଂ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ ଦ୍ୱିବେଦୀ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ ଅସୀମା ଅରୁନ୍ଧତୀ, ଶିକ୍ଷକ ସତ୍ୟବ୍ରତ ମିଶ୍ର, ସୁବଳ ଶଙ୍ଖୁଆ ଓ ରମାକାନ୍ତ ହାଁସଦା ଏହି ଶିବିରରେ ପ୍ରଶିକ୍ଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ମଙ୍ଗୁଲୁ ପାତ୍ର, ରବିକାନ୍ତ ମହାପାତ୍ର ଓ ରଞ୍ଜନ ସୋ ପ୍ରମୁଖ ସଂସାଧକ ଭାବେ ପାଠ୍ୟକ୍ରମର ତତ୍ତ୍ୱାବଧାନ ଓ ଆବଶ୍ୟକୀୟ ଶୈକ୍ଷିକ ସହାୟତା ପ୍ରଦାନ କରିଥିଲେ। ଭାଷା ଓ ଶିକ୍ଷକ ପ୍ରଶିକ୍ଷଣର ପର୍ଯ୍ୟବେକ୍ଷକ ଜୟଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ଅନୁଧାନ କରିବା ସହିତ ଆବଶ୍ୟକ ଟିପ୍ପଣୀ ପ୍ରଦାନ କରିଥିଲେ। ଇଂରାଜୀ ଭାଷା ଦକ୍ଷତା ସମୃଦ୍ଧିକରଣ ପାଇଁ ଏହି ୯ ସପ୍ତାହର ପାଠ୍ୟକ୍ରମକୁ ମିଶ୍ରିତ ପ୍ରଣାଳୀରେ ୨ ସପ୍ତାହ ଆବାସିକ ଓ ୭ ସପ୍ତାହ ଅନ୍‌ଲାଇନ୍ ଆଭାସୀ ପାଠଚକ୍ର ପ୍ରଶିକ୍ଷଣ ମାଧ୍ୟମରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦାନ କରି ଏହି ପାଠ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ସହିତ ଶ୍ରେଣୀଗୃହର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା ଅଭିଯୋଗ, ଅଭିଯୁକ୍ତ ଗିରଫ



କରଞ୍ଜିଆ, ୨୫।୯ (ସମିସ): ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଘଟଣାରେ କରଞ୍ଜିଆ ପୁଲିସ ତ୍ୱରିତ ପଦକ୍ଷେପ ନେଇଛି। ଘଟଣାର ପ୍ରାୟ ୧୨ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଅଭିଯୁକ୍ତ କରୁଣାକର ଓରଫ ଭୁଟା ଟୁଡୁ (୩୪) ବୋଲି ଜଣାପଡ଼ିଛି। ଏହି ଘଟଣାରେ କରଞ୍ଜିଆ ଥାନାରେ କେସ୍ ନମ୍ବର ୩୪୯/୨୬ରେ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ୨୩ ତାରିଖ ସନ୍ଧ୍ୟାରେ ଅଭିଯୋଗକାରୀ ଘରେ ଥିବା ସମୟରେ ଘଟଣା ସମ୍ପର୍କରେ ଖବର ପାଇଥିଲେ। ତାଙ୍କ ଭାଇ କରୁଣାକର ଓରଫ ଭୁଟା ଟୁଡୁ ମୃତକ ମହିଳାଙ୍କୁ ଘରୁ ଡାକି ନେଇଥିବା ଓ ପରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବଡ଼ ଭାଇଙ୍କ ମୃତ୍ୟୁ ପରଠାରୁ ମୃତକଙ୍କୁ ଡାହାଣୀ ବୋଲି ସନ୍ଦେହ କରାଯାଉଥିଲା। ତାଙ୍କ ଭାଇଙ୍କ ମୃତ୍ୟୁ ପାଇଁ ମୃତକଙ୍କୁ ଦାୟୀ କରି ଧମକ ଦିଆଯାଉଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ଏହି ସନ୍ଦେହରୁ ଘଟଣା ଘଟିଥିବା ଅଭିଯୋଗକାରୀ ପୁଲିସକୁ ଜଣାଇଥିଲେ। ଖବର ପାଇବା ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ତଦନ୍ତ ପାଇଁ ଆଇଆଇସିଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ସୁଧାଂଶୁ ଶେଖର ସେଠୀ, ଏସ୍‌ଆଇ ଗୀତାଞ୍ଜଳି ଦାସ, ଏଏସ୍‌ଆଇ ସାଲଖାନ ହେମ୍ବ୍ରମ ସାମିଲ ଥିଲେ। ପୁଲିସ ତଦନ୍ତ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଘଟଣାର ପ୍ରାୟ ୧୨ ଘଣ୍ଟା ମଧ୍ୟରେ ଗିରଫ କରିଥିବା କୁହାଯାଇଛି। ତଦନ୍ତ ସମୟରେ ଅଭିଯୁକ୍ତଙ୍କଠାରୁ ଗୋଟିଏ ବାଇକ୍ ଓ ମାମଲା ସମ୍ପର୍କିତ ସାମଗ୍ରୀ ଜବତ କରାଯାଇଥିବା ଜଣାପଡ଼ିଛି।

# ୪୩୮ ଲିଟର ମଦ ସହ କାର୍ ଜବତ, ୨ ଗିରଫ

କୁଆମରା, ୨୫।୯ (ସମିସ): ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କଅଁରଙ୍କ ନିର୍ଦ୍ଦେଶକ୍ରମେ ପାର୍ବଣକୁ ଆଖି ଆଗରେ ରଖି ଖୁଣ୍ଟା ଅବକାରୀ ଥାନା ଓଆଇସି ଅଞ୍ଜନ ଜେନାଙ୍କ ନେତୃତ୍ୱରେ ଆଜି ପୃଥକ ସ୍ଥାନରେ ଚଢ଼ଉ କରାଯାଇ ୪୩୮ ଲିଟର ଦେଶୀ ମଦ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହିତ ବ୍ୟବହୃତ ହୋଇଥିବା ଏକ କାର ମଧ୍ୟ ଜବତ ହୋଇଛି। ଏ ନେଇ ପୃଥକ ମାମଲା ରୁଜୁ ହେବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେଆଇନ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗରେ ଗୋପବନ୍ଧୁନଗର ବ୍ଲକ ମାଙ୍କଡକେନ୍ଦା ଗ୍ରାମର ସୁନାରାମ ସିଂ (୨୨)ଙ୍କଠାରୁ ୨୦ ଲିଟର ଓ ଭରଡାଡିହି ଗ୍ରାମର ମାଇଁସା ସୋରେନ (୩୨)ଙ୍କଠାରୁ ୧୮ ଲିଟର ଦେଶୀ ମଦ ଜବତ ହୋଇଛି। ଖୁଣ୍ଟା ବ୍ଲକ ରାସ୍ତାରେ ଏକ କାର୍‌ରେ ମଦ ଭର୍ତ୍ତି ହୋଇଯାଉଥିବା ଖବର ପାଇ ପିଛା କରିଥିଲା ଅବକାରୀ ବିଭାଗ। ଅଭିଯୁକ୍ତ ଖସି ପଳାଇଥିବାବେଳେ ସମ୍ପୃକ୍ତ କାର ସହ ପଲିଥିନ ପ୍ୟାକେଟ୍‌ରେ ଭର୍ତ୍ତି ହୋଇଥିବା ୪ ଶହ ଲିଟର ମଦ ଜବତ ହୋଇଛି। ଚଢ଼ଉରେ ଏଏସ୍‌ଆଇ କୃଷ୍ଣସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ସୋରେନ, ପାର୍ବତୀ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

# ମୟୂରଭଞ୍ଜରେ ସମବାୟ ସଦସ୍ୟ ମହାଅଭିଯାନ 'ସମୃଦ୍ଧ'ର ଶୁଭାରମ୍ଭ

ବାରିପଦା, ୨୫।୯ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ସମବାୟ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସମବାୟ ସଦସ୍ୟ ମହାଅଭିଯାନ 'ସମୃଦ୍ଧ' ଓ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ମୁର୍ଗାବାଡିସ୍ଥ ପ୍ରୟାସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସଏ ଅଧକ୍ଷତା କରିଥିବାବେଳେ ଉପନିବନ୍ଧକ (ସମବାୟ ସମିତି ସମୂହ) ଅଶୋକ କୁମାର ପାଣି ପୌରୋହିତ୍ୟ କରିଥିଲେ। ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅଭିଯାନକୁ



ଉଦ୍‌ଘାଟନ କରିବା ସହ ସମବାୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଲୋକାର୍ପଣ ଓ ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମର ସିଧାପ୍ରସାରଣ ଜିଲ୍ଲାସ୍ତରରେ ପ୍ରଦର୍ଶିତ ହୋଇଥିଲା। ଗ୍ରାମାଞ୍ଚଳର ସମସ୍ତ ପରିବାରକୁ ସମବାୟ ବ୍ୟବସ୍ଥା ସହିତ ସାମିଲ କରି ସେମାନଙ୍କର ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଆସନ୍ତା ଅକ୍ଟୋବର ୧ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୩୦ ପର୍ଯ୍ୟନ୍ତ ଦୀର୍ଘ ଦୁଇମାସ ଧରି ଏହି ପଞ୍ଜୀକରଣ କାର୍ଯ୍ୟ ଚାଲିବ। ଗ୍ରାମାଞ୍ଚଳରେ ବସବାସ କରୁଥିବା ୧୮ ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ବ୍ୟକ୍ତି ନିଜ ଅଞ୍ଚଳର ପ୍ରାଥମିକ ସମବାୟ ସମିତି (ଲ୍ୟାମ୍ପ୍ସ)ରେ ସଭ୍ୟ ଭାବେ ନାମ ପଞ୍ଜୀକରଣ କରିପାରିବେ। ଏହି ପ୍ରକ୍ରିୟାକୁ ସହଜ ଓ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ଲ୍ୟାମ୍ପ୍‌ସ ସ୍ତରରେ 'ସମବାୟ ମିତ୍ର'ଙ୍କୁ ନିୟୋଜିତ କରାଯିବ। ମୟୂରଭଞ୍ଜ ଜିଲ୍ଲାରେ ପୂର୍ବରୁ ୧୫୧ଟି ନୂତନ ଲ୍ୟାମ୍ପ୍‌ସ ଗଠନ କରାଯାଇଛି। ଏହା ମାଧ୍ୟମରେ ଚାଷୀଙ୍କୁ ସୁବିଧାରେ କୃଷି ଋଣ, ସାର, ବିହନ, ଗୋଖାଦ୍ୟ ଓ କ୍ଷୁଦ୍ର କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଉଛି। ସରକାରୀ ଅନୁଦାନରେ ୮.୩୪ କୋଟି ଟଙ୍କା ବ୍ୟୟରେ ୩୦ଟି ଲ୍ୟାମ୍ପ୍‌ସରେ କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣ ସମ୍ପନ୍ନ ହୋଇଛି।

# ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

ବାରିପଦା, ୨୫।୯ (ସମିସ): ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡର ୭୪ତମ ବାର୍ଷିକ ସାଧାରଣ ସଭା ବାରିପଦାସ୍ଥ ମୁଖ୍ୟ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ବଡ଼ଜେନା ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଗତ ୭୩ତମ ସାଧାରଣ ସଭାର ବିବରଣୀ ପାଠ କରିଥିଲେ। ସଭାରେ ପୂର୍ବ ବୈଠକ ବିବରଣୀର ଦୃଢ଼ୀକରଣ, ୨୦୨୫-୨୬ ଓ ୨୦୨୬-୨୭ ବର୍ଷ ପାଇଁ ନାବାର୍ଡ ତାଲିକାଭୁକ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତି, ୨୦୨୫-୨୬ ଆର୍ଥିକ ବର୍ଷର ଅଡିଟ୍ ରିପୋର୍ଟ ଓ ଅତିରିକ୍ତ ବଜେଟ୍ ଅନୁମୋଦନ କରାଯାଇଛି। ଏଥିସହିତ ୨୦୨୬-୨୭ ବର୍ଷର ବାର୍ଷିକ ବଜେଟ୍, ସରକାରୀ ସିକ୍ୟୁରିଟିରେ ନିବେଶିତ ଏସ୍‌ଏଲ୍‌ଆର୍ ପାଣ୍ଠିର ଅନୁମୋଦନ, ବ୍ୟାଙ୍କର ଉପବିଧି ସଂଶୋଧନ ଓ ୨୦୨୫-୨୬ ବର୍ଷର ଲାଭାଂଶ ବଣ୍ଟନ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉପନିବନ୍ଧକ (ସମବାୟ ସମିତିସମୂହ) ଅଶୋକ ପାଣି ସମବାୟ ବ୍ୟବସ୍ଥାରେ ବ୍ୟାଙ୍କର ଭୂମିକା ଉପରେ ଆଲୋକପାତ କରିଥିବାବେଳେ ଉପସଭାପତି ପଙ୍କଜିନୀ ନାୟକ ବ୍ୟାଙ୍କର ଭବିଷ୍ୟତ କାର୍ଯ୍ୟଧାରା ସମ୍ପର୍କରେ ମତ ରଖିଥିଲେ। ଉପମହାପ୍ରବନ୍ଧକ ପ୍ରକାଶ ବାରିକ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକଳାପ, ଆର୍ଥିକ ପ୍ରଗତି ଓ ଗ୍ରାହକ ସେବା ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଶ୍ରୀ ମହାନ୍ତି ବ୍ୟାଙ୍କର ଉନ୍ନତି ଓ ସୁଦୃଢ଼ତା ପାଇଁ ସମସ୍ତ ଅଂଶୀଦାର, କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଉକ୍ତ ସଭାରେ ନିର୍ଦ୍ଦେଶକ ଜସ୍ମିନୀ ମାଝୀ, ବୀରେନ୍ଦ୍ର ବସା, ମୋହନ ବେହେରା, ଅଭିନ୍ନ ପାତ୍ର, ତପନ ପତି, ଦ୍ରୌପଦୀ ସାହୁ, ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ଗିରିଧାରୀ ପୃଷ୍ଟି, ଭଗୀରଥ ଦେହୁରୀ, ମଳୟ ଜେନା, ନିବେଦିତା ସାହୁ, ସୁନାରାମ ମାରାଣ୍ଡିଙ୍କ ସମେତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଭିଜିତ ରାମ, ଅନୁବନ୍ଧିତ ସମବାୟ ସମିତି ପ୍ରତିନିଧି, ପ୍ରଶାସକ ଓ ଅଧିକାରୀ ଯୋଗ ଦେଇଥିଲେ।




ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ରାଜନୀତି

# ପୁରୁଣା ସରକାର ଉପରେ ଦୋଷ ଲଦି ଖସିପାରିବେ ତ ବିଧାୟକ?

ବେତନଟୀ, ୨୫।୯ (ସମିସ)

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଐତିହାସିକ ଅମର୍ଦ୍ଦା ରୋଡ୍ ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାରକୁ ନେଇ ମୟୂରଭଞ୍ଜ ରାଜନୀତି ଏବେ ପୁଣି ଉଷ୍ମ ହୋଇଛି। ବଡ଼ସାହି ବିଧାୟକ ସନାତନ ବିଜୁଳି ବିଗତ ବିଜେଡି ସରକାରକୁ ଟାର୍ଗେଟ୍ କରି 'ବିଜେଡି ମୟୂରଭଞ୍ଜର ବିକାଶ ନୁହେଁ, ବିନାଶ ଚାହୁଁଥିଲା' ବୋଲି ବୟାନ ଦେଇ ନିଜ ପଲା ଭାରି କରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ବିଧାୟକଙ୍କ ଏହି ରଣନୀତି ତାଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଛି। ବଡ଼ସାହି ତଥା ସମଗ୍ର ମୟୂରଭଞ୍ଜବାସୀ ଏବେ ସିଧାସଳଖ ବିଧାୟକଙ୍କୁ କାଠଗଡ଼ାରେ ଠିଆ କରି ପଚାରିଛନ୍ତି, ସେତେବେଳେ ସିନା ବିଜେଡି ଥିଲା, ଏବେ ତ ଆପଣଙ୍କର ଡବଲ ଇଞ୍ଜିନ୍ ସରକାର। ତେବେ ଏୟାରଷ୍ଟ୍ରିପ୍ କାମ ଆଗେଇବାରେ ବାଧା କେଉଁଠି ବୋଲି ପ୍ରଶ୍ନ କରିଛନ୍ତି।

ଦୀର୍ଘବର୍ଷ ଧରି ମୟୂରଭଞ୍ଜର ସ୍ୱପ୍ନ ପାଲଟିଥିବା ଏହି ଏୟାରଷ୍ଟ୍ରିପ୍‌କୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କେବଳ ଫାଇଲ୍ ତଳେ ଚାପି ରଖିବା ଭିତରେ ସୀମିତ ରହିଛି। ବିଧାୟକ ଶ୍ରୀ ବିଜୁଳି ପୂର୍ବ ସରକାରଙ୍କ ଅବହେଳାକୁ ଆଳ କରି ନିଜର ଦାୟିତ୍ୱହୀନତାକୁ ଲୁଚାଇବା ପାଇଁ ଅପଚେଷ୍ଟା ଚଳାଇଥିବା ଅଭିଯୋଗ ହେଉଛି। କ୍ଷମତାକୁ ଆସିବା ପୂର୍ବରୁ ବିଜେପି ନେତୃବୃନ୍ଦ 'ଡବଲ ଇଞ୍ଜିନ୍'ର ଯେଉଁ

### 'ଡବଲ ଇଞ୍ଜିନ୍' ନେଇ କେନ୍ଦ୍ର ଓ ରାଜ୍ୟକୁ ଜନତାଙ୍କ ତେରଛା ବାଣ

ଫାଇଦା କଥା କହିଥିଲେ, ତାହା ବାସ୍ତବରେ ମାଟି କାମୁଡ଼ି ପଡ଼ିଛି। କେନ୍ଦ୍ରରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଉଡାନ) ହାତରେ ସବୁ ନିଷ୍ପତ୍ତି ଥିବାବେଳେ କେନ୍ଦ୍ର ସରକାରଙ୍କ ଲାଲଫିତା ତଳେ ଚାପି ହୋଇ ରହିବା ଓ ରାଜ୍ୟ ସରକାରଙ୍କ ଉଦାସୀନ ପ୍ରଶାସନିକ ସମନ୍ୱୟ ଏହି ପ୍ରକଳ୍ପକୁ ପଙ୍ଗୁ କରି ରଖିଛି। ଜମି ହସ୍ତାନ୍ତର ହେଉ କିମ୍ବା ଭିତ୍ତିଭୂମି ନିର୍ମାଣ, କୌଣସି ଗୋଟିଏ ବି ବିଭାଗ ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ବିଧାୟକ ନିଜ ଜିଲ୍ଲାର ଏତେ ବଡ଼ ପ୍ରସଙ୍ଗରେ କେନ୍ଦ୍ର କିମ୍ବା ନୂତନ ରାଜ୍ୟ ସରକାରଙ୍କଠାରୁ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ଖସଡ଼ା ବା ଟାଇମଲାଇନ୍ ଆଣିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମୟୂରଭଞ୍ଜର ଜନସାଧାରଣ ଆଉ କୌଣସି ରାଜନୈତିକ ବୟାନ ବାଜି ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। ପୂର୍ବ ସରକାରଙ୍କ ଭୁଲ୍ ଦେଖାଇ ବର୍ତ୍ତମାନର ବିଫଳତାକୁ ଘୋଡ଼ାଇ ରଖିବାର ଏକ ଶସ୍ତା ରାଜନୀତି ଛଡ଼ା ଆଉ କିଛି ନୁହେଁ। କେନ୍ଦ୍ର ଓ ରାଜ୍ୟରେ ଏକା ଦଳର ଶାସନ ଥାଇ ଯଦି ଅମର୍ଦ୍ଦାରୁ ବିମାନ ଉଡ଼ିପାରୁନାହିଁ, ତେବେ ଏହା ଶାସକ ଦଳର ଇଚ୍ଛାଶକ୍ତିର ଦେବାଳିଆ ପଣକୁ ହିଁ ପ୍ରମାଣ କରୁଛି। ଜନପ୍ରତିନିଧି ଭାବେ ଶ୍ରୀ ବିଜୁଳି ପୁରୁଣା କଥା ଦୋହରାଇବା ଛାଡ଼ି ସରକାରଙ୍କ ଉପରେ ଚାପ ପକାଇ ପ୍ରକଳ୍ପକୁ କାର୍ଯ୍ୟକାରୀ କରାନ୍ତୁ। ନଚେତ୍ 'ଡବଲ ଇଞ୍ଜିନ୍' କେବଳ ଭୋଟ୍ ହାତେଇବାର ଏକ ପ୍ରତାରଣା ଭାବେ ଇତିହାସରେ ଲିପିବଦ୍ଧ ହୋଇ ରହିଯିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ସମ୍ପାଦକୀୟ



ଯଦି ତୁମେ ଶାନ୍ତି ପ୍ରତିଷ୍ଠା କରିବାକୁ ଆଗ୍ରହୀ, ତେବେ ପ୍ରଥମେ ଶତ୍ରୁ ସହିତ ମିଶି କାମ କର। ଆପେ ଆପେ ସେ ତୁମର ମିତ୍ର ହୋଇଯିବ ଏବଂ ଅଶାନ୍ତି ଦୂର ହୋଇଯିବ।

-ନେଲ୍‌ସନ୍ ମାଣ୍ଡେଲା

## ଗଣମାଧ୍ୟମର ଜୟଗାନ

ଭାରତର ନିର୍ବାଚନ ଆୟୋଗ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ କାର୍ଯ୍ୟଶୈଳୀକୁ ନେଇ ସୃଷ୍ଟି ହୋଇଥିବା ସାମ୍ପ୍ରତିକ ବିବାଦ ଗଣତନ୍ତ୍ରରେ ଏକ ସ୍ୱାଧୀନ ଓ ଦାୟିତ୍ୱବାନ ଗଣମାଧ୍ୟମର ଗୁରୁତ୍ୱକୁ ପୁନର୍ବାର ପ୍ରମାଣିତ କରିଛି। ଏହାର ମୂଳରେ ରହିଛି 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ, ଯେଉଁଥିରେ ଅଭିଯୋଗ କରାଯାଇଛି ଯେ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ'(ଏସ୍ଆଇଆର) ଏବଂ ଅନ୍ୟାନ୍ୟ ବିଷୟ ସହ ଜଡ଼ିତ ନିଷ୍ପତ୍ତି ଉପରେ ବିଭିନ୍ନ ସମୟରେ ଆନୁଷ୍ଠାନିକ ଭାବେ ୧୦ ମାସ ମଧ୍ୟରେ ଅତିକମରେ ୧୪ଟି ଆପତ୍ତି ଉପସ୍ଥାପନ କରିଥିଲେ ମଧ୍ୟ ସେମାନଙ୍କ ମତାମତକୁ ଗୁରୁତ୍ୱ ଦିଆଯାଇନାହିଁ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସୁନିଶ୍ଚିତ କରୁଥିବା ସାମ୍ବିଧାନିକ ସଂସ୍ଥା ଯଦି ଅଗଣତାନ୍ତ୍ରିକ ହୋଇପଡ଼େ ତେବେ ଗଣତନ୍ତ୍ରର ମୌଳିକତା ହିଁ ସ୍ୱତଃସନ୍ଦେହ ଘେରକୁ ଆସିଯିବ। ଏ ବିଷୟରେ ଆମେ ଏହି ସ୍ତମ୍ଭରେ ପୂର୍ବରୁ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲୁ। ଗଣତନ୍ତ୍ରର ପ୍ରହରୀ କୁହାଯାଉଥିବା ନିର୍ବାଚନ ଆୟୋଗଙ୍କ ବିଭିନ୍ନ ବିତର୍କିତ ଓ ବିବାଦୀୟ କାର୍ଯ୍ୟକଳାପ ଲୋକଲୋଚନକୁ ଆଣି ଗଣତନ୍ତ୍ର ଉପରେ ଆସ୍ଥା ପୁନଃସ୍ଥାପନରେ ନିଜର କର୍ତ୍ତବ୍ୟ ନିର୍ବାହ କରିଥିବା ଗଣମାଧ୍ୟମର ପ୍ରଶଂସନୀୟ ଭୂମିକା ସମ୍ପର୍କରେ ଏଥର ଆଲୋଚନା କରିବାକୁ ଉଚିତ ମଣୁଛୁ।

ଗଣମାଧ୍ୟମର ପ୍ରଥମ ଦାୟିତ୍ୱ ହେଉଛି ଗଣତନ୍ତ୍ର ଓ ଗଣବିଶ୍ୱାସ ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ସାର୍ବଜନୀନ କରି ବିଚାରବିମର୍ଶ ଜରିଆରେ ସୁଧାର ପାଇଁ କ୍ଷେତ୍ରପ୍ରସ୍ତୁତ କରିବା। 'ଦ ଇଣ୍ଡିଆନ୍ ଏକ୍ସପ୍ରେସ' ଏହି କାର୍ଯ୍ୟଟିକୁ ଅତି ଦକ୍ଷତା ଓ ନିଷ୍ଠାର ସହ ସମ୍ପନ୍ନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରିପୋର୍ଟ ଭୋଟର ତାଲିକା ପରିବର୍ତ୍ତନ, ଭୋଟର ତଥ୍ୟାବଳୀ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି, ଯାହା ସ୍ୱଚ୍ଛ ଓ ନିରପେକ୍ଷ




ନିର୍ବାଚନ ଏବଂ ଗଣତନ୍ତ୍ରର ସ୍ୱାସ୍ଥ୍ୟ ସହିତ ଜଡ଼ିତ। ଯେତେବେଳେ ଭାରତୀୟ ଗଣମାଧ୍ୟମ 'କୋଳାଶ୍ରିତ ଗଣମାଧ୍ୟମ'ର ଅପବାଦ ମୁଣ୍ଡାଇ ଚାଲିଛି ସେତିକିବେଳେ ଏପରି ତଦନ୍ତକାରୀ ସାମ୍ବାଦିକତାର ଏକ ଅପରିହାର୍ଯ୍ୟ ଆବଶ୍ୟକତା ଥିଲା। ତେଣୁ ଏହା ବହୁକାରଣରୁ ନିର୍ଣ୍ଣାୟକ ସାବ୍ୟସ୍ତ ହେବାକୁ ଯାଉଛି। ସାମ୍ବାଦିକତାର 'ପ୍ରହରୀ' ଭୂମିକାର ଅର୍ଥ ପକ୍ଷ ନେବା ନୁହେଁ। ଜନ ଅଭିଯୋଗଗୁଡ଼ିକର ତଦନ୍ତ କରିବା ସହିତ ସମ୍ପୃକ୍ତ ସଂସ୍ଥାକୁ ଦର୍ପଣ ଦେଖାଇବାରେ ଏକ ସୁଯୋଗ ଦେବା। ଏହି କାର୍ଯ୍ୟଟି ମଧ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇଥିବା ମନେ ହୁଏ।

ଏବେ ଅଭିଯୋଗ ହେଉଛି ଯେ ଭାରତୀୟ ଗଣତନ୍ତ୍ର ସହିତ ଜଡ଼ିତ ଅନେକ ସମ୍ବେଦନଶୀଳ ପ୍ରସଙ୍ଗ ଓ ଜଟିଳ ସମସ୍ୟାର ସମାଧାନ ଟେଲିଭିଜନ ବିତର୍କ ଏବଂ ଆକର୍ଷଣୀୟ ଶିରୋନାମା ଅଧୀନରେ ବ୍ୟାଖ୍ୟାନ ମାଧ୍ୟମରେ ସମ୍ପାଦିତ ହେଉଛି। ଏହି ଅଭିଯୋଗରେ ସତ୍ୟତା ରହିଛି। ଏଭଳି ବ୍ୟାଖ୍ୟାନଗୁଡ଼ିକ ପ୍ରମାଣସିଦ୍ଧ ହେଉ ନଥିବାରୁ ଗଣମାଧ୍ୟମ ଆସ୍ଥା ହରାଇବା ପରି ସ୍ଥିତିକୁ ଚାଲିଯାଉଛି। ଏହି ପୃଷ୍ଠଭୂମିରେ ଉପରୋକ୍ତ ରିପୋର୍ଟ ଭାରତୀୟ ଗଣମାଧ୍ୟମ ପ୍ରତି ଜନଗଣଙ୍କ ମନରେ ପୁଣି ଏକ ଆସ୍ଥା ଓ ଆଶାର ସଞ୍ଚାର କରିଛି। ବାସ୍ତବତା ଓ ବ୍ୟାଖ୍ୟାନ ଭିତରେ ଫରକକୁ ମଧ୍ୟ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ବିଶେଷ ଭୂମିକା ରହିଛି। ସଂକ୍ଷେପରେ କହିଲେ ଗଣମାଧ୍ୟମର ଦାୟିତ୍ୱ ନାଗରିକମାନଙ୍କୁ ସୂଚନା ପ୍ରଦାନ କରିବା; କିନ୍ତୁ ରାଜନୈତିକ ଦାବିକୁ ପ୍ରତିଷ୍ଠିତ ତଥ୍ୟରେ ପରିଣତ କରିବା ନୁହେଁ। କାରଣ ଏକ ସୁସ୍ଥ ଗଣମାଧ୍ୟମ ସରକାର କିମ୍ବା ବିରୋଧୀ ଦଳର ସ୍ୱର ହୁଏ ନାହିଁ। ଏହାର ଦାୟିତ୍ୱ ହେଉଛି ଉଭୟଙ୍କୁ ପ୍ରଶ୍ନ କରିବା। ବିରୋଧୀ ନେତାମାନେ ନିର୍ବାଚନ ଆୟୋଗ ଏବଂ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ତେଣୁ ଅଭିଯୋଗ ପଛରେ ଥିବା ପ୍ରମାଣକୁ ଗଣମାଧ୍ୟମ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହିତ ଆୟୋଗଙ୍କ ପ୍ରତିକ୍ରିୟା, ସାମ୍ବିଧାନିକ ଓ ନିର୍ବାଚନ ବିଶେଷଜ୍ଞଙ୍କ ପରାମର୍ଶ, ଆଇନଗତ କାର୍ଯ୍ୟପନ୍ଥା ଯାଞ୍ଚ ଆଦିକୁ ପ୍ରାଥମିକତା ଦେବା ଉଚିତ।

ନିର୍ବାଚନ କେବଳ ଆଇନ ଏବଂ ଅନୁଷ୍ଠାନ ଉପରେ ନୁହେଁ; ବରଂ ଜନସାଧାରଣଙ୍କ ବିଶ୍ୱାସ ଉପରେ ମଧ୍ୟ ନିର୍ଭର କରେ। ଯେତେବେଳେ ନାଗରିକମାନେ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା କିମ୍ବା ସ୍ୱଚ୍ଛତା ଉପରେ ସନ୍ଦେହ କରିବାକୁ ଆରମ୍ଭ କରନ୍ତି, ସେତେବେଳେ ପରିଣାମ କେବଳ ବିବାଦରେ ସୀମିତ ରହେ ନାହିଁ, ଏହା ପରିଣାମକୁ ଜନ୍ମ ଦିଏ। ଏହି ପୃଷ୍ଠଭୂମିରେ ଗଣମାଧ୍ୟମର ଦ୍ୱିଗୁଣିତ ଦାୟିତ୍ୱ ରହିଛି। ପ୍ରମାଣ ଥିବା ସ୍ଥାନରେ ପ୍ରକୃତ ସାଂଗଠନିକ ତ୍ରୁଟିଗୁଡ଼ିକୁ ପ୍ରକାଶ କରିବା ସହିତ ଅତିରଞ୍ଜିତ କିମ୍ବା ଅସମ୍ପୂର୍ଣ୍ଣ ଖବର ପ୍ରକାଶ ମାଧ୍ୟମରେ ବିଭ୍ରାନ୍ତି ସୃଷ୍ଟି କରିବା ପ୍ରୟାସରୁ ମଧ୍ୟ ଦୂରେଇ ରହିବା ଉଚିତ।

ଏହା ମଧ୍ୟ ଏକ ଅପ୍ରିୟ ସତ୍ୟ ଯେ ଗଣମାଧ୍ୟମର ବିଶ୍ୱସନୀୟତା ଏହାର ସ୍ୱାଧୀନତା ଉପରେ ନିର୍ଭର କରେ। ତେଣୁ ଖବରକାଗଜ, ଟେଲିଭିଜନ ଚ୍ୟାନେଲ ଓ ଡିଜିଟାଲ୍ ମଞ୍ଚଗୁଡ଼ିକ ରାଜନୈତିକ ଦଳ, ସରକାର, ଶିଳ୍ପସ୍ୱାର୍ଥ ଓ ସାମାଜିକ ଗଣମାଧ୍ୟମ ଅଭିଯାନର ଚାପକୁ ପ୍ରତିରୋଧ କରିବା ଉଚିତ। ଏବେ ଭାରତୀୟ ସାମ୍ବାଦିକତା ପାଇଁ ଏକ ପରୀକ୍ଷାର ମୁହୂର୍ତ୍ତ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଗଣମାଧ୍ୟମ ନିଜ ଭାବମୂର୍ତ୍ତି ସୁଧାରି ପାରିବ ଏବଂ ସର୍ବୋପରି ଗଣତନ୍ତ୍ର ପ୍ରତି ଜନବିଶ୍ୱାସ ଏବଂ ନିର୍ବାଚନ ପ୍ରତି ଭରସା ପୁନଃଜୀବିତ କରିପାରିବ। ଭାରତୀୟ ଗଣମାଧ୍ୟମରେ ନିରାଶାର ପଙ୍କମଧ୍ୟରୁ ଯେଉଁ ଆଶାର ପଦ୍ମଟିଏ ଜନ୍ମ ନେଇଛି ତାହା ସା।ମ୍ବାଦିକତାର ଆଦର୍ଶ ଓ ମୂଲ୍ୟବୋଧର ସଞ୍ଜୀବନୀ ରୂପେ ଗ୍ରହଣୀୟ ହେବା ଆବଶ୍ୟକ।

## ଓଡ଼ିଆ ସିନେମାର ଅପେକ୍ଷା କେବେ ସରିବ!

**ରଞ୍ଜନ କୁମାର ରାୟ**

ବର୍ଷୀୟାନ୍ ଅଭିନେତା ଅନନ୍ତ ନାଗଙ୍କୁ ୨୦୨୪ ବର୍ଷ ପାଇଁ ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି। ପାଞ୍ଚଦଶନ୍ଧିରୁ ଅଧିକ ସମୟର କ୍ୟାରିୟରରେ ସେ ୩୦୦ରୁ ଅଧିକ ଚଳଚ୍ଚିତ୍ରରେ କାମ କରିଛନ୍ତି। କନ୍ନଡ଼ ସିନେମା ସହ ହିନ୍ଦୀ ଓ ଅନ୍ୟ ଭାଷାରେ ମଧ୍ୟ ତାଙ୍କର ଅବଦାନ ରହିଛି। କିନ୍ତୁ ଭାରତୀୟ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ସମ୍ମାନ 'ଦାଦାସାହେବ ଫାଲ୍‌କେ' ପୁରସ୍କାର ପୁଣି ଥରେ ଏକ ପୁରୁଣା ପ୍ରଶ୍ନକୁ ସାମ୍ନାକୁ ଆଣିଛି। ଓଡ଼ିଆ ସିନେମାର ଶତାବ୍ଦୀପୁରୁଣା ଯାତ୍ରାରୁ ଆଜି ପର୍ଯ୍ୟନ୍ତ ଏମିତି କେହି ନାହାନ୍ତି କି, ଯାହାଙ୍କ ଦୀର୍ଘକାଳୀନ ଅବଦାନକୁ ଜାତୀୟସ୍ତରରେ ଏହି ସମ୍ମାନ ପାଇଁ ବିଚାର କରାଯାଇପାରେ? ସମୃଦ୍ଧ ଚଳଚ୍ଚିତ୍ର ଐତିହ୍ୟ ଥାଇ ମଧ୍ୟ ଓଡ଼ିଆ ସିନେମାର ଜଣେ ବ୍ୟକ୍ତିତ୍ୱ ଆଜି ପର୍ଯ୍ୟନ୍ତ ଏହି ସମ୍ମାନର ବିଚାର ପରିସରରେ ଦୃଶ୍ୟମାନ କାହିଁକି ହୋଇପାରିଲେ ନାହିଁ? ଏପର୍ଯ୍ୟନ୍ତ ଓଡ଼ିଶା ଏହି ପୁରସ୍କାରରୁ ବଞ୍ଚିତ ହେଉଛି କାହିଁକି?

ଏହି ପ୍ରଶ୍ନର ଉତ୍ତର କେବଳ 'କେନ୍ଦ୍ର ଓଡ଼ିଶାକୁ ଅବହେଳା କରୁଛି' ବୋଲି ଦେଇଦେବା ସହଜ। କିନ୍ତୁ ଏହା ସମ୍ପୂର୍ଣ୍ଣ ନିରପେକ୍ଷ ଉତ୍ତର ନୁହେଁ। ଫାଲ୍‌କେ ପୁରସ୍କାର କୌଣସି ରାଜ୍ୟ ପାଇଁ ସଂରକ୍ଷିତ ସମ୍ମାନ ନୁହେଁ। ଜଣେ ବ୍ୟକ୍ତିଙ୍କର ଭାରତୀୟ ସିନେମା ପ୍ରତି ଦୀର୍ଘକାଳୀନ ଓ ବିଶେଷ ଅବଦାନକୁ ଆଧାର କରି ଚୟନ ହୁଏ। ତେଣୁ ଓଡ଼ିଆ ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମାନ ମିଳି ନ ଥିବାର ପ୍ରଶ୍ନ ସହିତ ଆଉ ଏକ ପ୍ରଶ୍ନ ମଧ୍ୟ ଉଠିବା ଉଚିତ ଯେ ଆମେ ଆମର ଶ୍ରେଷ୍ଠ ପ୍ରତିଭାକୁ ଜାତୀୟ ମଞ୍ଚରେ କେତେ ଯଥାର୍ଥ ଭାବେ ଉପସ୍ଥାପନ କରିଛୁ। ଓଡ଼ିଆ ସିନେମାରେ ଏହି ତାଲିକା ଛୋଟ ନୁହେଁ। ପ୍ରଶାନ୍ତ ନନ୍ଦଙ୍କ ଅଭିନୟ, ନିର୍ଦ୍ଦେଶନା ଓ ଚଳଚ୍ଚିତ୍ର ସୃଷ୍ଟିରେ ଦୀର୍ଘ ଅଭିଜ୍ଞତା ଓ ଅବଦାନ ରହିଛି। ବିଜୟ ମହାନ୍ତି ଓଡ଼ିଆ ଅଭିନୟ ଜଗତର ଏକ ସ୍ୱତନ୍ତ୍ର ଅଧ୍ୟାୟ। ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ, ସାଧୁ ମେହେର, ସବ୍ୟସାଚୀ ମହାପାତ୍ରଙ୍କ ଭଳି ବହୁ ପ୍ରତିଭା ଓଡ଼ିଆ ସିନେମାକୁ ନିଜସ୍ୱ ପରିଚୟ ଦେଇଛନ୍ତି। ଏହି ନାମଗୁଡ଼ିକୁ ଏକାଠି କରି ତାଙ୍କ ଜାତୀୟ ଅବଦାନର ନିରପେକ୍ଷ ମୂଲ୍ୟାଙ୍କନ କରିବା ମଧ୍ୟ ଆମର ଦାୟିତ୍ୱ। ଓଡ଼ିଆ ସିନେମା ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ନିଜ ଉପସ୍ଥିତି ପ୍ରମାଣ କରିଆସିଛି। 'ଆଦିମ ବିଚାର', 'ପାହାଡ଼ର ଲୁହ', 'ହେଲୋ ଆର୍ସି', 'ସାଲା ବୁଢ଼ାର ବଦଲା', 'କାଲିର ଅତୀତ', 'ପ୍ରତୀକ୍ଷା', 'ଦମନ' ଓ 'ପୁଷ୍କରା' ଭଳି ଚଳଚ୍ଚିତ୍ର ଜାତୀୟସ୍ତରରେ ସମ୍ମାନ ପାଇଛି। ୨୦୨୩ ବର୍ଷ ପାଇଁ 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ପାଇଛି। ଅର୍ଥାତ୍ ଓଡ଼ିଆ ସିନେମାରେ ପ୍ରତିଭା ନାହିଁ - ଏଭଳି ଯୁକ୍ତି ଚଳିବ ନାହିଁ।

ତେବେ ସମସ୍ୟା କେଉଁଠି ରହିଛି ବୋଲି ମନରେ ପ୍ରଶ୍ନ ଉଙ୍କିମାରେ। ସମସ୍ୟାର ଗୋଟିଏ ବଡ଼ ଅଂଶ ହେଉଛି ଦୃଶ୍ୟମାନତା। ମୁମ୍ବଇ, ଚେନ୍ନାଇ, ହାଇଦରାବାଦ, ବେଙ୍ଗାଲୁରୁ କିମ୍ବା କୋଲକାତାର ଚଳଚ୍ଚିତ୍ର ଶିଳ୍ପ ଯେପରି ନିଜର କଳାକାରଙ୍କ କାର୍ଯ୍ୟକୁ ଜାତୀୟ ଆଲୋଚନାରେ ରଖିପାରୁଛି, ଓଡ଼ିଶା ସେହି କ୍ଷେତ୍ରରେ ଅନେକ ପଛରେ। ଆମର ଚଳଚ୍ଚିତ୍ର ଇତିହାସ ନେଇ ନିୟମିତ ଗବେଷଣା କେତେ ହେଉଛି? ପୁରୁଣା ଚଳଚ୍ଚିତ୍ରର ନେଗେଟିଭ୍, ପୋଷ୍ଟର, ପାଣ୍ଡୁଲିପି, ଗୀତ, ସଙ୍ଗୀତ, ସାକ୍ଷାତକାର ଓ ଅନ୍ୟାନ୍ୟ ଦଲିଲ କେତେ ସୁରକ୍ଷିତ? ଏକ ଶିଳ୍ପର ଇତିହାସ କେବଳ ସ୍ମୃତିରେ ବଞ୍ଚିପାରେ ନାହିଁ। ତାହାକୁ ଦଲିଲରେ ବଞ୍ଚାଇବାକୁ ପଡ଼େ। ଜାତୀୟସ୍ତରରେ ଚଳଚ୍ଚିତ୍ର ଇତିହାସ ଲେଖୁଥିବା ଗବେଷକଙ୍କ ହାତରେ ଓଡ଼ିଆ ସିନେମାର ତଥ୍ୟ ସହଜରେ ପହଞ୍ଚିବା ଦରକାର।

ଏଠି ଆସେ 'ସାବତ ମା' ମନୋଭାବ ବା ଅବହେଳାର କଥା। ଓଡ଼ିଆ ଚଳଚ୍ଚିତ୍ର ଜଗତର ଅନେକଙ୍କ ଅଭିଯୋଗ ଯେ ସରକାରୀ ସ୍ତରରେ ଏହି ଶିଳ୍ପକୁ ଯେତିକି ଗୁରୁତ୍ୱ ମିଳିବା ଦରକାର, ସେତିକି ମିଳୁନାହିଁ। ଏହି ଅଭିଯୋଗକୁ ଭାବପ୍ରବଣତାରେ ଖାରଜ କରିଦେବା ଠିକ୍ ନୁହେଁ। କିନ୍ତୁ ଏହାକୁ ପ୍ରମାଣ କରିବା ପାଇଁ ମଧ୍ୟ ଆବଶ୍ୟକ ତଥ୍ୟ, ନୀତି ଓ ଦୀର୍ଘକାଳୀନ ତୁଳନା ଦରକାର। ରାଜ୍ୟ ନିଜେ ମଧ୍ୟ ଏହି ଶିଳ୍ପ ପ୍ରତି କେତେ ଗମ୍ଭୀର, ସେ ପ୍ରଶ୍ନ ଏଡ଼ାଇ ହେବ ନାହିଁ। ଓଡ଼ିଶାର ଚଳଚ୍ଚିତ୍ର ପୁରସ୍କାର ପ୍ରଣାଳୀ ରହିଛି। 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର' ଭଳି ସମ୍ମାନ ଦୀର୍ଘଦିନ ଧରି ଓଡ଼ିଆ ସିନେମାର ଅବଦାନକୁ ସ୍ୱୀକୃତି ଦେଇଆସୁଛି। ପ୍ରଶାନ୍ତ ନନ୍ଦ, ଉତ୍ତମ ମହାନ୍ତି ଭଳି ବ୍ୟକ୍ତିତ୍ୱ ଏହି ସମ୍ମାନ ପାଇଛନ୍ତି। କିନ୍ତୁ ରାଜ୍ୟ ପୁରସ୍କାର ଓ ଜାତୀୟ ସ୍ୱୀକୃତି ଦୁଇଟି ଭିନ୍ନ ବିଷୟ। ଓଡ଼ିଶା ନିଜର ପ୍ରତିଭାକୁ ସମ୍ମାନ ଦେବା ସହିତ ସେହି ପ୍ରତିଭାକୁ ଦେଶର ଚଳଚ୍ଚିତ୍ର ଆଲୋଚନାରେ କିପରି ଆଗକୁ ଆଣିବ, ତାହା ମଧ୍ୟ ଭାବିବା ଦରକାର। ଏହା କେବଳ ସରକାରଙ୍କ କାମ ନୁହେଁ। ଓଡ଼ିଆ ଚଳଚ୍ଚିତ୍ରଶିଳ୍ପର ନିଜସ୍ୱ ଦାୟିତ୍ୱ ମଧ୍ୟ କମ୍ ନୁହେଁ। ଶିଳ୍ପର ଭିତରେ ଗୋଷ୍ଠୀବାଦ, ପରସ୍ପରକୁ ଛୋଟ କରିବାର ପ୍ରବୃତ୍ତି, ପୁରୁଣା ପ୍ରତିଭାଙ୍କୁ ଭୁଲିଯିବା ଓ ନିଜ ଇତିହାସକୁ ଯଥେଷ୍ଟ ଭାବେ ଲିପିବଦ୍ଧ ନକରିବା - ଏସବୁ ନେଇ ମଧ୍ୟ ଆତ୍ମସମୀକ୍ଷା ଆବଶ୍ୟକ।

ଜଣେ କଳାକାରଙ୍କୁ ଫାଲ୍‌କେ ପୁରସ୍କାର ମିଳିବା ପାଇଁ କେବଳ ରାଜନୈତିକ ପ୍ରଭାବ ଦରକାର ବୋଲି କହିଦେବା ମଧ୍ୟ ତଥ୍ୟଭିତ୍ତିକ ନୁହେଁ। ପୁରସ୍କାରର ଚୟନ ପ୍ରକ୍ରିୟା ନିଜସ୍ୱ ମାନଦଣ୍ଡ ଏବଂ ଚୟନ କମିଟିର ସୁପାରିସ ଉପରେ ନିର୍ଭର କରେ। ସେଥିପାଇଁ ଓଡ଼ିଆ କଳାକାରଙ୍କୁ ଏପର୍ଯ୍ୟନ୍ତ ସମ୍ମାନ ମିଳି ନ ଥିବାକୁ ସିଧାସଳଖ 'ବୈଷମ୍ୟ' ବୋଲି ଘୋଷଣା କରିବା ପୂର୍ବରୁ ତଥ୍ୟ ଯାଞ୍ଚ ଆବଶ୍ୟକ। ତଥାପି ଏକ ଅସ୍ୱସ୍ତିକର ସତ୍ୟ ରହିଯାଏ। ଯେତେବେଳେ ଅନ୍ୟ ଆଞ୍ଚଳିକ ଚଳଚ୍ଚିତ୍ର ଶିଳ୍ପର ପ୍ରତିଭା ଜାତୀୟସ୍ତରରେ ଦଶକ ପରେ ଦଶକ ସ୍ୱୀକୃତି ପାଉଛନ୍ତି, ସେତେବେଳେ ଓଡ଼ିଆ ସିନେମାର ପ୍ରତିନିଧିତ୍ୱ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଅନନ୍ତ ନାଗଙ୍କ ପୁରସ୍କାର ପରେ କନ୍ନଡ଼ ସିନେମା ଏହି ସମ୍ମାନର ଦ୍ୱିତୀୟ ପ୍ରତିନିଧି ପାଇଲା। ଏହା ଓଡ଼ିଶା ପାଇଁ ନିଜର ଚଳଚ୍ଚିତ୍ର ଐତିହ୍ୟକୁ ନୂଆ ଦୃଷ୍ଟିରେ ଦେଖିବାର ଅବସର।

ଏବେ କ'ଣ କରିବା ବା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଭବିଷ୍ୟତ ପନ୍ଥା କ'ଣ ବୋଲି ପ୍ରଶ୍ନ ପଚରାଯାଇପାରେ। ପ୍ରଥମେ ଓଡ଼ିଆ ସିନେମାର ଏକ ସ୍ୱାଧୀନ 'ଜାତୀୟ ସ୍ୱୀକୃତି ପ୍ରକଳ୍ପ' ଆରମ୍ଭ ହେଉ। ଗତ ଶତାବ୍ଦୀର ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ, ସଙ୍ଗୀତଜ୍ଞ, ଚିତ୍ରଗ୍ରାହକ, ଲେଖକ ଓ ପ୍ରଯୁକ୍ତିବିଦ୍‌ଙ୍କ ଅବଦାନର ତଥ୍ୟଭିତ୍ତିକ ଦଲିଲ ପ୍ରସ୍ତୁତ ହେଉ। ଦ୍ୱିତୀୟତଃ, ଓଡ଼ିଆ ଚଳଚ୍ଚିତ୍ରର ଉତ୍କୃଷ୍ଟ ସୃଷ୍ଟିଗୁଡ଼ିକର ହିନ୍ଦୀ ଓ ଇଂରାଜୀରେ ଅନୁବାଦ, ପ୍ରଦର୍ଶନ ଓ ଡିଜିଟାଲ୍ ସଂରକ୍ଷଣ ହେଉ। ତୃତୀୟତଃ, ଜାତୀୟ ଚଳଚ୍ଚିତ୍ର ଉତ୍ସବ, ଗବେଷଣା ସମ୍ମିଳନୀ ଓ ଆଲୋଚନାରେ ଓଡ଼ିଆ ସିନେମାର ପ୍ରତିନିଧିତ୍ୱ ବଢ଼ୁ। ସବୁଠାରୁ ବଡ଼ କଥା - ଜୀବନକାଳରେ ଜଣେ କଳାକାରଙ୍କ ଅବଦାନକୁ ଚିହ୍ନଟ କରିବା ଦରକାର। କଳାକାରଙ୍କ ଦେହାବସାନ ପରେ ଶ୍ରଦ୍ଧାଞ୍ଜଳି ସଭା କରିବା ଅପେକ୍ଷା ସେ ଜୀବିତ ଥିବା ବେଳେ ତାଙ୍କ ସୃଜନଶୀଳ ଯାତ୍ରାକୁ ଦେଶ ସମ୍ମୁଖରେ ରଖିବା ଅଧିକ ଜରୁରୀ।

ଓଡ଼ିଆ ସିନେମାକୁ 'ସାବତ ମା' ଭଳି ବ୍ୟବହାର କରାଯାଉଛି କି ନାହିଁ - ଏହାର ନିଷ୍କର୍ଷ ଆଜି ଦେବା ଆବଶ୍ୟକ ନୁହେଁ। କିନ୍ତୁ ଏହି ଅଭିଯୋଗ ଯଦି ଦୀର୍ଘଦିନ ଧରି ଉଠୁଛି, ତେବେ ତାହାର ତଥ୍ୟଭିତ୍ତିକ ଅନୁସନ୍ଧାନ ହେବା ଦରକାର। ଦିଲ୍ଲୀକୁ ଦୋଷ ଦେବା ପୂର୍ବରୁ ଭୁବନେଶ୍ୱର ନିଜକୁ ପଚାରୁ - ଆମେ କି ନିଜ ଚଳଚ୍ଚିତ୍ରଐତିହ୍ୟକୁ ଯଥେଷ୍ଟ ମୂଲ୍ୟ ଦେଇଛୁ? ଆମେ କି ଆମର ବରିଷ୍ଠ କଳାକାରଙ୍କ ସମଗ୍ର କାର୍ଯ୍ୟକୁ ଦେଶ ସମ୍ମୁଖରେ ରଖିଛୁ? ଆମେ କି ନିଜର ଚଳଚ୍ଚିତ୍ର ଇତିହାସକୁ ସଂରକ୍ଷଣ କରିଛୁ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବାର ସମୟ ଏବେ।

ଫାଲ୍‌କେ ପୁରସ୍କାର କେବେ ଓଡ଼ିଶାକୁ ଆସିବ ଏହାର ଭବିଷ୍ୟବାଣୀ କେହି କରିପାରିବେ ନାହିଁ। କିନ୍ତୁ ଓଡ଼ିଆ ସିନେମାର ଯେଉଁ ପ୍ରତିଭାମାନେ ଏହି ସମ୍ମାନ ପାଇଁ ବିଚାରଯୋଗ୍ୟ ହୋଇପାରନ୍ତି, ସେମାନଙ୍କ କାର୍ଯ୍ୟକୁ ଜାତୀୟ ପରିସରରେ ସଠିକ୍, ସ୍ୱଚ୍ଛ ଓ ତଥ୍ୟଭିତ୍ତିକ ଭାବେ ପହଞ୍ଚାଇବା - ଏହା ଆମ ହାତରେ ଅଛି। ଅପେକ୍ଷା କେବେ ସରିବ, ତାହାଠାରୁ ବଡ଼ ପ୍ରଶ୍ନ ହେଉଛି ଓଡ଼ିଆ ସିନେମା ନିଜର ଅଧିକାରର ସ୍ୱର କେବେ ଦୃଢ଼ କରିବ?

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

## ଶକ୍ତିଲାଭ ବନାମ ପ୍ରଜ୍ଞାଲାଭ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ଏବେ ଅନେକେ ଧାରଣା ପୋଷଣ କରୁଛନ୍ତି ଯେ ଆଧ୍ୟାତ୍ମିକ ଜୀବନ ନିର୍ବାହ କଲେ କିମ୍ବା ନିର୍ଦ୍ଦିଷ୍ଟ କେତେକ ସାଧନାକୁ ନିରବଚ୍ଛିନ୍ନ ଭାବରେ ଅଭ୍ୟାସ କଲେ ଏପରି ସ୍ୱତନ୍ତ୍ର ଶକ୍ତି ଲାଭ ହୁଏ, ଯାହା ସେମାନଙ୍କର ବହୁ ସମସ୍ୟା ସମାଧାନ କରିଦେବାରେ ଖୁବ୍ ସହାୟକ। କିନ୍ତୁ ଶକ୍ତି ଲାଭ କରିବା ଓ ଆଧ୍ୟାତ୍ମିକ ହେବା ଭିତରେ ପାର୍ଥକ୍ୟ ରହିଛି। ଅନେକ ଉଦାହରଣରୁ ପ୍ରମାଣ ମିଳେ ଯେ ଉକ୍ତ ଅସାଧାରଣ ଶକ୍ତି ହୁଏତ ସଂପୂର୍ଣ୍ଣ ଅର୍ଥହୀନ। ଦୃଷ୍ଟାନ୍ତଟିଏ ଶୁଣନ୍ତୁ।

ଦୀର୍ଘ ୧୨ ବର୍ଷ ଧରି କଠିନ ସାଧନାରେ ବ୍ରତୀ ରହି ଜନୈକ ବ୍ୟକ୍ତି ଜଳ ଉପରେ ଚାଲି ପାରିବାର ଶକ୍ତି ପ୍ରାପ୍ତ ହୋଇଗଲେ। ନିଜର ଏହି ଶକ୍ତିକୁ ପ୍ରଦର୍ଶନ କରିବା ନିମନ୍ତେ ସେ ଯାଇ ପହଞ୍ଚିଲେ ଜଣେ ନାଉରି ପାଖରେ ଏବଂ କହିଲେ, 'ଲୋକମାନଙ୍କୁ ନଦୀ ପାର କରେଇବା ନିମନ୍ତେ ତୋତେ ଡଙ୍ଗାର ସାହାଯ୍ୟ ନେବାକୁ ପଡୁଛି। ଏପିରିକି ତୁ ନିଜେ ନଈର ଏ କୂଳରୁ ସେ କୂଳକୁ ଯିବା ପାଇଁ ଦରକାର କରୁଛୁ ଡଙ୍ଗା। କିନ୍ତୁ ନଦୀ ଅତିକ୍ରମ କରିବା ନିମନ୍ତେ ମୋର ଡଙ୍ଗାଫଙ୍ଗା ଲୋଡ଼ା ନାହିଁ। ମୁଁ ଇଚ୍ଛା କଲେ ଜଳ ଉପରେ ଡଗଡଗ ଚାଲି ନଦୀର ଅନ୍ୟ ତୀରରେ ପହଞ୍ଚିଯାଇପାରିବି।' ନାଉରିଟି ସାମାନ୍ୟ ହସି ସେହି ଲୋକକୁ ପଚାରିଲା, 'ଆଜ୍ଞା, ଏହା ନିଶ୍ଚିତ ଭାବରେ ଏକ ଅସାଧାରଣ ସାମର୍ଥ୍ୟ। କିନ୍ତୁ ଏହି ଧରଣର ସାମର୍ଥ୍ୟ ହାସଲ କରିବା ନିମନ୍ତେ ଆପଣଙ୍କୁ କେତେ ବର୍ଷ ଧରି ସାଧନା କରିବା ପାଇଁ ପଡ଼ିଥିଲା? ଲୋକ ଜଣକ ଛାତି ଫୁଲେଇ ବଡ଼ ଗର୍ବରେ ଉତ୍ତର ଦେଲେ, 'ଦୀର୍ଘ ବାର ବର୍ଷ'। ନାଉରିଟି ପୁଣି ଟିକିଏ ମୁରୁକି ହସା ଦେଇ କହିଲା, 'ଆଜ୍ଞା ଏଇ ସାମାନ୍ୟ କୌଶଳ ଟିକକ ହାସଲ କରିବା ନିମନ୍ତେ ଆପଣ ନିଜ ମୂଲ୍ୟବାନ ଜୀବନରୁ ପୁରା ୧୨ଟା ବର୍ଷ ବରବାଦ କରିଦେଲେ? ଏପରି ଶକ୍ତି ଅର୍ଜନ କରିବାର କି ଦରକାର ଥିଲା। ଆପଣ ତ ଡଙ୍ଗା ଭିତରେ ଆରାମରେ ବସି ନଦୀ ପାର ହୋଇ ପାରିଥା'ନ୍ତେ?'

ଆଉ ଏକ ଉଦାହରଣ। ଥିଲେ ଜଣେ ରାଜା। ତାଙ୍କ ନାଁ ମିଦାସ। ଧନ ଠୁଳ କରିବା ହିଁ ଥିଲା ତାଙ୍କ ଜୀବନର ଏକମାତ୍ର ଧ୍ୟେୟ। ନିଜ ସାଧନା ବଳରେ ଜଣେ ଦେବତାଙ୍କୁ ଖୁବ ସେ ସନ୍ତୁଷ୍ଟ କରିଦେଲେ। ଦେବତା ଜଣକ ମିଦାସଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ବର ମାଗିବା ନିମନ୍ତେ କହନ୍ତେ ମିଦାସ ମାଗିଲେ - ମୁଁ ଏଇ ବର ପ୍ରାର୍ଥନା କରୁଛି ଯେ ମୁଁ ଯାହାକୁ ଛୁଇଁବି, ତାହା ସାଙ୍ଗେ ସାଙ୍ଗେ ସୁନାରେ ପରିଣତ ହୋଇଯିବ।' 'ତଥାସ୍ତୁ' କହି ଦେବତା ଅଦୃଶ୍ୟ ହୋଇଗଲେ। ଏହାପରେ ରାଜା ମିଦାସ ରୋମାଞ୍ଚିତ ଓ କୌତୁହଳୀ ହୋଇ ଚଉକିଟିଏ ଛୁଇଁ ଦେବା କ୍ଷଣି ତାହା ହୋଇଗଲା ସୁନାର ଚଉକି। ଏହାପରେ ସେ ଉଆସ ସାରା ଜିନିଷପତ୍ରକୁ ଗୋଟିକ ପରେ ଗୋଟିଏ ଛୁଇଁ ଚାଲିଲେ। କିଛି ଘଣ୍ଟାପରେ ତାଙ୍କୁ ଭୋକ ଲାଗିଲା। ତାଙ୍କ ପାଇଁ ସୁନା ଟେବୁଲ ଉପରେ ଖାଇବା ବଢ଼ାଗଲା। କିନ୍ତୁ ଛୁଇଁ ଦିଅନ୍ତେ ଖାଦ୍ୟ ପାନୀୟ ବି ସୁନା ହୋଇଗଲା। ବିକଳରେ ସେ ଚିତ୍କାର କରିବାରୁ ତାଙ୍କ ପାଖକୁ ଦୌଡ଼ି ଆସଲା ତାଙ୍କ ଝିଅ। ସେ ବ୍ୟାକୁଳ ହୋଇ ଝିଅକୁ ଜାବୁଡ଼ି ଧରିବାକ୍ଷଣି ତାଙ୍କ ସ୍ପର୍ଶ ପାଇ ଝିଅ ମଧ୍ୟ ପାଲଟିଗଲା ସୁନା। ଏତେ ବେଳେକେ ଯାଇ ମିଦାସଙ୍କର ହୋସ ପଶିଲା। ଦେଇଥିବା ବରଟିକୁ ଫେରେଇ ନେବା ନିମନ୍ତେ ସେ ଦେବତାଙ୍କୁ ବାରମ୍ବାର କାତର ପ୍ରାର୍ଥନା କରିବାରେ ଲାଗିଲେ। ଦେବତା ଜଣକ ଦୟାପରବଶ ହୋଇ ଫେରେଇ ନେଲେ ମିଦାସଙ୍କୁ ଦେଇଥିବା ବରଟିକୁ।

ଶେଷ ଗପଟି ହିରଣ୍ୟକଶ୍ୟପୁଙ୍କ ସଂପର୍କରେ। ଖୁବ୍ କଷ୍ଟକର ସାଧନା କରି ରାଜା ହିରଣ୍ୟକଶ୍ୟପୁ ପ୍ରାପ୍ତ ହୋଇଥିଲେ ଏକ ଅସାଧାରଣ ବର। ବରଟି ହେଲା ସେ କୌଣସି ମଣିଷ କିମ୍ବା ପଶୁପକ୍ଷୀଙ୍କ ଦ୍ୱାରା ମରିବେନି। ଘର ଭିତରେ ନୁହେଁ କି ବାହାରେ ନୁହେଁ; ଦିନବେଳା ନୁହେଁ କି ରାତିବେଳା ତାଙ୍କର ମୃତ୍ୟୁ ହେବ ନାହିଁ। ଏଭଳି ଅସାଧାରଣ ବର ଲାଭ କରିବା ପରେ ତା'ର ଅପବ୍ୟହାର କରି ଚଳେଇ ଚାଲିଲେ ଭୀଷଣ ଅତ୍ୟାଚାର। ଶେଷରେ ଭଗବାନ ବିଷ୍ଣୁ ନରସିଂହ (ଅଧା ମଣିଷ ଓ ଅଧା ପଶୁ) ରୂପରେ ଆବିର୍ଭାବ ହୋଇ, ଘର ଭିତର ଓ ଘର ବାହାରର ସନ୍ଧିସ୍ଥଳ ଏରୁଣ୍ଡିବନ୍ଧ ଉପରେ ସନ୍ଧ୍ୟା ସମୟରେ ତାଙ୍କୁ ବଧ କଲେ।

ଉପରୋକ୍ତ ଉଦାହରଣଗୁଡ଼ିକରୁ କ'ଣ ଅର୍ଥ କରାଯିବ ଯେ ଅତିରିକ୍ତ ଶକ୍ତିଲାଭ ସର୍ବଦା କ୍ଷତିକାରକ? ନା। ଅନ୍ତର୍ଦୃଷ୍ଟି ସମ୍ପନ୍ନ ହୋଇ ଆନ୍ତରିକ ଭାବରେ ପ୍ରାର୍ଥନା କଲେ କେତେକ କ୍ଷେତ୍ରରେ ପ୍ରାର୍ଥନାର ଉତ୍ତର ମିଳିଥାଏ। କିନ୍ତୁ ପ୍ରାର୍ଥନାକାରୀ ନିଜ ପ୍ରାର୍ଥନା ବଳରେ ଯେଉଁ ଅତିରିକ୍ତ ଶକ୍ତି ପ୍ରାପ୍ତ ହୋଇଥା'ନ୍ତି, ସେହି ଶକ୍ତିକୁ ସେ ସମସ୍ତଙ୍କ ହିତ ନିମନ୍ତେ ହିଁ ପ୍ରୟୋଗ କରିବା ବାଞ୍ଛନୀୟ। ଭଗବଦ୍ ଗୀତାର ବାଣୀ ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ଶକ୍ତିଧର। ମାତ୍ର ନିରନ୍ତର ସାଧନା ଫଳରେ ସେ ଲାଭ କରିପାରନ୍ତି ଅନ୍ୟମାନଙ୍କ ତୁଳନାରେ ଅଧିକ ଶକ୍ତି। ହେଲେ ସର୍ବଶକ୍ତିମାନ ଈଶ୍ୱରଙ୍କ ଶକ୍ତି ସାମର୍ଥ୍ୟ ତୁଳନାରେ ସେହି ଅତିରିକ୍ତ ଶକ୍ତି ଅତି ତୁଚ୍ଛ, ନିହାତି ନଗଣ୍ୟ। ଈଶ୍ୱର ଏତେ ଶକ୍ତିମାନ ଯେ ଆବହମାନ କାଳରୁ ସେ ଏହି ବିଶ୍ୱକୁ ପରିଚାଳନା କରିଆସୁଛନ୍ତି। ବିଶ୍ୱରେ ସଂଘଟିତ ହୋଇଚାଲିଛି ତାଙ୍କର ସୃଷ୍ଟି ଓ ସଂହାର ଲୀଳା। ଉଭୟ ପ୍ରକ୍ରିୟା ସମାନୁପାତକ ଭାବରେ ସଂଘଟିତ ହେବା ଫଳରେ ବିଶ୍ୱକ୍ରିୟା ହେଉଛି ସନ୍ତୁଳନ। ଏବେ କିନ୍ତୁ ବିଜ୍ଞାନୀମାନେ ନିଜକୁ ସର୍ବଶକ୍ତିମାନ ବୋଲି ବିଚାର କରଉଛି। ପ୍ରାକୃତିକ ବିପର୍ଯ୍ୟୟ ସମ୍ମୁଖରେ ତ ବିଜ୍ଞାନୀ ନିରୁପାୟ। ଝଡ଼, ବାତ୍ୟା, ସୁନାମି, ଭୂକମ୍ପ ଆଗ୍ନେୟ ଉଦ୍‌ଗୀରଣ ଇତ୍ୟାଦିରେ ଆମେ କୌଣସି ନା କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିପାରୁଛେ ସିନା, ଏହାକୁ ବନ୍ଦ କରିଦେବାର କ୍ଷମତା ଆମର ଅଛି କି?

ସୁତରାଂ ପାର୍ଥିବ ଶକ୍ତି ଲାଭକୁ ଆଧ୍ୟାତ୍ମିକତା କୁହାଯାଇପାରିବନି। ଆଧ୍ୟାତ୍ମିକତା ହେଉଛି ପ୍ରଜ୍ଞାପ୍ରାପ୍ତି ନିମନ୍ତେ ସ୍ୱେଚ୍ଛାକୃତ ନିରନ୍ତର ପ୍ରୟାସ। ଯଥାର୍ଥ ପ୍ରଜ୍ଞା ହୋଇପାରିଲେ, ଆମେ ପ୍ରତ୍ୟେକ ଘଟଣାକୁ ବାହ୍ୟ ଚକ୍ଷୁରେ ନ ଦେଖି ଅନ୍ତଃଚକ୍ଷୁରେ ଦେଖିବାରେ ସମର୍ଥ ହଉ। ଅନ୍ତର୍ଜ୍ଞାନ ଲାଭ ହେଲେ ଆମଠାରେ ଆଧ୍ୟାତ୍ମିକତାର ଉନ୍ମେଷ ଓ ଉତ୍ତରଣ ଘଟେ। ଏହାର ପ୍ରଭାବରେ ନିଜ ଆବେଗ ଉପରେ ନିୟନ୍ତ୍ରଣ ଆସିଯାଏ। ଆମର କାର୍ଯ୍ୟଧାରା ହୋଇଯାଏ ସୁଶୃଙ୍ଖଳ ଓ ହିତକାରୀ। କଷ୍ଟକର ସମସ୍ୟାରେ ଆମ ଠାରେ ମାନସିକ ସ୍ଥିରତା ତଥା ପ୍ରଶାନ୍ତରେ କୌଣସି ଆଞ୍ଚ ଆସିପାରେନି। ଜୀବନର ଗୂଢ଼ ଅର୍ଥକୁ ବୁଝିବା ଆମ ପକ୍ଷେ ଆଉ ସମସ୍ୟା ହୋଇ ରହେନାହିଁ। ସେଥିପାଇଁ ପଦାର୍ଥ ବିଜ୍ଞାନୀ ତଥା ନୋବେଲ ପୁରସ୍କାର ବିଜେତା ଏରଉଇନ ସ୍ରୋଡିଞ୍ଜର ଯଥାର୍ଥରେ କହିଛନ୍ତି - ଆଧ୍ୟାତ୍ମିକତାକୁ ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ଭିତରକୁ ଆଣିବା ବାଞ୍ଛନୀୟ ନୁହେଁ। ପ୍ରତ୍ୟେକ ଜ୍ଞାନ ହିଁ ଆଧ୍ୟାତ୍ମିକତା ସହ ସଂପୃକ୍ତ ଏବଂ ନିର୍ଦ୍ଦିଷ୍ଟ ଭାବରେ କହିଲେ ସମସ୍ତ ଜ୍ଞାନ ଆଧ୍ୟାତ୍ମିକତାରେ ହିଁ ଅନ୍ତର୍ନିହିତ।

କଟକ, ମୋ: ୯୪୩୭୭୬୭୬୧୭

## କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

### ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

କାଳକ୍ରମେ ଏହି ଦୁଇ ରାଜ୍ୟର ଶାସକ ବଂଶଗୁଡ଼ିକ ପରସ୍ପର ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱ ସ୍ଥାପନ କରିଥିଲେ। 'ଦାଠାବଂଶ' ଗ୍ରନ୍ଥରେ କଳିଙ୍ଗର ରାଜା ଗୁହଶିବ ଓ ସିଂହଳର ରାଜା ମହାଦିସେନ (ଖ୍ରୀ ୨୭୭-୩୦୪) ଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ବିଷୟରେ ସ୍ପଷ୍ଟ ବର୍ଣ୍ଣନା ମିଳେ। ଏହି ଗ୍ରନ୍ଥରେ ଆହୁରି ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି ସିଂହଳର ରାଜା ଶ୍ରୀମେଘବର୍ଣ୍ଣ (ଖ୍ରୀ ୩୦୪-୩୫୨) ଙ୍କ ରାଜତ୍ୱର ନବମ ବର୍ଷରେ କଳିଙ୍ଗର ଦନ୍ତପୁରରୁ ବୁଦ୍ଧଙ୍କ ପବିତ୍ର ଦନ୍ତଧାତୁ ସିଂହଳକୁ ନିଆଯାଇଥିଲା। କଳିଙ୍ଗର ରାଜକୁମାରୀ ହେମମାଳା ତାଙ୍କ ସ୍ୱାମୀ ଦନ୍ତକୁମାରଙ୍କ ସହିତ ଏହି ମୂଲ୍ୟବାନ ପବିତ୍ର ଦେହାବଶେଷକୁ ସିଂହଳ ନେଇ ଯାଇଥିଲେ। ରାଜା ଶ୍ରୀମେଘବର୍ଣ୍ଣ ଏହି ପବିତ୍ର ଧାତୁକୁ ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନର ସହିତ ସେଠାରେ ଗ୍ରହଣ କରିଥିଲେ।

ଦୀପବଂଶ ଓ ମହାବଂଶ ଆଦି: ଖ୍ରୀଷ୍ଟିୟ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀ ସିଂହଳର ଇତିହାସରେ ବୌଦ୍ଧଧର୍ମର ଏକ ଗୌରବମୟ ଯୁଗ ଥିଲା। ଏହି ସମୟରେ କେବଳ ବୃହତ୍ ସ୍ତୁପ, ବିହାର ଓ ଚୈତ୍ୟ ନିର୍ମାଣ ହୋଇନଥିଲା, ବରଂ ବୌଦ୍ଧ ଧର୍ମ ଓ ଦର୍ଶନ ସଂପର୍କରେ ଅନେକ ମୂଲ୍ୟବାନ ଗ୍ରନ୍ଥ ଓ ଗୁରୁତ୍ୱପୂର୍ଣ୍ଣ ଇତିବୃତ୍ତମାନ ରଚିତ ହୋଇଥିଲା। ଦୀପବଂଶ ଓ ମହାବଂଶ ଯଥାକ୍ରମେ ଖ୍ରୀ ୩୫୦ ଓ ଖ୍ରୀ ୪୭୫ ରେ ରଚିତ ହୋଇଥିଲା। ଏହି ଦୁଇଟି ଗ୍ରନ୍ଥ ଭାରତ ଓ ସିଂହଳ ଉଭୟର ଇତିହାସ ଜାଣିବାର ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସ।

ସିଂହଳରେ ବୌଦ୍ଧ ଧର୍ମର ଏହି ବୃଦ୍ଧିଶୀଳ ପ୍ରଭାବ ଓଡ଼ିଶା ଉପରେ ଯଥେଷ୍ଟ ପ୍ରଭାବ ପକାଇଥିବ। କାରଣ, ସେହି ସମୟରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଓ ସାଂସ୍କୃତିକ ଆଦାନ ପ୍ରଦାନ ସକ୍ରିୟ ଭାବେ ଚାଲିଥିବାର ପ୍ରମାଣ ମିଳେ। ଖ୍ରୀଷ୍ଟିୟ ତୃତୀୟ ଶତାବ୍ଦୀରେ କୃଷ୍ଣା-ଗୋଦାବରୀ ସଂଗମ ସ୍ଥଳ ଅଞ୍ଚଳରେ ନିର୍ମିତ 'ସିଂହଳ ବିହାର' ଏବଂ ରାଜା ଶ୍ରୀମେଘବର୍ଣ୍ଣଙ୍କ ଦ୍ୱାରା ବୋଧଗୟାଠାରେ ନିର୍ମିତ ପ୍ରସିଦ୍ଧ 'ମହାବୋଧି ସଂଘାରାମ' ସିଂହଳୀ ସଂସ୍କୃତିର କେନ୍ଦ୍ରସ୍ଥଳ ହୋଇଥିଲା। ସିଂହଳରୁ ବହୁସଂଖ୍ୟକ ଧର୍ମପରାୟଣ ତୀର୍ଥଯାତ୍ରୀ ଏହି ପବିତ୍ର ସ୍ଥାନଗୁଡ଼ିକ ଦର୍ଶନ କରିବା ପାଇଁ ଭାରତ ଆସୁଥିଲେ। ଏହି ଦୁଇ ସିଂହଳୀ ବୌଦ୍ଧ କେନ୍ଦ୍ର ମଧ୍ୟରେ ଅବସ୍ଥିତ 'କଳିଙ୍ଗ' ଏହି ତୀର୍ଥ ଯାତ୍ରୀମାନଙ୍କ ପାଇଁ ଏକମାତ୍ର ପ୍ରମୁଖ ଯାତାୟାତ ପଥ ଯୋଗାଇ ଦେଉଥିଲା। ବଣିକ ଓ ତୀର୍ଥଯାତ୍ରୀ ଉଭୟଙ୍କ ଦ୍ୱାରା ବ୍ୟବହୃତ ସବୁଠାରୁ ଲୋକପ୍ରିୟ ସମୁଦ୍ରପଥ ଥିଲା ତାମ୍ରପର୍ଣ୍ଣୀରୁ କଳିଙ୍ଗ ଅନ୍ତର୍ଗତ ତାମ୍ରଲିପ୍ତି ବନ୍ଦର ପର୍ଯ୍ୟନ୍ତ ଏବଂ ସେଠାରୁ ପାଟଳୀପୁତ୍ର ପର୍ଯ୍ୟନ୍ତ, ଯାହା ଜଳପଥ ସହିତ ସଂଯୁକ୍ତ ଥିଲା। ଏହା ବ୍ୟତୀତ ଉଡ୍ର (ଉତ୍କଳ) ଦେଶର ଚେଲିତୋଲା ବନ୍ଦର ମଧ୍ୟ ସିଂହଳ ସହିତ ସକ୍ରିୟ ସାମୁଦ୍ରିକ ବାଣିଜ୍ୟିକ ଓ ସାଂସ୍କୃତିକ ସଂପର୍କ ରଖିଥିଲା। ଏହିପରି, ସିଂହଳ-କଳିଙ୍ଗର ସମୁଦ୍ରପଥ, ବାଣିଜ୍ୟ ଓ ତୀର୍ଥଯାତ୍ରୀ ଉଭୟ ଦେଶ ମଧ୍ୟରେ ବୌଦ୍ଧ ଓ ସାଂସ୍କୃତିକ ସଂପର୍କକୁ ଆହୁରି ଦୃଢ଼ କରିଥିଲା।

କଳିଙ୍ଗ ଓ ଉଟା (ଉଡ୍ରା/ଓଡ୍ର) ଦେଶର ଲୋକମାନେ ପବିତ୍ର ଦନ୍ତଧାତୁକୁ ସମ୍ମାନ ଜଣାଇବା ଏବଂ ସେହି ଦ୍ୱୀପର ସ୍ତୁପ, ବିହାର ଆଦି ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ପରିଦର୍ଶନ କରିବା ପାଇଁ ସିଂହଳକୁ ଯାଉଥିଲେ। 'ଚୂଳବଂଶ'ରେ ଉଲ୍ଲେଖ ରହିଛି ଯେ, ଅଗ୍ଗବୋଧି (ଅଗ୍ରବୋଧି) ଦ୍ୱିତୀୟ (ଖ୍ରୀ୬୦୧-୬୧୧) ଙ୍କ ଶାସନ କାଳରେ କଳିଙ୍ଗର ଜଣେ ରାଜା ତାଙ୍କ ପତ୍ନୀ ଓ ମନ୍ତ୍ରୀଙ୍କ ସହିତ ସିଂହଳକୁ ଆସିଥିଲେ। ସେଠାରେ ସେ ଜ୍ୟୋତିପାଳଙ୍କ ନିର୍ଦ୍ଦେଶନାରେ ସନ୍ନ୍ୟାସ (ବୌଦ୍ଧ ଧର୍ମ) ଗ୍ରହଣ କରିଥିଲେ। ସେହି ଉତ୍ସରୁ ଏହା ମଧ୍ୟ ଜଣାଯାଏ ଯେ, କଳିଙ୍ଗର ରାଜାଙ୍କ କନ୍ୟା ତ୍ରିଲୋକସୁନ୍ଦରୀଙ୍କୁ ସିଂହଳର ରାଜା ବିଜୟବାହୁ ପ୍ରଥମ ବିବାହ କରିଥିଲେ। ଏହି କଳିଙ୍ଗ ରାଜାଙ୍କ ନାମ ଥିଲା ସାମଲବର୍ମନ। ସେହି ଚୂଳବଂଶର ତଥ୍ୟରୁ ଏହା ମଧ୍ୟ ଜଣାଯାଏ ଯେ, ପରବର୍ତ୍ତୀ କାଳରେ କଳିଙ୍ଗ ରାଜପରିବାରର ବଂଶଧରମାନେ ସିଂହଳ ରାଜ ସିଂହାସନ ଅଧିକାର କରିଥିଲେ। ଶିଳାଲେଖୀୟ ପ୍ରମାଣରୁ ଏହା ଜଣାଯାଇଛି ଯେ କଳିଙ୍ଗର ରାଜା ଗୋପରାଜଙ୍କ ପୁତ୍ର ନିଶଙ୍କ ମଲ୍ଲ ଓ ସାହସମଲ୍ଲ ଖ୍ରୀ୧୨୦୦ ପୂର୍ବରୁ କୌଣସି ସମୟରେ ସିଂହଳ ରାଜସିଂହାସନ ଆରୋହଣ କରିଥିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବଦଳି ନିୟମକୁ ଖୋଲା ଉଲ୍ଲଂଘନ

# ଦୀର୍ଘ ବର୍ଷ ଧରି ମୁଖ୍ୟାଳୟରେ ପ୍ରଭାବଶାଳୀ କର୍ମଚାରୀ

**କାର୍ଯ୍ୟମୁକ୍ତ ନ କରି ନାଟକୀୟ ଢଙ୍ଗରେ ପୁନଃ ଅବସ୍ଥାପିତ**

ବାରିପଦା, ୨୫।୯(ସମିସ): ସରକାରୀ ନିୟମ ଅନୁସାରେ କୌଣସି ବି ଜିଲ୍ଲାପାଳ କିମ୍ବା ପ୍ରଶାସନିକ କାର୍ଯ୍ୟାଳୟରେ ଜଣେ ଅଧିକାରୀ କିମ୍ବା କର୍ମଚାରୀ ନିର୍ଦ୍ଦିଷ୍ଟ ଏକ ଶାଖା ବା ସିଟ୍‌ରେ ୩ ବର୍ଷରୁ ଅଧିକ ସମୟ ରହିପାରିବେନାହିଁ। ମାତ୍ର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସରକାରଙ୍କ ଏହି ସ୍ପଷ୍ଟ ନିର୍ଦ୍ଦେଶାବଳୀ ଓ ନୀତିନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଥିବା ସାମ୍ନାକୁ ଆସିଛି। ବିଶେଷକରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାପନ ଶାଖା କିଛି ନିର୍ଦ୍ଦିଷ୍ଟ କର୍ମଚାରୀଙ୍କ ପାଇଁ ଚିରସ୍ଥାୟୀ ଠିକଣା ପାଲଟିଛି, ଯେଉଁଠାରେ ବର୍ଷ ବର୍ଷ ଧରି ରହି ସେମାନେ ନିଜର ଦବ୍‌ଦବା ଜାହିର କରୁଛନ୍ତି।

ରାଜସ୍ୱ କ୍ଷେତ୍ରର ତୃଣମୂଳ କର୍ମଚାରୀଙ୍କ ବଦଳି, ପଦୋନ୍ନତି, ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଓ ବ୍ୟକ୍ତିଗତ ସେବା ପୁସ୍ତିକା ପରିଚାଳନାରେ ଏମାନଙ୍କ ଭୂମିକାକୁ ନେଇ ବାରମ୍ବାର ମୋଟା ଅଙ୍କର ଅର୍ଥ କାରବାର ଓ ଅନିୟମିତତାର ସଙ୍ଗୀନ ଅଭିଯୋଗ ଉଠୁଥିଲେ ମଧ୍ୟ ଉପର ସ୍ତରରେ ସେମାନଙ୍କୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହୋଇଛି। ପ୍ରଭାବଶାଳୀ କର୍ମଚାରୀଙ୍କ ଲମ୍ବା କାର୍ଯ୍ୟକାଳ ଓ ଦାୟିତ୍ୱକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଯେଉଁଥିରେ ସେକ୍ସନ ଅଫିସର କପିଳାସ ବେହେରା ୨୦୧୮ରୁ ସଂସ୍ଥାପନ ଶାଖାରେ କାର୍ଯ୍ୟରତ ରହି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଓ ପ୍ରୋସେସିଂ ଭଳି ସମ୍ବେଦନଶୀଳ ଫାଇଲ୍ ସମ୍ଭାଳୁଥିବାବେଳେ ଅନ୍ୟତମ ସେକ୍ସନ ଅଫିସର ସୁମନ୍ତ କୁମାର ନାଏକ ୨୦୧୧ରୁ ଜୁନିଅର କ୍ଲର୍କ ଭାବେ କାର୍ଯ୍ୟ ଆରମ୍ଭ କରି ପରବର୍ତ୍ତୀ ସମୟରେ ସିନିୟର କ୍ଲର୍କ ଓ ପଦୋନ୍ନତି ପାଇ ସେକ୍ସନ ଅଫିସର ହେବା ପର୍ଯ୍ୟନ୍ତ ଦୀର୍ଘ ବର୍ଷ ଧରି ଏଠାରେ ବିଲ ଓ ବଜେଟ ଭଳି ସମ୍ବେଦନଶୀଳ ଆସନରେ ଜମାଇ ବସିଛନ୍ତି। ସେହିପରି ସିନିୟର କ୍ଲର୍କ ତଥା ସିନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ ସନ୍ତୋଷ କୁମାର ସେଠୀ ମଧ୍ୟ ୨୦୧୮ରୁ ଏହି ଗୁରୁତ୍ୱପୂର୍ଣ୍ଣ ଶାଖାରେ ଅବସ୍ଥାପିତ ରହି କର୍ମଚାରୀଙ୍କ ବ୍ୟକ୍ତିଗତ ଫାଇଲ୍ ସମେତ ବଦଳି ଓ ଅବସ୍ଥାପନା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହାତରେ ରଖିଛନ୍ତି।

ପ୍ରଶାସନିକ ସ୍ୱଚ୍ଛତା ରକ୍ଷା ପାଇଁ ଗତ ୧୫।୬।୨୦୨୬ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସେକ୍ସନ ଅଫିସରଙ୍କ ପାଇଁ ଅର୍ଡର ନଂ୨୧୪୧/ଇଏସଟିଟି ଓ ବରିଷ୍ଠ ରାଜସ୍ୱ ସହାୟକଙ୍କ ପାଇଁ ଅର୍ଡର ନଂ୨୧୪୩/ଇଏସଟିଟି ଜାରି କରାଯାଇ ବ୍ୟାପକ ବଦଳି କରାଯାଇଥିଲା। ଉକ୍ତ ଆଦେଶନାମାରେ ସ୍ପଷ୍ଟ ଉଲ୍ଲେଖ ଥିଲା ଯେ, କୌଣସି ବିକଳ୍ପ କର୍ମଚାରୀଙ୍କ ଅପେକ୍ଷା ନ କରି ୭ ଦିନ ମଧ୍ୟରେ ସମ୍ପୃକ୍ତ କର୍ମଚାରୀଙ୍କୁ କାର୍ଯ୍ୟମୁକ୍ତ (ରିଲିଭ୍) କରାଯିବ। ଏହି କ୍ରମରେ ସଂସ୍ଥାପନ ଶାଖାର କପିଳାସ ବେହେରାଙ୍କୁ ଡିଡବ୍ଲୁଓ କାର୍ଯ୍ୟାଳୟକୁ, ସୁମନ୍ତ କୁମାର ନାଏକଙ୍କୁ ସିଏସଓଙ୍କ କାର୍ଯ୍ୟାଳୟ ଓ ସନ୍ତୋଷ କୁମାର ସେଠୀଙ୍କୁ ଡିଏସଡବ୍ଲୁଓ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏହି ପ୍ରଭାବଶାଳୀ କର୍ମଚାରୀଙ୍କୁ ମୂଳ ବିଭାଗରୁ ଆଦୌ ରିଲିଭ୍ କରାଗଲା ନାହିଁ କି ସେମାନେ ନୂତନ ପୋଷ୍ଟିଂ କାର୍ଯ୍ୟାଳୟରେ ଯୋଗ ଦେଲେନାହିଁ। କାଗଜପତ୍ରରେ ବଦଳି ଦର୍ଶାଇ କାର୍ଯ୍ୟକ୍ଷେତ୍ରରେ ପୂର୍ବଭଳି ସିଟ୍ ମାଡ଼ି ବସି ରହିବା ପରେ ମାତ୍ର ୩ ମାସ ଭିତରେ ୨୨।୯।୨୦୨୬ରେ କଟକସ୍ଥ କେନ୍ଦ୍ରାଞ୍ଚଳ ଆରଡିସି ଅତିରିକ୍ତ ସଚିବଙ୍କ ପତ୍ର ସଂଖ୍ୟା ୯୪୩୬/ଇଏସଟିଟି-୧( ୩୧।୮।୨୦୨୬)କୁ ଢାଲ କରି ଆଦେଶ ନଂ୩୧୫୬/ଇଏସଟିଟି ଓ ଆଦେଶ ନଂ୩୧୫୮/ଇଏସଟିଟି ଜରିଆରେ ପୂର୍ବ ବଦଳି ଆଦେଶକୁ ଆଂଶିକ ସଂଶୋଧନ କରାଗଲା। ପୁରୁଣା ସ୍ଥାନରୁ କାର୍ଯ୍ୟମୁକ୍ତ ନ ହୋଇ କିମ୍ବା ନୂଆ ସ୍ଥାନକୁ ନ ଯାଇ ମଧ୍ୟ ସେମାନଙ୍କୁ ପୁନର୍ବାର ସଂସ୍ଥାପନ ଶାଖାରେ ହିଁ ଅବସ୍ଥାପିତ କରାଗଲା। ଅର୍ଡର ନଂ୩୧୫୬ ଅନୁଯାୟୀ ସେକ୍ସନ ଅଫିସର କପିଳାସ ବେହେରା ଓ ସୁମନ୍ତ ନାଏକଙ୍କୁ ସଂସ୍ଥାପନ ଶାଖାକୁ ଫେରାଇ ଅଣାଯାଇଥିବାବେଳେ ଅର୍ଡର ନଂ୩୧୫୮ ଅନୁଯାୟୀ ସନ୍ତୋଷ କୁମାର ସେଠୀଙ୍କୁ ସଂସ୍ଥାପନ ଶାଖାରେ 'ପୁନଃ ଅବସ୍ଥାପନ' କରିବା ସହ ଜିଲ୍ଲାପାଳଙ୍କ ସହିତ ସଂଲଗ୍ନ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି, କେଉଁ ସ୍ୱତନ୍ତ୍ର ନିୟମ ବା ଗ୍ରାଉଣ୍ଡ ଆଧାରରେ ଏହି ପ୍ରଭାବଶାଳୀ କର୍ମଚାରୀଙ୍କୁ ସଂସ୍ଥାପନ ଶାଖାକୁ ଫେରାଇ ଅଣାଗଲା ? ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟମୁକ୍ତ ନ ହେବା ସତ୍ତ୍ୱେ କେଉଁ ସ୍ୱାର୍ଥରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଅନୁକମ୍ପା ପ୍ରଦର୍ଶନ କରାଗଲା? ଯଦି ଏହି ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ବିନା ରିଲିଭ୍‌ରେ 'ପୁନଃ ଅବସ୍ଥାପିତ' କରାଯାଇପାରିଲା, ତେବେ ଜିଲ୍ଲାର ଅନ୍ୟ ସାଧାରଣ କର୍ମଚାରୀଙ୍କ କ୍ଷେତ୍ରରେ ସମାନ ନିୟମ ଲାଗୁ କରାଗଲା ନାହିଁ କାହିଁକି? ଅନ୍ୟମାନଙ୍କୁ ବାଧ୍ୟତାମୂଳକ ଭାବେ ରିଲିଭ୍ ହୋଇ ଦୂରଦୂରାନ୍ତକୁ ଯିବାକୁ ପଡୁଥିବାବେଳେ କେବଳ ଏହି କିଛି ବଛା ବଛା କର୍ମଚାରୀଙ୍କ ପାଇଁ ପ୍ରଶାସନିକ ନିୟମ କାହିଁକି ପଙ୍ଗୁ ପାଲଟିଗଲା? ସଂସ୍ଥାପନ ଶାଖାର ଏହି ବଦଳି ଓ ରିଷ୍ଟୋର ଫାଇଲ୍ ଡେପୁଟି କଲେକ୍ଟର ଓ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରୋସେସ୍ ହୋଇ ଜିଲ୍ଲାପାଳଙ୍କ ନିକଟକୁ ଅନୁମୋଦନ ପାଇଁ ଯାଇଥିଲା। ଏହି ଫାଇଲ୍ ଯାଞ୍ଚ ସମୟରେ କର୍ମଚାରୀ ରିଲିଭ୍ ହୋଇଛନ୍ତି କି ନାହିଁ ଓ ଜଣେ କର୍ମଚାରୀ ବର୍ଷ ବର୍ଷ ଧରି ଗୋଟିଏ ଶାଖାରେ କିପରି ରହିପାରିବେ, ତାହାକୁ ଯାଞ୍ଚ ନ କରି କିଭଳି ଅନୁମୋଦନ କରାଗଲା, ତାହା ପ୍ରଶାସନିକ ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନ ହୋଇଛି। ପ୍ରଶାସନିକ କଳର ସ୍ୱଚ୍ଛତା ପାଇଁ ସରକାର ଗୋଟିଏ ସ୍ଥାନ ବା ପଦବୀରେ ୩ ବର୍ଷରୁ ଅଧିକ ବର୍ଷ ନ ରହିବା ନିୟମ ଥିଲେ ହେଁ କିଛି କର୍ମଚାରୀଙ୍କ କଥାରେ ଉଚ୍ଚ କର୍ତ୍ତୃପକ୍ଷ ପରିଚାଳିତ ହୋଇ ବେନିୟମ କାର୍ଯ୍ୟକୁ ଆଖି ବୁଜି ଦେଇଥିବା କୁହାଯାଇଛି। ଉପରୋକ୍ତ ୪ ଜଣଙ୍କ ବ୍ୟତୀତ ଆହୁରି ବହୁ କର୍ମଚାରୀଙ୍କୁ ମଧ୍ୟ ପୂର୍ବ ପଦବୀରେ ପୁନଃସ୍ଥାପିତ କରାଯାଇଛି। ଜିଲ୍ଲାପାଳ ଏହାର ନିରପେକ୍ଷ ତଦନ୍ତ ପାଇଁ ମୟୂରଭଞ୍ଜ ବଞ୍ଚାଓ ସଙ୍ଗଠନ ଦାବି କରିଛି।

## ନିର୍ମାଣାଧୀନ ପାଇଖାନା ଟାଙ୍କି ନେଲା ଶିଶୁର ଜୀବନ

ବୈଶିଙ୍ଗା, ୨୫।୯(ସମିସ): ବୈଶିଙ୍ଗା ଥାନା ଅଧୀନ ନଡ଼ପୁର ଡାକ୍ତରଖାନା ପରିସରରେ ନିର୍ମାଣାଧୀନ ଖୋଲା ପାଇଖାନା ଟାଙ୍କିରେ ପଡ଼ି ଜଣେ ୬ ବର୍ଷ ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ନଡ଼ପୁର ନୂଆଗାଁର ଲକ୍ଷ୍ମୀଧର ବିନ୍ଧାଣିଙ୍କ ପୁଅ ଅର୍ଜୁନ। ଅର୍ଜୁନଙ୍କ ମାଆ ଅଞ୍ଜଳି ଡାକ୍ତରଖାନା ପରିସରରେ ନିର୍ମାଣ କାମରେ ଶ୍ରମିକ ଭାବେ କାମ କରୁଥିଲେ। ସେ ପୁଅକୁ ସାଙ୍ଗରେ ନେଇ କାମକୁ ଆସିଥିଲେ। ମାଆ କାମରେ ବ୍ୟସ୍ତ ଥିବାବେଳେ ଅର୍ଜୁନ ନିକଟରେ ଖେଳୁଥିଲା। ବର୍ଷା ପାଣିରେ ପ୍ରାୟ ୧୦ ଫୁଟ ଗଭୀର ଖୋଲା ଟାଙ୍କିଟି ଭରିଯାଇଥିବାରୁ ତାହା ଦୃଷ୍ଟିଗୋଚର ହେଉ ନ ଥିଲା। ପରେ ଅର୍ଜୁନ ନିଖୋଜ ହେବାରୁ ଖୋଜାଖୋଜି କରାଯାଇ ରାତି ପ୍ରାୟ ସାଢ଼େ ୭ଟାରେ ଟାଙ୍କିରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ବେତନଟୀ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିବାବେଳେ ନିର୍ମାଣାଧୀନ ଟାଙ୍କିରେ ସୁରକ୍ଷା ବ୍ୟବସ୍ଥା ନ ଥିବା ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।



## ପ୍ରେମିକାର ଫଟୋ ଭାଇରାଲ କରି ପ୍ରେମିକ ଗିରଫ

କୁଆମରା, ୨୫।୯(ସମିସ): ପ୍ରେମିକାର ଆପତ୍ତିଜନକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରି ପ୍ରେମିକ ଗିରଫ ହୋଇଛି। ଏଭଳି ଘଟଣା ଘଟିଛି ଖୁଣ୍ଟା ଥାନା ଅଞ୍ଚଳରେ। ଦୁଇବର୍ଷ ତଳେ ଖୁଣ୍ଟା ଥାନା ଅଞ୍ଚଳର ଜଣେ ୨୫ ବର୍ଷର ଯୁବତୀଙ୍କ ସହ ବେତନଟୀ ଥାନା ଅଞ୍ଚଳର ଜଣେ ୨୮ ବର୍ଷର ଯୁବକଙ୍କ ମୋବାଇଲରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛିଦିନ ତଳେ ଉଭୟଙ୍କ ସମ୍ପର୍କରେ କୌଣସି କାରଣରୁ ଫାଟ ସୃଷ୍ଟି ହେବାରୁ ପ୍ରେମିକ ଯୁବତୀଙ୍କ ଆପତ୍ତିଜନକ ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିବା ନେଇ ଯୁବତୀ ଜଣକ ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ୨୪୭/୨୬ରେ ମାମଲା ରୁଜୁ କରି ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କେନ୍ଦୁଜିଆଣୀ ଶିଶୁ ବିଦ୍ୟାମନ୍ଦିରରେ ବନ୍ଦେ ମାତରଂର ୧୫୦ତମ ବର୍ଷ



ମହୁଲଡିହା, ୨୫।୯ (ସମିସ): ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଯୋଜନା ଅନୁସାରେ କେନ୍ଦୁଜିଆଣୀସ୍ଥ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବନ୍ଦେ ମାତରଂର ୧୫୦ତମ ବର୍ଷ ପାଳିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମହାନ୍ତ ଯୋଗଦେଇ ବନ୍ଦେ ମାତରଂର ୧୫୦ତମ ବର୍ଷରେ ମାତୃଭୂମି ପ୍ରତି ଶ୍ରଦ୍ଧା ଓ ଦେଶ ଭକ୍ତିର ଗର୍ବର ପ୍ରତୀକ ବନ୍ଦେ ମାତରଂ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ବ୍ୟକ୍ତିଗତ ଗୀତ ଗାନ କରିଥିଲେ। ଏ ଅବସରର ଆଜି ପୂର୍ବାହ୍ନ ୧୧ଟାରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଓ ଶିଶୁ ଭାଇ ସାମୂହିକ ବନ୍ଦେ ମାତରଂ ଗାନ କରିଥିଲେ। ଆଚାର୍ଯ୍ୟ ଭାଗୀରଥି ପତି ଅତିଥି ପରିଚୟ ଓ ଆଚାର୍ଯ୍ୟ ତ୍ରିଲୋଚନ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଯୋଗେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଡା ମହେନ୍ଦ୍ର ନାଥ ଦାସଙ୍କ ପରଲୋକ

ବାରିପଦା, ୨୫।୯(ସମିସ): ରାଜ୍ୟର ଜଣାଶୁଣା ତଥା ପ୍ରବୀଣ ଛାତିରୋଗ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର ନାଥ ଦାସଙ୍କ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୭୬ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଚିକିତ୍ସା କ୍ଷେତ୍ର ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାଲେଶ୍ୱର ଜିଲ୍ଲାର ବର୍ଦ୍ଧନପୁର ଗ୍ରାମରେ ୧୯୪୮ ମେ ୨୨ ତାରିଖରେ ଡାକ୍ତର ଦାସ ଜନ୍ମଗ୍ରହଣ କରିଥିଲେ। ସେ ୧୯୭୧ରେ ଏମବିବିଏସ ଓ ପରବର୍ତ୍ତୀ ସମୟରେ ୧୯୭୭ରେ ପଲମୋନାରୀ ଡିଜିଜେସ୍‌ରେ ଏମଡି ଡିଗ୍ରୀ ହାସଲ କରିଥିଲେ। ଚିକିତ୍ସା ସେବା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ସେ ନିଜ କାର୍ଯ୍ୟକାଳ ମଧ୍ୟରେ କଟକ ସିଟି ହସ୍ପିଟାଲ, ବ୍ରହ୍ମପୁରସ୍ଥ ଏମକେସିଜି ମେଡିକାଲ କଲେଜ, କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦକ୍ଷ ଡାକ୍ତର ଭାବେ ନିଷ୍ଠାର ସହିତ ସେବା ଯୋଗାଇଥିଲେ। ୨୦୦୬ ଫେବୃଆରୀରେ ସେ ବାରିପଦା ହସ୍ପିଟାଲର ଯୁଗ୍ମ ନିର୍ଦ୍ଦେଶକ ପଦବୀରୁ ଅବସର ଗ୍ରହଣ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ମୁଖ୍ୟାଳୟ ବାରିପଦାରେ ରହିଆସୁଥିବାବେଳେ ସେ ଦୀର୍ଘ ବର୍ଷ ଧରି ସେବା ଯୋଗାଇ ପ୍ରଶଂସାର ପାତ୍ର ହୋଇଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ବର୍ଗର ଡାକ୍ତର, ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଶୁଭେଚ୍ଛୁ ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।



## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜାତୀୟ ସେବା ଯୋଜନା ଦିବସ




ବାରିପଦା, ୨୫।୯(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ବାର୍ଷିକ ଦିବସ ଉତ୍ସବ ପାଳିତ ହୋଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ରାଜେଶ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା, ଧାରଣକ୍ଷମ ପ୍ରଗତି ଓ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧରେ ଗ୍ରାମ ସ୍ତରରେ ଶିକ୍ଷା ଦେବାକୁ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ କରିଥିଲେ। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ପ୍ରିୟରଞ୍ଜନ ଦେବତା, ଜିଲ୍ଲା ନୋଡାଲ ଅଧିକାରୀ ଡ ଅନାମ ଚରଣ ରାଉଳ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ ଯତୀନ୍ଦ୍ର ନାଥ ବେଶ୍ରା ଯୋଗ ଦେଇଥିଲେ। ସାମାଜିକ କାର୍ଯ୍ୟ ବିଭାଗ ସହକାରୀ ପ୍ରଫେସର ଡ ଶୁଭେନ୍ଦୁ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭ଟି ଅନୁବନ୍ଧିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୧୯୮ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ବକ୍ତୃତା, ପରିବେଶ ସୁରକ୍ଷା ନିମନ୍ତେ ଚିତ୍ରାଙ୍କନ, ଫଟୋଗ୍ରାଫି ପ୍ରତିଯୋଗିତା ଆୟୋଜନ କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁବନ୍ଧିତ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ବିନିତା ମୁର୍ମୁ, ସୁଶ୍ରୀ ନାୟକ, ଡ ପ୍ରମୋଦ କର, ଜ୍ୟୋତ୍ସ୍ନାରାଣୀ ଦତ୍ତ, ବିଭାଗୀୟ ଅଧିକାରୀ ସୁସ୍ମିତା ପାତ୍ର, ବରିଷ୍ଠ ସହାୟକ ଅଜୟ ବଳ ଓ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ।

**ବାରିପଦା:** ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ




ହୋଇଛି। ମୁଖ୍ୟଅତିଥି ଭାବେ ଉପଆଞ୍ଚଳିକ ନିର୍ଦ୍ଦେଶକ ଡ କୈଳାସ ଚନ୍ଦ୍ର ମିଶ୍ର ସ୍ୱେଚ୍ଛାସେବୀଙ୍କୁ ଜାତୀୟ ସେବା ଯୋଜନା ଦିବସର ମୂଳ ଲକ୍ଷ୍ୟ ଓ ବ୍ୟକ୍ତିତ୍ୱ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଅଧକ୍ଷ ସ୍ୱେଚ୍ଛାସେବୀଙ୍କୁ ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ସଭାକୁ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ ବେହେରା ପରିଚାଳନା କରିଥିବାବେଳେ ଜ୍ୟୋତ୍ସ୍ନ ରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶତାଧିକ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

**ଶୁଳିଆପଦା:** ଧର୍ମପୁରା ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ଶୋଭାକର ଆଚାର୍ଯ୍ୟ ସଭାପତିତ୍ୱ କରିଥବାବେଳେ ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ ମୁଖ୍ୟଅତିଥି




ଭାବେ ଯୋଗଦେଇ ଜାତୀୟ ସେବା ଯୋଜନାର ବିଭିନ୍ନ ସେବା ସଂକ୍ରାନ୍ତରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥଲେ। ଏନଏସଏସ ପ୍ରୋଗ୍ରାମ୍ ଅଫିସର ଜନ୍ମେଜୟ ଦାଶ ଏନଏସଏସର ଲକ୍ଷ୍ୟ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ଅବଗତ କରିଥଲେ। ବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ୧୦୦ ସ୍ୱେଚ୍ଛାସେବୀଙ୍କ ସହ ୬୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବିଦ୍ୟାଳୟ ପରିସର ପରିଷ୍କାର ପରିଚ୍ଛନ୍ନ କରିବା ସହିତ ବୃକ୍ଷରୋପଣ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ରଗ୍‌ବୀରେ ଚମ୍ପାଝର ଆଶ୍ରମ ବିଦ୍ୟାଳୟ ବାଳିକା ଦଳ ଚାମ୍ପିଅନ୍



ମହୁଲଡିହା, ୨୫।୯(ସମିସ): ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ୍ ରଗ୍‌ବୀ ପ୍ରତିଯୋଗିତାରେ ଠାକୁରମୁଣ୍ଡା ବ୍ଲକ ପାଇଁ ଗୌରବ ଆଣିଛନ୍ତି ଚମ୍ପାଝର ଆଶ୍ରମ ବିଦ୍ୟାଳୟର ବାଳିକା ଦଳ। ୨୪ ତାରିଖ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଚମ୍ପାଝର ବାଳିକା ଦଳ ଶକ୍ତିଶାଳୀ ବାରିପଦା ବ୍ଲକକୁ ପରାସ୍ତ କରି ଜିଲ୍ଲା ଚାମ୍ପିଅନ ଆଖ୍ୟା ଅର୍ଜନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ବିଜେତା ଦଳକୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ, କ୍ରୀଡ଼ା ଶିକ୍ଷକ ଓ ଠାକୁରମୁଣ୍ଡା ବ୍ଲକବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପ୍ରଧାନଶିକ୍ଷକ ସାର୍ଦ୍ଦିକ ପଣ୍ଡା ବାଳିକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବ୍ଲକସ୍ତରୀୟ ସରକାରୀ ଯୋଜନା ସଚେତନତା

ଶୁଳିଆପଦା, ୨୫।୯(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ଚୂହାଟ ପଞ୍ଚାୟତରେ ଜନସାଧାରଣଙ୍କୁ ସରକାରୀ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇବା ଓ ଯୋଗ୍ୟ ହିତାଧିକାରୀଙ୍କୁ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏକ ବ୍ଲକସ୍ତରୀୟ ସଚେତନତା ଓ ଲିଙ୍କେଜ୍ କାର୍ଯ୍ୟକ୍ରମ ଚୂହାଟ ପଞ୍ଚାୟତ ଓ ଶୋଭା ଏନଜିଓ, ରିଲାଇନ୍ସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ମୟୂରଭଞ୍ଜ ସାଂସଦଙ୍କ ଶୁଳିଆପଦା ବ୍ଲକ ପ୍ରତିନିଧି ଭାଗବତ ମାରାଣ୍ଡି, ଚୂହାଟ ସରପଞ୍ଚ ହିତୈସି ଟୁଡୁ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ମାରାଣ୍ଡି, ବିପିସି ମିଶନ ଶକ୍ତି ସନ୍ତୋଷ ଦାସ, ହୀରାବତୀ ମୁର୍ମୁ, ଅନୁପ ମାରାଣ୍ଡି, ମନ୍ଦାକିନୀ ପୃଷ୍ଟି ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନା ବାବଦରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ସାମାଜିକ ସୁରକ୍ଷା, କୃଷି, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ରୋଜଗାର ସମ୍ବନ୍ଧୀୟ ବିଭିନ୍ନ ଯୋଜନାରେ ତିନିଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ। ପ୍ରୋଜେକ୍ଟ କୋଡିନେଟର ନରେଶ ନାଏକ, ବ୍ଲକ କୋଡିନେଟର ଆଶିଷ ଜେନା ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକଙ୍କ ବିୟୋଗରେ ସ୍ମୃତିସଭା

ବାରିପଦା, ୨୫।୯(ସମିସ): ଓଡ଼ିଶାର ଅଗ୍ରଣୀ ଶିକ୍ଷକ ସଂଗଠନ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁଙ୍କ ଆକସ୍ମିକ ବିୟୋଗରେ ପିଷ୍ଟା, ମୟୂରଭଞ୍ଜ ଜିଲ୍ଲା ପକ୍ଷରୁ ଏକ ସ୍ମୃତିଚାରଣ ସଭା ବାରିପଦାସ୍ଥ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷକ ସଂଗଠନର ରାଜ୍ୟ ଓ ଜିଲ୍ଲା ନେତୃତ୍ୱ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି କାମନା ସହିତ ସ୍ମୃତିଚାରଣ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ମଣ୍ଡଳ, ରାଜ୍ୟ ମିଡିଆ ସେଲ ସଂଯୋଜକ ଚକ୍ରପାଣି ଦଳେଇ, ଜିଲା ସଭାପତି ସୁବଳ ଶଙ୍ଖୁଆ, ଜିଲ୍ଲା ସମ୍ପାଦକ ସୌମ୍ୟ ଦାଶଙ୍କ ସହିତ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ ଓ ଜିଲ୍ଲା ସଭାପତି ହରେକୃଷ୍ଣ ବାରିକ ମଞ୍ଚାସୀନ ରହି ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜିଲ୍ଲା ସଂଗଠନ ସମ୍ପାଦକ ଗୋବିନ୍ଦ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଭବାନୀ ଶଙ୍କର ଗିରି ଓ ରଞ୍ଜନ କୁମାର ସିଂ ପ୍ରମୁଖ ସ୍ୱର୍ଗତ ବିଭୁପ୍ରସାଦ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଶିକ୍ଷୟିତ୍ରୀ ରୂପାଲୀ ପଣ୍ଡା ଓ ମାନସ ବେହେରା ଆୟୋଜନରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବିଭୁପ୍ରସାଦ ସାହୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ନୟାଗଡ଼ ଜିଲ୍ଲା ନିବାସୀ ସ୍ୱର୍ଗତ ସାହୁ ଗତ ୧୫ ତାରିଖ ଦିନ ହଠାତ ଅସୁସ୍ଥ ଅନୁଭବ କରିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବାର ଅଳ୍ପ ସମୟ ପରେ ହୃଦଘାତରେ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା। ଜଣେ କୁଶଳୀ ସଂଗଠକ ଭାବେ ପରିଚିତ ଥିଲେ।



## ବିଶ୍ୱବିଦ୍ୟାଳୟରେ ନୂତନ ଶିକ୍ଷାନୀତି-୨୦୨୦ କର୍ମଶାଳା

# ପ୍ରଭାବଶାଳୀ ଓ ସଠିକ୍ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ

ବାରିପଦା, ୨୫।୯(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କଲେଜ ଡେଭଲପମେଣ୍ଟ କାଉନସିଲ୍ (ସିଡିସି) ଆନୁକୂଲ୍ୟରେ ନୂତନ ଶିକ୍ଷାନୀତି-୨୦୨୦ର ପ୍ରଭାବଶାଳୀ ଓ ସଠିକ୍ କାର୍ଯ୍ୟାନ୍ୱୟନ ଉପରେ ଦିନିକିଆ କର୍ମଶାଳା ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବ୍ୟବସ୍ଥାରେ ନୂତନ ଶିକ୍ଷାନୀତି-୨୦୨୦ର ମୂଳ ଲକ୍ଷ୍ୟ, ଏହାର ବିଭିନ୍ନ ଦିଗର ସଠିକ୍ ରୂପାୟଣ, ପାଠ୍ୟକ୍ରମ ସଂସ୍କାର, ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ, ପେଶାଗତ ଉନ୍ନତି, ଗବେଷଣା, ଇଣ୍ଟର୍ନସିପ୍, ପରୀକ୍ଷା ପଦ୍ଧତି, ଶିଳ୍ପ-ଶିକ୍ଷାନୁଷ୍ଠାନ ସମ୍ପର୍କ ଓ ଉଦ୍ୟମିତା ଆଦି ବିଷୟକୁ ନେଇ କର୍ମଶାଳାରେ ବିସ୍ତୃତ ଆଲୋଚନା ହୋଇଥିଲା।

ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ 'ବୃତ୍ତିଗତ ବିକାଶ ଓ ଅନୁଷ୍ଠାନିକ ପରିଚାଳନା' ବିଷୟରେ ଆଲୋଚନା କରି ଶିକ୍ଷକଙ୍କ ନିରନ୍ତର ପେଶାଗତ ବିକାଶ ସହ ଶିକ୍ଷାନୁଷ୍ଠାନର ସୁଶାସନ, ଦାୟିତ୍ୱବୋଧ, ପାରଦର୍ଶିତା ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ଉପରେ ଗୁରୁତ୍ୱ ଦେଇଥିଲେ। ନୂତନ ଶିକ୍ଷାନୀତି-୨୦୨୦ର ସଫଳ ରୂପାୟଣ ପାଇଁ ଶିକ୍ଷକ, ପ୍ରଶାସକ ଓ ଅନୁଷ୍ଠାନର ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ। ପିଜି କାଉନସିଲ୍‌ର ଅଧ୍ୟକ୍ଷ ପ୍ରଫେସର ରାଜେଶ କୁମାର ସିଂହ ନୂତନ ଶିକ୍ଷାନୀତି-୨୦୨୦ ଉଚ୍ଚଶିକ୍ଷାକୁ ଅଧିକ ଛାତ୍ରକୈନ୍ଦ୍ରିକ, ବହୁବିଷୟକ ଓ ଦକ୍ଷତାଭିତ୍ତିକ କରିବାର ଏକ ବ୍ୟାପକ ଅବସର ପ୍ରଦାନ କରିଥିବା ଉଲ୍ଲେଖ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା 'ପରୀକ୍ଷା ପ୍ରଣାଳୀ ଓ ନୂତନ ଶିକ୍ଷାନୀତି-୨୦୨୦' ଶୀର୍ଷକ ଆଲୋଚନାରେ ନୂତନ ଶିକ୍ଷାନୀତିର ଶିକ୍ଷା ଦର୍ଶନ ସହ ସମନ୍ୱୟ ରଖି ପରୀକ୍ଷା ଓ ମୂଲ୍ୟାୟନ ପଦ୍ଧତିରେ ଆବଶ୍ୟକ ପରିବର୍ତ୍ତନ, ନିରନ୍ତର ମୂଲ୍ୟାୟନ ଓ ଛାତ୍ରଛାତ୍ରୀଙ୍କ ବାସ୍ତବ ଦକ୍ଷତା ଆକଳନର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ପରବର୍ତ୍ତୀ ବୈଷୟିକ ଅଧିବେଶନରେ ସିଡିସିର ନିର୍ଦ୍ଦେଶକ ପ୍ରଫେସର ପ୍ରମୋଦ ଶତପଥୀ 'ପାଠ୍ୟକ୍ରମ ସଂସ୍କାର ଓ ସର୍ବାଙ୍ଗୀନ ବିକାଶ' ବିଷୟରେ ଆଲୋଚନା କରି ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ପାଠ୍ୟକ୍ରମକୁ ଅଧିକ ଲଚିଳା, ବହୁବିଷୟକ ଓ ଛାତ୍ରକୈନ୍ଦ୍ରିକ କରିବା ସହ ଛାତ୍ରଛାତ୍ରୀଙ୍କ ଜ୍ଞାନ, ଦକ୍ଷତା, ସୃଜନଶୀଳତା, ନୈତିକତା ଓ ବ୍ୟକ୍ତିତ୍ୱର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ପ୍ରଫେସର ପ୍ରଭଞ୍ଜନ ମଲ୍ଲିକ ସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ 'ଇଣ୍ଟର୍ନସିପ୍/ଗବେଷଣା ଇଣ୍ଟର୍ନସିପ୍' ବିଷୟରେ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ଶିଳ୍ପ, ଗବେଷଣା ପ୍ରତିଷ୍ଠାନ ଓ ବିଭିନ୍ନ ବୃତ୍ତିଗତ କ୍ଷେତ୍ର ସହ ଯୋଡ଼ିବା ଓ ପ୍ରାୟୋଗିକ ଅଭିଜ୍ଞତା ଓ ଗବେଷଣାମୂଳକ ଦକ୍ଷତା ବିକାଶ ପାଇଁ ଇଣ୍ଟର୍ନସିପ୍ ଓ ରିସର୍ଚ୍ଚ ଇଣ୍ଟର୍ନସିପ୍‌ର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ବିଶ୍ୱବିଦ୍ୟାଳୟର ନୂତନ ଶିକ୍ଷାନୀତି-୨୦୨୦ ସଂଯୋଜିକା ପ୍ରଫେସର କବିତା ସାହୁ ଜାତୀୟ ଶିକ୍ଷାନୀତି-୨୦୨୦ର ବିଭିନ୍ନ ଦିଗକୁ ଶିକ୍ଷାନୁଷ୍ଠାନ ସ୍ତରରେ ସମନ୍ୱିତ ଭାବେ କାର୍ଯ୍ୟକାରୀ କରିବା ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସିଡିସିର ଉପନିର୍ଦ୍ଦେଶକ ଡ ଗାର୍ଗୀ ମହାନ୍ତି 'ଶିଳ୍ପ-ଏକାଡେମିକ ସମ୍ପର୍କ ଓ ଉଦ୍ୟୋଗମିତା' ବିଷୟରେ ଆଲୋଚନା କରି ଉଚ୍ଚଶିକ୍ଷାନୁଷ୍ଠାନ ଓ ଶିଳ୍ପଜଗତ ମଧ୍ୟରେ ଅଧିକ ସୁଦୃଢ଼ ସମ୍ପର୍କ ସ୍ଥାପନ, ଛାତ୍ରଛାତ୍ରୀଙ୍କ ନବସୃଜନ ଓ ଉଦ୍ୟମିତା ଦକ୍ଷତାର ବିକାଶ, ରୋଜଗାର ସହ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସହ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇ ନୂତନ ଶିକ୍ଷାନୀତି-୨୦୨୦ର ବିଭିନ୍ନ ବ୍ୟବସ୍ଥାକୁ ମହାବିଦ୍ୟାଳୟ ସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରିବା, ଏଥିରେ ଦେଖାଦେଉଥିବା ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ମତବିନିମୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅନୁବନ୍ଧିତ ମହାବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ।



## ବଡ଼ସାହିରେ ୨୨ ଘଣ୍ଟା ବିଦ୍ୟୁତ୍ ସରବରାହ ବ୍ୟାହତ

# ଉପଭୋକ୍ତା ହନ୍ତସନ୍ତ, ମାଣତ୍ରୀ ସେକ୍ସନ ଅଫିସ୍‌ରେ ପକାଇଲେ ତାଲା

ବଡ଼ସାହି/ମାଣତ୍ରୀ,୨୫।୯ (ସମିସ)



ବଡସାହି ବ୍ଲକ୍ ମାଣତ୍ରୀ ସେକ୍ସନ ବିଦ୍ୟୁତ କାର୍ଯ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ମୁଣ୍ଡ ଟେକିଛି। ଫଳରେ ଶୁକ୍ରବାର ଅପରାହ୍ନରେ ଉପଭୋକ୍ତା ଏକତ୍ରିତ ହୋଇ ଏହାର ପ୍ରତିବାଦରେ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ଗୁରୁବାର ସନ୍ଧ୍ୟା ୭ଟାରୁ ମାଣତ୍ରୀ ସେକ୍ସନରେ ଲାଇନ ନ ଥିବାବେଳେ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ୨୨ ଘଣ୍ଟା ଧରି ଏହା ସ୍ୱାଭାବିକ ନ ହେବାରୁ ଉପଭୋକ୍ତା ଏହି ଚରମ ଅବହେଳା ପ୍ରତିବାଦରେ ତାଲା ପକାଇଥିବା ଜଣାଯାଇଛି। ଲଘୁଚାପଜନିତ ବର୍ଷା ଓ ବନ୍ୟା ପରିସ୍ଥିତିରେ ଏତେ ସମୟଧରି ବିଦ୍ୟୁତ କାଟ୍ ପାଇଁ ଉପଭୋକ୍ତ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଭାଗକୁ ଘରୋଇକରଣ ପରେ ଏହା ଟାଟା କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଏହି କମ୍ପାନୀ ରାଜ୍ୟବାସୀଙ୍କୁ ଉନ୍ନତ ଓ ଆଧୁନିକ ସେବା ଯୋଗାଇ ଦେବା ବୋଲି ପ୍ରଚାର ପ୍ରସାର ହୋଇଛି। ମାତ୍ର କମ୍ପାନୀ ନିଜ ସ୍ୱାର୍ଥ ପାଇଁ ଆଧୁନିକ ଢଙ୍ଗରେ ବିଲ ଆଦାୟ ଆଦାୟ କରୁଥିବାବେଳେ ସେବା ଯୋଗାଇବାରେ ବିଫଳ ହୋଇଛି ବୋଲି ଅଭିଯୋଗ ଜୋର ଧରିଛି। ଉପଭୋକ୍ତା ବଡସାହି-ମାଣତ୍ରୀ ପୂର୍ତ୍ତ ବିଭାଗ ରାସ୍ତାକୁ ଅବରୋଧ କରି ରଖିଛନ୍ତି। ଖବରପାଇ ବଡସାହି ତହସିଲଦାର ଓ ବୈଶିଙ୍ଗା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ମଧ୍ୟ ସମାଧାନର ସୂତ୍ର ବାହାରିପାରିନାହିଁ। ବିଭାଗୀୟ ଯନ୍ତ୍ରୀ ଓ ଏସଡିଓ ଘଟଣାସ୍ଥଳକୁ ଆସି ୨୨ ଘଣ୍ଟା ବିଦ୍ୟୁତ କାଟର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଅଡି ବସିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ସମାଧାନର ସୂତ୍ର ବାହାରିପାରି ନ ଥିବା ଜଣାପଡ଼ିଛି।

ସରକାରଙ୍କ ଅଧୀନରେ ଏହା ଥିବାବେଳେ ଲୋକେ ଭଲ ସେବା ପାଉଥିଲେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏ ଅଞ୍ଚଳବାସୀଙ୍କ ପାଇଁ 'ଟିପିଏନଓଡିଏଲ' ଦାୟିତ୍ୱ ବହନ କରୁଥିବାବେଳେ ମାଣତ୍ରୀ ଓ ପୁରୁଣା ବାରପଦା ଫିଡର ଅଧିନରେ ୧୪ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ରହିଛନ୍ତି। ମାଣତ୍ରୀକୁ ୩୩/୧୧ କେଭି ଲାଇନ ବେତନଟୀରୁ ଆସୁଥିବାବେଳେ ପୁରୁଣା ବାରିପଦାକୁ ଏହି ଲାଇନ ବଡସାହିରୁ ଯାଉଥିବା ଜଣାଯାଇଛି। ମାତ୍ର ପୁରୁଣା ବାରିପଦା ଫିଡରଟି ମାଣତ୍ରୀ ଅଧୀନରେ ରହିଛି। ମାତ୍ର ଯେତେ ନବକଳେବର କଲେ ମଧ୍ୟ ବିଭିନ୍ନ ସମୟରେ ବାରମ୍ବାର ଲାଇନ୍ କଟ୍, ଲୋ-ଭୋଲଟେଜ ଓ ଡ୍ରପଆଉଟ ଉଡିବା ସମସ୍ୟାରୁ ମୁକୁଳି ପାରିନାହିଁ ବିଭାଗ। ଫଳରେ ଉପଭୋକ୍ତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ସାଙ୍ଗକୁ ଲୋ-ଭୋଲଟେଜ ଓ ଡିମ୍ ସମସ୍ୟା ସହିତ ବାରମ୍ବାର ଡ୍ରପ୍ ଆଉଟ ଉଡିବା ବିଭାଗର ଅପାରଗତାକୁ ପଦାରେ ପକାଇଛି। କଣ ପାଇଁ ବାରମ୍ବାର ଲୋ-ଭୋଲଟେଜ ଓ ଡ୍ରପ୍ ଆଉଟ ଉଡୁଛି, ସେଥିପାଇଁ ସ୍ଥାୟୀ ପ୍ରତିକାର କରାଯାଉନାହିଁ। ମାଣତ୍ରୀ ସେକ୍ସନରେ ଯେଉଁ ଗ୍ରାହକ ସେବା ନମ୍ବର ଉପଲବ୍ଧ ହୋଇଛି, ଅଧିକାଂଶ ସମୟରେ ଫୋନ ସୁଇଜ ଅଫ ରହିବା, ବ୍ୟସ୍ତ ରହୁଥିବାବେଳେ ସେମାନେ ଫୋନ ମଧ୍ୟ ଉଠାଉନାହାନ୍ତି। ଲଘୁଚାପଜନିତ ବର୍ଷା ଓ ବନ୍ୟା ପରସ୍ଥିତିରେ ମରାମତି ନାମରେ ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ କୋ÷ଣସ ସୁଫଳ ମିଳୁନାହିଁ। ବିଦ୍ୟୁତ୍ ଅଭାବରୁ ପାନୀୟ ଜଳ, ଉଠାଜଳସେଚନ ପ୍ରକଳ୍ପ ଅଚଳ ହେବା ସହିତ ଏଠାକାର ଟେଲିଫୋନ୍ ସେବା ଓ ବ୍ରଡ଼ବ୍ୟାଣ୍ଡ ସେବା ଏକପ୍ରକାର ଠପ୍ ହୋଇପଡ଼ିଛି। ସେହିପରି ଡାକ୍ତରଖାନାରେ ରହୁଥିବା ମୂଲ୍ୟବାନ ରୋଗ ପ୍ରତିରୋଧକ ଟିକା, ଇଞ୍ଜେକ୍ସନ୍‌ର ଗୁଣବତ୍ତା ହ୍ରାସ ପାଇବା ସାଙ୍ଗକୁ ରୋଗୀ ଅସହ୍ୟ କଷ୍ଟ ଭୋଗୁଛନ୍ତି। ବଡସାହି ଓ ମାଣତ୍ରୀ ସେକ୍ସନ ୩୩ କେଭି ଲାଇନ୍‌ରେ ବାରମ୍ବାର ବହୁ ଅସୁବିଧା ଦେଖାଦେବା ସହିତ ଝଡ଼ବାତ୍ୟାରେ ଡାଳପତ୍ର ତାର ଉପରେ ପଡ଼ି ସର୍ଟସର୍କିଟ୍ ହୋଇ ଲାଇନ୍ କାଟୁଥିବାରୁ ଏହାର ପ୍ରତିକାର ଦାବି ହୋଇଛି।

---

■ ଡ୍ରେନ୍ ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ

## ଗଛ ଗଣ୍ଡି ପକାଇ ରାସ୍ତାରୋକ, ପ୍ରତିଶ୍ରୁତି ପରେ ହଟିଲା ଅବରୋଧ

ବଡସାହି,୨୫।୯ (ସମିସ): ଲଗାଣ ବର୍ଷା ଯୋଗୁଁ ମାଣତ୍ରୀ ନିକଟସ୍ଥ ମାନଗୋବିନ୍ଦପୁର ପଞ୍ଚାୟତ ଅଧୀନ ଭାଟିଆଣୀ ଗ୍ରାମରେ ଜଳ ନିଷ୍କାସନ ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ଷା ହେଲେ ଭାଟିଆଣି-ଆଡିଆସାହି ପିଡବ୍ଲ୍ୟୁଡି ରାସ୍ତା ଉପରେ ତିନି ଫୁଟ ପାଖାପାଖି ପାଣି ଜମି ରହୁଥିବାରୁ ରାସ୍ତାପାଖର ଘରଗୁଡ଼ିକରେ ପାଣି ପଶୁଥିବା ଅଭିଯୋଗ ହୋଇଛି। ଗତ ୨୪ ତାରିଖ ଦିନ ଏହି ସମସ୍ୟାର ସମାଧାନ ପାଇଁ ବଡସାହି ତହସିଲଦାର ଓ ପୂର୍ତ୍ତ ବିଭାଗ ଏସଡିଓଙ୍କ ଉପସ୍ଥିତିରେ ଜେସିବି ମାଧ୍ୟମରେ ଡ୍ରେନ୍ ଖୋଳାଯାଇଥିଲା। ଏଥିଯୋଗୁଁ କେତେକ ଘରକୁ ଯାତାୟତ ରାସ୍ତା ବନ୍ଦ ହେବା ସହିତ ଘରମାନଙ୍କରେ ପାଣି ପଶିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରତିବାଦ କଲେ ମଧ୍ୟ ପୁଲିସ ଚାପ ପକାଇ ଏହାକୁ ତାଡି ଦେଇଥିଲେ। ଶୁକ୍ରବାର ପୁଣି ବର୍ଷା ହେବାରୁ ଘରେ ପାଣି ପଶିବା ପରେ ଶତାଧିକ ଗ୍ରାମବାସୀ ରାସ୍ତା ଉପରେ ଏକ ବିରାଟ ଗଛ ଗଣ୍ଡି ଓ ବାଉଁଶ ପକାଇ ରାସ୍ତା ଅବରୋଧ କରିଥିଲେ। ଫଳରେ କିଛି ଘଣ୍ଟା



ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ବିଭାଗୀୟ ଏସି ଓ ଏସ୍‌ଡିଓ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିବା ସହିତ ଆବଶ୍ୟକ ଘରକୁ ଯାତାୟତ ପାଇଁ ପାଇପ୍ ଯୋଗାଇବା ସହ ଦୁର୍ଗାପୂଜା ପୂର୍ବରୁ ସ୍ଥାୟୀ ଡ୍ରେନ୍ ନିର୍ମାଣ କରାଯିବ ବୋଲି ମୌଖିକ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ। ତେବେ ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ ନ ହେଲେ ପୁନର୍ବାର ରାଜରାସ୍ତା ଅବରୋଧ କରି ପ୍ରତିବାଦ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

---

## 'ସମ୍ବନ୍ଧ'ର ଶୁଭାରମ୍ଭ | ସମବାୟ ସଂସ୍ଥାଗୁଡ଼ିକରେ ଆସିବ ସମ୍ପୂର୍ଣ୍ଣ ସ୍ୱଚ୍ଛତା: ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୨୫।୯ (ସମିସ): ରାଜ୍ୟରେ ସମବାୟ ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ମହାଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ଅଡିଟୋରିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ, ବିଭିନ୍ନ ବ୍ଲକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ ପଞ୍ଚାୟତରୁ କୃଷି ଭାଇ ଓ ଭଉଣୀ ଏବଂ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହଦାକାର ବହୁମୁଖୀ ସମବାୟ ସମିତିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଉନ୍ମୋଚନ ସହ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମବାୟ ସଂସ୍ଥାଗୁଡ଼ିକର ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହଦାକାର ବହୁମୁଖୀ ସମବାୟ ସମିତିଗୁଡ଼ିକୁ କୋର୍ ବ୍ୟାଙ୍କିଂ ସହ ଯୋଡ଼ାଯିବ। ଯାହାଦ୍ୱାରା ଅଡିଟ୍ ପ୍ରକ୍ରିୟାକୁ ସୁଦୃଢ଼ କରାଯାଉଛି, ଯାହାଦ୍ୱାରା କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆସିପାରିବ। କେନ୍ଦୁଝର ଜିଲ୍ଲାରେ ଆଗାମୀ ୨ ମାସ ପର୍ଯ୍ୟନ୍ତ ଏହି ବ୍ୟାପକ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ଚାଲିବ। ଏହି ଅଭିଯାନ ମାଧ୍ୟମରେ



ଜିଲ୍ଲାର ପ୍ରତ୍ୟେକ ଘରୁ ଅନ୍ତତଃ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ସମିତି ସଦସ୍ୟ ଏବଂ 'ସମବାୟ ସାଥୀ ଭାବେ ଅନ୍ତର୍ଭୁକ୍ତ କରାଯିବ। ଗ୍ରାମାଞ୍ଚଳର ସାଧାରଣ ନାଗରିକ ଓ ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଚାଷୀଭାଇମାନଙ୍କ ସ୍ୱାର୍ଥରକ୍ଷା ଓ ଆୟ ବୃଦ୍ଧି ପାଇଁ ଆଖୁ ଚାଷୀଙ୍କ ନିମନ୍ତେ ଏକ ନୂତନ ଇନପୁଟ୍ ସବସିଡି ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ ସହ ନବନିଯୁକ୍ତ ସମବାୟ ନିରୀକ୍ଷକ ତଥା ପଣ୍ୟାଗାର କର୍ମଚାରୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି।

---

## ବାଇକ୍ ଦୁର୍ଘଟଣା; ଜଣେ ମୃତ

ତେଲକୋଇ, ୨୫।୯ (ସମିସ): ତେଲକୋଇ ଜଗମୋହନପୁର ପୂର୍ତ୍ତ ବିଭାଗ ରାସ୍ତାର ଚନ୍ଦ୍ରଶେଖରପୁର ଗ୍ରାମ ଛକ ନିକଟବର୍ତ୍ତୀ ଜାମୁ ନାଳିଆଠାରେ ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଥିବା ଜଣାପଡିଛି। ମୃତକ ହେଲେ ତେଲକୋଇ ଥାନା ଗୋଳାବନ୍ଧ ଗ୍ରାମର କୃଷ୍ଣଚନ୍ଦ୍ର ପାତ୍ରଙ୍କ ପୁଅ ଆଶିଷ ପାତ୍ର (୧୯)। ଗୁରୁତର ହେଲେ ନିରଞ୍ଜନ ପାତ୍ରଙ୍କ ପୁଅ ମିଥୁନ ପାତ୍ର (୨୨)। ଆଶିଷ ଓ ମିଥୁନ ଏକ ବାଇକ୍ ଯୋଗେ ତେଲକୋଇରୁ ଗୋଳାବନ୍ଧ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଶାଳ ଗଛକୁ ଧକ୍କା ଦେଇଥିଲେ। ଉଭୟ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲେ। ସେଠାରେ ଆଶିଷଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

---

## ନାଳ ଭିତରେ ବିପଜ୍ଜନକ ଯାତାୟାତ; ପାଣି ଘେରରେ ୩୦ ପରିବାର

ଆନନ୍ଦପୁର, ୨୫।୯ (ସମିସ): ଆନନ୍ଦପୁର ପୌରାଞ୍ଚଳ ୧୪ ନମ୍ବର ୱାର୍ଡ ପାତ୍ରସାହି ଓ କାରୁଆସାହିର ପ୍ରାୟ ୫୦ ପରିବାର ନାଳପାଣିରେ ପଶି ବିପଦଜନକ ଭାବେ ଦୈନନ୍ଦିନ ଯାତାୟାତ କରୁଛନ୍ତି। ଦୀର୍ଘ ଦିନ ଧରି ଏହି ସମସ୍ୟା ଲାଗିରହିଥିଲେ ମଧ୍ୟ ପ୍ରଶାସନିକ ପଦକ୍ଷେପ ନିଆଯାଉ ନାହିଁ। ସେହିପରି ରାସ୍ତା ଅଛି ହେଲେ ଡ୍ରେନ୍ ନିର୍ମାଣ ହେଉନି। ଏଥିପାଇଁ ୧୮ ବର୍ଷ ହେଲା ୩୦ରୁ ଊର୍ଦ୍ଧ୍ୱ ପରିବାର ହନ୍ତସନ୍ତ ହେଉଛନ୍ତି। ବର୍ଷାଦିନେ ପରିବାରଗୁଡ଼ିକ ଜଳବନ୍ଦି କଷ୍ଟ ଭୋଗୁଛନ୍ତି। ଆନନ୍ଦପୁର ପୌରାଞ୍ଚଳ ୧୩ନମ୍ବର ୱାର୍ଡ଼ ଜାତୀୟ ରାଜପଥ ସର୍ଭିସ ରୋଡ କଡ଼ରେ ରହୁଥିବା ଲୋକଙ୍କ ଏଭଳି ଦୁର୍ଦ୍ଦଶାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି। ୨୦ନମ୍ବର ଜାତୀୟ ରାଜପଥ ନିର୍ମାଣ କରାଯିବା ପରେ ଖପରାଖାଇ ବାଇପାସ୍‌ରୁ ବାଳିଆପିଟା ପୋଲ ପର୍ଯ୍ୟନ୍ତ ସର୍ଭିସରୋଡ଼ ନିର୍ମାଣ ହୋଇଛି। ଏହି ରାସ୍ତାରେ ପ୍ରତିଦିନ



ଶତାଧିକ ଯାନବାହନ ଯାତାୟାତ କରୁଛି। ରାସ୍ତାର କୌଣସି ପାର୍ଶ୍ୱରେ ଅଦ୍ୟାବଧି ଡ୍ରେନ୍ ନିର୍ମାଣ ହୋଇନାହିଁ। ଫଳରେ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ ଏବଂ ଅନେକ ସ୍ଥାନରେ ପାଣି ଜମୁଛି। ଲୋକେ ବଡ଼ ହଟହଟାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ କେତେକ ପରିବାର ପାଣି ଘେରରେ ରହି ବାହାରକୁ ଆସିପାରି ନଥାନ୍ତି। ସମସ୍ୟା ଯୋଗୁଁ ସରୀସୃପ ଭୟ ମଧ୍ୟ ଲୋକଙ୍କୁ ଘାରୁଛି। ସ୍ଥାନୀୟଲୋକ ବାରମ୍ବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ କେନ୍ଦୁଝର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏବେ ଲଗାଣ ବର୍ଷା ଚାଲିଥିବାରୁ ଲୋକ ଜଳବନ୍ଦି ଅବସ୍ଥାରେ ରହିଛନ୍ତି। ତୁରନ୍ତ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଭାକର ବିଶ୍ୱାଳ, ଇନ୍ଦ୍ରମଣି ନନ୍ଦୀ, କେଶବଚନ୍ଦ୍ର ସାହୁ, ସୁଧାଂଶୁ ଶେଖର ମିଶ୍ର, ଦେବେନ୍ଦ୍ର କୁମାର ଜେନା, ପ୍ରମୋଦ କୁମାର ସାହୁ, ଅଶୋକ କୁମାର ପଟ୍ଟନାୟକ, ରାମଚନ୍ଦ୍ର ଦାଶ, ମିଲୁ ଦାଶ, ଆଶିଷ ପଟ୍ଟାନାୟକ, ହରିହର ପାତ୍ର, ଚିନ୍ମୟ ଦାଶ, ରତ୍ନାକର ପେରେଇ, ରମେଶଚନ୍ଦ୍ର ବେହେରା, ସରୋଜ ପାତ୍ର, ମୁକୁନ୍ଦ ଚକ୍ର, କୁନା କାନୁନଗୋ, ଯତିନ୍ଦ୍ର କୁମାର ରାଉତ ପ୍ରମୁଖ ଦାବି କରିଛନ୍ତି।

---

■ ଶାରୀରିକ ଅକ୍ଷମତା ଯୋଗୁଁ ଅଙ୍ଗନବାଡ଼ି କର୍ମୀଙ୍କ ଇସ୍ତଫା

## ନୂତନ କର୍ମୀ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ

ରାସଗୋବିନ୍ଦପୁର,୨୫।୯ (ସମିସ): ଶାରୀରିକ ଅକ୍ଷମତା କାରଣରୁ ଦୀର୍ଘଦିନ ଧରି ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇପାରୁ ନ ଥିବା ଝରିଆ ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟରତ କର୍ମୀ ସିନିଗ ମାରାଣ୍ଡି ଶେଷରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଶାରୀରିକ ଅକ୍ଷମତା ଯୋଗୁଁ କେନ୍ଦ୍ରର ନିୟମିତ କାର୍ଯ୍ୟ ପରିଚାଳନା ଓ ଶିଶୁଙ୍କୁ ଆବଶ୍ୟକ ସେବା ଯୋଗାଣରେ ବାଧା ସୃଷ୍ଟି ହେଉଥିବାରୁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ସିନିଗ ମାରାଣ୍ଡିଙ୍କ ଶାରୀରିକ ସମସ୍ୟା ଗତ ଦୁଇରୁ ତିନିବର୍ଷ ଧରି ରହିଥିଲା। ସେ ଚାଲିବାରେ ଅସମର୍ଥ ହେବା ସହ ଅଙ୍ଗନବାଡ଼ି କେନ୍ଦ୍ରକୁ ନିୟମିତ ଯାଇପାରୁ ନ ଥିଲେ। ଏପରିକି ଏସ୍‌ଏନ୍‌ପି କ୍ୟାସ୍ ବହି ଲେଖିବା, ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ କାର୍ଯ୍ୟ କରିବା ଓ କେନ୍ଦ୍ର ସ୍ତରରେ ହେବାକୁ ଥିବା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ତାଙ୍କ ପକ୍ଷରେ ସମ୍ଭବ ହେଉ ନ ଥିଲା। ତାଙ୍କ ଅସୁସ୍ଥତା ଯୋଗୁଁ ପ୍ରାୟ ଏକ ବର୍ଷ ଧରି ତାଙ୍କ ପୁଅ ପ୍ରତିନିଧି ଭାବେ କେନ୍ଦ୍ରର ବିଭିନ୍ନ କାର୍ଯ୍ୟରେ ସହଯୋଗ କରୁଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଅଙ୍ଗନବାଡ଼ି ସୁପରଭାଇଜର ଜହ୍ନବୀ ମହାନ୍ତ ସିଡିପିଓ ମାଳତୀ ମାରାଣ୍ଡିଙ୍କୁ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ସିନିଗ ମାରାଣ୍ଡିଙ୍କୁ ପୁନଃ କାର୍ଯ୍ୟରେ ନିୟୋଜିତ କରିବା ନେଇ ଶାରୀରିକ ଅକ୍ଷମତା ସମ୍ପର୍କିତ ଯୋଗ୍ୟତା ଓ କାର୍ଯ୍ୟକ୍ଷମତା ଯାଞ୍ଚ କରାଯାଇଥିଲା। ତେବେ ତାଙ୍କ ଶାରୀରିକ ସ୍ଥିତି ଯୋଗୁଁ ଅଙ୍ଗନବାଡ଼ି କେନ୍ଦ୍ରର ଦୈନନ୍ଦିନ ସରକାରୀ କାର୍ଯ୍ୟ ସୁଚାରୁ ଭାବେ ସମ୍ପାଦନ କରିବା ସମ୍ଭବ ହୋଇ ନ ଥିବା ଜଣାପଡ଼ିଥିଲା। ଝରିଆ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ ଶିଶୁ ପୋଷଣ ଓ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱ ଅଧିକ। କେନ୍ଦ୍ରରେ ପୋଷଣହୀନତାର ଶିକାର ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କୁ ଆବଶ୍ୟକ ସେବା ଓ ପୁଷ୍ଟିକର ଖାଦ୍ୟ ଯୋଗାଇବା ସହ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ନିୟମିତ କରାଯିବା ଆବଶ୍ୟକ। ସିନିଗ ମାରାଣ୍ଡି ନିଜେ ଆଉ କାର୍ଯ୍ୟ କରିବା ସମ୍ଭବ ନ ଥିବା ଦର୍ଶାଇ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାକୁ ବଳବତ୍ତର ରଖି ଝରିଆ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ନୂତନ ଅଙ୍ଗନବାଡ଼ି କର୍ମୀ ଚୟନ କରାଯିବ, ଶିଶୁ ଓ ମହିଳାଙ୍କୁ ଉପଯୁକ୍ତ ସେବା ଯୋଗାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସିଡିପିଓ ମାଳତୀ ମାରାଣ୍ଡି ପ୍ରକାଶ କରିଛନ୍ତି।

## ଏନ୍‌ଏସି ନିର୍ବାଚନ ନେଇ ରାଜନୈତିକ ଅଙ୍କକଷା ଆରମ୍ଭ

ରାସଗୋବିନ୍ଦପୁର,୨୫।୯ (ସମିସ): ରାସଗୋବିନ୍ଦପୁରକୁ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଘୋଷଣା ପରେ ଆଗାମୀ ନିର୍ବାଚନକୁ ନେଇ ସ୍ଥାନୀୟ ରାଜନୈତିକ ମହଲରେ ଚର୍ଚ୍ଚା ଓ ଅଙ୍କକଷା ଆରମ୍ଭ ହୋଇଛି। ରାଜ୍ୟର ନୂଆ ଏନଏସିରେ ନିର୍ବାଚନ ପାଇଁ ସୀମା ପୁନଃନିର୍ଦ୍ଧାରଣ ଓ ସଂରକ୍ଷଣ ଭଳି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିବା ସୂଚନା ମିଳିଛି। ଏହାକୁ ନେଇ ରାସଗୋବିନ୍ଦପୁରରେ ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି ଓ କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳର ସ୍ଥାନୀୟ କର୍ମକର୍ତ୍ତା ଓ ନେତା ତୃଣମୂଳ ସ୍ତରରେ ସକ୍ରିୟ ହେବା ଆରମ୍ଭ କରିଛନ୍ତି। ଦଳୀୟ କର୍ମୀଙ୍କ ସହ ଯୋଗାଯୋଗ ବଢ଼ାଇବା ସହ ଅଞ୍ଚଳବାସୀ ଓ ସମ୍ଭାବ୍ୟ ଭୋଟରଙ୍କ ନିକଟତର ହେବାକୁ ନେତାମାନେ ବିଭିନ୍ନ ସ୍ତରରେ ବୈଠକ, ଆଲୋଚନା ଓ ଜନସମ୍ପର୍କ ଉପରେ ଗୁରୁତ୍ୱ ଦେଉଥିବା ଦେଖାଯାଉଛି। ଏନଏସି ଗଠନ ପରେ ରାସ୍ତାଘାଟ, ଡ୍ରେନେଜ୍, ପାନୀୟଜଳ, ଷ୍ଟ୍ରିଟ୍‌ଲାଇଟ୍, ପରିମଳ, ବଜାର ବ୍ୟବସ୍ଥା ଓ ଅନ୍ୟାନ୍ୟ ନାଗରିକ ସୁବିଧାକୁ ନେଇ ମଧ୍ୟ ସ୍ଥାନୀୟ ଲୋକଙ୍କ ଆଶା ବଢ଼ିଛି। ଆଗାମୀ ନିର୍ବାଚନରେ ଏହା ପ୍ରସଙ୍ଗ ହୋଇପାରେ। ଇତିମଧ୍ୟରେ କିଛି ଦଳୀୟ ନେତା ଓ ତୁଙ୍ଗ କର୍ମକର୍ତ୍ତା ନିର୍ବାଚନ ପ୍ରସ୍ତୁତି ନେଇ ସାଧାରଣ ସଭା, କର୍ମୀ ବୈଠକ ଓ ଜନସମ୍ପର୍କ ମାଧ୍ୟମରେ ନିଜ ନିଜ ସଂଗଠନକୁ ସଜାଗ କରୁଥିବା ଚର୍ଚ୍ଚା ହେଉଛି। ତେବେ କେଉଁ ଦଳ କେତେ ପ୍ରସ୍ତୁତି କରିଛି ଓ କେଉଁ ଦଳରୁ କେଉଁମାନେ ପ୍ରାର୍ଥୀ ହେବେ, ତାହାକୁ ନେଇ ଏବେଠାରୁ ସ୍ଥାନୀୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ନିର୍ବାଚନ ତାରିଖ ସମ୍ପର୍କିତ ଅଧିକୃତ ଘୋଷଣା ପରେ ରାସଗୋବିନ୍ଦପୁରର ରାଜନୈତିକ ସମୀକରଣ ଆହୁରି ସ୍ପଷ୍ଟ ହେବ ବୋଲି ଚର୍ଚ୍ଚା ହେଉଛି।

---

## ଗଛ ପଡ଼ି ମହିଳା ଆହତ, ରାସ୍ତା ଅବରୋଧ



ତେଲକୋଇ, ୨୫।୯ (ସମିସ): ତେଲକୋଇ ଥାନା ଖୁଣ୍ଟାପଡ଼ା ମନ୍ଦିରସାହିରେ ବାତ୍ୟା ପବନରେ ଗଛ ଉପୁଡ଼ି ପଡ଼ିବାରୁ ମହିଳା ଜଣଙ୍କ ଆହତ ହୋଇଥିବା ଜଣାପଡ଼ିଛି। ଆହତ ମହିଳା ହେଲେ ଶକୁନ୍ତଳା ସାହୁ। ଶକୁନ୍ତଳା ଘର ପାଖରେ କୌଣସି କାର୍ଯ୍ୟ କରୁଥିବା ବେଳେ ଗଛର ଶାଖା ପ୍ରଶାଖାରେ ମାଡ଼ ହୋଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେ ଏବେ ସୁସ୍ଥ ଥିବା ଜଣାପଡ଼ିଛି। ଅନ୍ୟପଟେ, ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ପଙ୍ଗା ଗ୍ରାମରେ ରାସ୍ତା ମଝିରେ ଏକ ବିରାଟ ତେନ୍ତୁଳି ଗଛ ପଡ଼ିଯିବାରୁ ରାସ୍ତା ଅବରୋଧ ହୋଇଛି। ସାହି ଭିତରର ଏହା ମୁଖ୍ୟରାସ୍ତା ହୋଇଥିବାରୁ କେହି କୁଆଡେ ଯାଇ ପାରୁନାହାନ୍ତି। ପ୍ରଧାନମନ୍ତ୍ରୀ ରାସ୍ତାକୁ ଏହି ଗ୍ରାମ୍ୟରାସ୍ତା ସଂଯୋଗ କରୁଥିବା ବେଳେ ୧୦ ନମ୍ବର ଓ ୧୧ ନମ୍ବର ୱାର୍ଡବାସୀଙ୍କୁ ସଂଯୋଗ କରିଥାଏ। ତୁରନ୍ତ ପ୍ରଶାସନ ପକ୍ଷରୁ ରାସ୍ତା ଅବରୋଧ ହଟାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

---

● ଚନ୍ଦ୍ରଶେଖର କଲେଜରେ ଉଦ୍ୟୋଗୀ ସଚେତନତା କର୍ମଶାଳା

## 'ଚାକିରି ଖୋଜିବା ନୁହେଁ, ଚାକିରି ଦେବାର ସ୍ୱପ୍ନ ଦେଖନ୍ତୁ'

ଚମ୍ପୁଆ, ୨୫।୯ (ସମିସ): ପାଠପଢ଼ା ପରେ ଚାକିରି ପଛରେ ଧାଇଁବା ପରିବର୍ତ୍ତେ ନିଜ ଦକ୍ଷତା ଓ ନୂତନ ଚିନ୍ତାଧାରାକୁ ପୁଞ୍ଜି କରି ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କ ପାଇଁ ରୋଜଗାରର ମାର୍ଗ ଖୋଲିବା ଉଚିତ। ଯୁବପିଢ଼ିଙ୍କ ମନରେ ଏହି ଆତ୍ମବିଶ୍ୱାସ ଓ ଔଦ୍ୟୋଗିକ ମନୋଭାବ ଜାଗ୍ରତ କରିବା ଲକ୍ଷ୍ୟରେ ଚମ୍ପୁଆ ଚନ୍ଦ୍ରଶେଖର କଲେଜ ପରିସରରେ ଆୟୋଜିତ ହୋଇଯାଇଛି ଏମଏସଏମଇ ସଚେତନତା କାର୍ଯ୍ୟକ୍ରମ ଓ 'ରାଷ୍ଟ୍ରୀୟ ନବସୃଜନର ଆହ୍ୱାନ'। କଲେଜର ଭାରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ କେନ୍ଦୁଝର ଜିଲ୍ଲା ଶିଳ୍ପକେନ୍ଦ୍ରର ସହକାରୀ ପରିଚାଳକ ମଲ୍ଲିକା ମୁର୍ମୁ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଅଧକ୍ଷ ଶ୍ରୀ ନନ୍ଦ ଏବଂ ଶିଳ୍ପ ପ୍ରୋତ୍ସାହନ ଅଧିକାରୀ ମାନସ ରଞ୍ଜନ ନାୟକ ଅତିଥି




ବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ଚମ୍ପୁଆ ବ୍ଲକର ସହକାରୀ ଶିଳ୍ପ ଅଧିକାରୀ ବଳରାମ ଦା ଓ ଯୋଡ଼ା ବ୍ଲକର ସହକାରୀ ଶିଳ୍ପ ଅଧିକାରୀ ସତ୍ୟରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାୟ ୭୦ ଛାତ୍ରଛାତ୍ରୀ ଶିବିରରେ ଉଦ୍ୟୋଗ, ଷ୍ଟାର୍ଟଅପ୍ ଓ ଆତ୍ମନିଯୁକ୍ତି ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ନିଜର ଜିଜ୍ଞାସା ମେଣ୍ଟାଇଥିଲେ। ଶିଳ୍ପ ବିଭାଗର ଅଧିକାରୀମାନଙ୍କଠାରୁ ସିଧାସଳଖ ତଥ୍ୟ ଓ ପରାମର୍ଶ ପାଇବାର ସୁଯୋଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଚମ୍ପେଶ୍ୱର ମିଶ୍ର, ସୁମିତ ମିଶ୍ର, ସୁନୀଲ ସାହୁ, ରିତା ଚତାର, ଲିଜି ବାବୁ, ରଞ୍ଜିତା ମୁଣ୍ଡା ଓ ଦୀପ୍ତିରଞ୍ଜନ ଖଟୁଆଙ୍କ ସମେତ କଲେଜର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଛାତ୍ର ପ୍ରମୋଟର ମାନ୍ୟତା ରାମ ସହଯୋଗ କରିଥିଲେ।

---

## ଓଡ଼ିଶା ବ୍ରିଗେଡ୍ ସ୍କୁଲ୍‌ରେ ଦନ୍ତ ଚିକିତ୍ସା ଶିବିର

ସାରସକଣା,୨୫।୯ (ସମିସ): ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରିଆ ଓଡ଼ିଶା ବ୍ରିଗେଡ୍ ସ୍କୁଲ୍‌ରେ ଆଜି ଏକ ଦନ୍ତ ଚିକିତ୍ସା ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଶ୍ରୀସତ୍ୟସାଇ ସେବା ସଂଗଠନ, ଓଡ଼ିଶା ଓ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ଡେଣ୍ଟାଲ ସାଇନ୍ସ, ଭୁବନେଶ୍ୱରର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରସ୍ଥ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍ସେସ୍‌ର ପେଡୋଡୋଣ୍ଟିକ୍ସ ଓ ପ୍ରିଭେଣ୍ଟିଭ୍ ଡେଣ୍ଟିଷ୍ଟ୍ରି ବିଭାଗ ପ୍ରଫେସର ଡାକ୍ତର ଆନନ୍ଦମୟ ବାଗଚୀ ଓ ଡାକ୍ତର ପି. ଭି. ସମୀରଙ୍କ ତତ୍ତ୍ୱାବଧାନରେ ୪ ସ୍ନାତକୋତ୍ତର ଛାତ୍ର ଓ ୯ ହାଉସ୍ ସର୍ଜନଙ୍କ ସହ ମୋଟ ୧୫ ଜଣିଆ ଦନ୍ତ ଚିକିତ୍ସକ ଓ ବିଶେଷଜ୍ଞ ଦଳ ବିଦ୍ୟାଳୟକୁ ଆସି ଛାତ୍ରଛାତ୍ରୀଙ୍କ ଦାନ୍ତ ପରୀକ୍ଷା କରିଥିଲେ। ଏହି ଶିବିରରେ ସମୁଦାୟ ୨୦୫ ଛାତ୍ରଛାତ୍ରୀଙ୍କ ଦାନ୍ତ ପରୀକ୍ଷା ଓ ଆବଶ୍ୟକୀୟ ଚିକିତ୍ସା କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଦାନ୍ତ ଓ ମୁଖର ଯତ୍ନ, ସଠିକ୍ ଭାବେ ଦାନ୍ତ ଘଷିବା, ଦିନକୁ ଦୁଇଥର ଦାନ୍ତ ସଫା କରିବା, ନିୟମିତ ଦନ୍ତ ପରୀକ୍ଷା କରାଇବା ଓ ମୁଖ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ସମ୍ପର୍କରେ ବିଶେଷଜ୍ଞମାନେ ସଚେତନ କରିଥିଲେ। ଏହି ନିଃଶୁଳ୍କ ସେବା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦାନ୍ତର ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ସହିତ ସୁସ୍ଥ ଜୀବନଯାପନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ସମ୍ପାଦକ ସାଇକୃପା ଜେନା, କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍ସର ସମସ୍ତ ଚିକିତ୍ସକ ଓ ସହଯୋଗୀଙ୍କୁ ଏହି ମୂଲ୍ୟବାନ ସେବା ପାଇଁ କୃତଜ୍ଞତା ଜଣାଇଥିଲେ।

---

ଜାତୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## କଟକର 'ଅଭିନେତ୍ରୀ' ଓ ବାରିପଦାର 'ପ୍ରଭୁଙ୍କ ଅପେକ୍ଷାରେ' ମଞ୍ଚସ୍ଥ

ବାରିପଦା,୨୫।୯ (ସମିସ)



ସ୍ଥାନୀୟ ସହିଦ ସ୍ମୃତି ଭବନରେ ଆମେ ବାରିପଦା ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ୯ଦିନିଆ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପ୍ରଥମ ନାଟକ ଅଭିରାମ ଅଭିନୟ ଅନୁଷ୍ଠାନ, ବାରିପଦା ପ୍ରଯୋଜିତ ''ପ୍ରଭୁଙ୍କ ଅପେକ୍ଷାରେ' ମଞ୍ଚସ୍ଥ ହୋଇଥିଲା। ଅନୁବାଳା ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକରେ ଅରୂପାନନ୍ଦ ମାହାଲା, ତପନ କୁମାର ବେହେରା, ଅନିନ୍ଦିତା ପ୍ରିୟଦର୍ଶିନୀ ଭୂୟାଁ, ଚିନ୍ମୟ ଶେଜପଡା, ନମ୍ରତା ନାଏକ, ଦିବ୍ୟଜ୍ୟୋତି ତ୍ରିପାଠୀ, ମନୀଷା ପୃଷ୍ଟି, ଶୈଳେନ୍ଦ୍ରୀ ରାୟ, ଆରୋହୀ ସିଂହ ଓ ଆର୍ଯ୍ୟାନ ପତି ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ସାଧନା ମେମୋରିଆଲ ଟ୍ରଷ୍ଟ, କଟକ ପ୍ରଯୋଜିତ ଓ ବିଶ୍ୱଭୂଷଣ ମହାନ୍ତିଙ୍କ ରଚିତ ଓ ହିମାଂଶୁ ପରିଜାଙ୍କ ନିର୍ଦ୍ଦେଶିତ ଦ୍ୱିତୀୟ ନାଟକ ''ଅଭିନେତ୍ରୀ'ରେ ବିଶ୍ୱଭୂଷଣ ମହାନ୍ତି, ଚିତ୍ତରଞ୍ଜନ ପାତ୍ର, ବିକ୍ରମ ଚେମୀ, ମିଥୁନ ସ୍ୱାଇଁ, ସ୍ୱପ୍ନାରାଣୀ ପାତ୍ର ଓ ସଞ୍ଜିତା ଦାସ ବିଭିନ୍ନ ଭୂମିକାରେ ଅଭିନୟ କରିଥିବାବେଳେ ସଂଗୀତରେ ବିନୟ ଦାସ ଓ ମଞ୍ଚ ପରିଚାଳନାରେ ଦିଗବିଜୟ ଦିବାକର ସହଯୋଗ କରିଥିଲେ। ତତସହିତ ରୁପମ ରାମଙ୍କ ନୃତ୍ୟ ନିର୍ଦ୍ଦେଶନାରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଶ୍ୱନାଥ ମହାନ୍ତ, ଦେବ ତେଲେଙ୍ଗା, କାର୍ତ୍ତିକ ମହାନ୍ତ, ଜିତୁ ମୁର୍ମୁ, ତପନ ସିଂ, ଦେବାଶିଷ ଚୌଧୁରୀ, ରାଜବୀର ଲାମା, ଦେବାଶିଷ କୁଁଅର ''ଆମେ ଓଡିଶାର ଆଦିବାସୀ' ବିଷୟ ଉପରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏ ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ କମିଟି ସଭାପତି ଡା କୈଳାସ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅତିଥି ଭାବେ ଯୋଗଦେଇ ମେଜର ଡ କଳ୍ପନା ଦାଶ, ବିଶିଷ୍ଟ ଆଇନଜୀବି କ୍ଷେତ୍ରମୋହନ ପଣ୍ଡା, ସୁଲେଖିକା ଡ ସାଗରିକା ଦାସ, ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ କ୍ଷୀରୋଦ ବିହାରୀ ସିଟ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ। ଏ ଅବସରରେ ପ୍ରତିଷ୍ଠିତ ଓଡ଼ିଆ ସିନେ ନିର୍ଦ୍ଦେଶକ ହିମାଂଶୁ ପରିଜା (ଚଣ୍ଡୀ ଭାଇ) ଦୁଃଖିରାମ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ତଥା କମିଟି ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶନିବାର ସ୍ପେସ ଏକାଡେମୀ, ଭୁବନେଶ୍ୱର ପ୍ରଯୋଜିତ ''ଚେୟାର୍ସ' ଓ ଦମଦମ ଏମ୍ବିଡି, କୋଲକାତା ପ୍ରଯୋଜିତ ନାଟକ ''ଏକ୍ସପ୍ଲୋରେସନ' ପରିବେଷିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

# ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବି ତେଜିଲା




**ବିଶାଳ ରାଲିରେ ଯାଇ ସିଇଓଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ**

**ଜ୍ଞାନେଶ ନ ହଟିବା ଯାଏ ଜାରି ରହିବ କଂଗ୍ରେସର ଗଣଧାରଣା**

ଭୁବନେଶ୍ୱର,୨୫।୯(ସମିସ): ଦେଶର ନିର୍ବାଚନ ପ୍ରକ୍ରିୟାକୁ "ଚୋରି' କରିବାକୁ ବିଜେପି ନିର୍ବାଚନ ଆୟୋଗକୁ ଅସ୍ତ୍ରଭାବେ ବ୍ୟବହାର କରିଆସୁଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ବିଜେପି ସରକାରର ହାତବାରିସୀ ସାଜି ଦେଶବ୍ୟାପୀ ତ୍ରୁଟିପୂର୍ଣ୍ଣ ସଘନ ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର) ରେ ଦେଶର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ହତ୍ୟା କରିବା ପ୍ରମାଣିତ ହୋଇଛି ବୋଲି କଂଗ୍ରେସ କହିଛି। ଦୁଇ ନିର୍ବାଚନ ଆୟୋଗ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇବା ପରେ ତାଙ୍କ ବହିଷ୍କାର ଦାବିରେ ଶୁକ୍ରବାର ଏଆଇସିସି ପକ୍ଷରୁ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କ୍ରମରେ ପିସିସି ପକ୍ଷରୁ ମଧ୍ୟାହ୍ନରେ ଭୁବନେଶ୍ୱର ଏଡିଏମ କାର୍ଯ୍ୟାଳୟଠାରୁ ଏକ ବିଶାଳ ରାଲି ବାହାରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ଏହି ଅବସରରେ କଂଗ୍ରେସ ନେତୃବୃନ୍ଦ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହେବା ସହ ପରେ ଅନେକ କଂଗ୍ରେସ ନେତାମାନଙ୍କୁ ଗିରଫ କରାଯାଇଥିଲା। ଏହାପରେ ପିସିସି ସଭାପତିଙ୍କ ନେତୃତ୍ୱରେ ଲୋଅର ପିଏମଜିରେ ପିସିସି ପକ୍ଷରୁ ଗଣଧାରଣା ଆରମ୍ଭ ହୋଇଥିଲା। ଜ୍ଞାନେଶ କୁମାର ବିଦା ନ ହେବାଯାଏ ଏହି ସତ୍ୟାଗ୍ରହ ଚାଲିବ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନଙ୍କ ସହ ପୂର୍ବତନ ସାଂସଦ ଅନନ୍ତ ସେଠୀ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ବିଧାୟକ ତାରାପ୍ରସାଦ ବାହିନୀପତି, ସିଏସ ରାଜନ ଏକ୍କା, ଅଶୋକ ଦାସ, ଓପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ସୁରେଶ ରାଉତରାୟ, ବିଭୁତି ଭୂଷଣ ମହାପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଗତ ୧୦ ମାସ ମଧ୍ୟରେ ଦୁଇ ନିର୍ବାଚନ ଆୟୁକ୍ତ ୧୪ ଥର ଆୟୋଗର ବିଭିନ୍ନ ନିଷ୍ପତ୍ତିରେ ଆପତ୍ତି ଉଠାଇଥିଲେ ମଧ୍ୟ ଅଗଣତାନ୍ତ୍ରିକ ପ୍ରକ୍ରିୟାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ସେମାନଙ୍କୁ ଆଡ଼େଇଯାଇ ନିଜ ଇଚ୍ଛା ଅନୁସାରେ ନିଷ୍ପତ୍ତି ନେଇ ଚାଲିଛନ୍ତି। ନୂତନ ଭୋଟରଙ୍କୁ ସୂଚୀରେ ସାମିଲ କରିବାକୁ ଉଦ୍ଦିଷ୍ଟ ଫର୍ମ-୬କୁ ବେଆଇନ ଭାବେ ବଦଳେଇଦିଆଯାଇଛି। ତିନି ଜଣ ପୂର୍ବତନ ନିର୍ବାଚନ କମିଶନର ଏସୱାଇ. କୁରେସି, ଅଶୋକ ଲଭାସା ଏବଂ ଓପି ରାୱତ ପୃଥକ ପୃଥକ ଟିଭି କାର୍ଯ୍ୟକ୍ରମରେ ଏହି ମୂଳ ଅଭିଯୋଗକୁ ସ୍ୱାଧୀନ ଭାବେ ସମର୍ଥନ କରିଛନ୍ତି। ଫର୍ମ-୬ର ପରିବର୍ତ୍ତନକୁ "ସମ୍ପୂର୍ଣ୍ଣ ବେଆଇନ' ବୋଲି କହିବା ସହ ଏକାକୀ ନିଷ୍ପତ୍ତି ନେବା ପାଇଁ ମୁଖ୍ୟ ନିର୍ବାଚନ କମିଶନରଙ୍କର କୌଣସି ଅଧିକାର ନାହିଁ ବୋଲି କହିଛନ୍ତି। ଏହି ଅଭିଯୋଗ ପରେ ଅତ୍ୟନ୍ତ ହାସ୍ୟାସ୍ପଦ ଭାବେ ନିର୍ବାଚନ ଆୟୋଗ ପକ୍ଷରୁ ସଫେଇ ଦିଆଯାଇଛି। ବିଜେପିର ମଧ୍ୟ ସିଇସି ଜ୍ଞାନେଶଙ୍କ ସମର୍ଥନରେ ଯୁକ୍ତି ବାଢୁଛି। ଏଥିରୁ କେନ୍ଦ୍ର ସରକାରଙ୍କ ଅଭିପ୍ରାୟ ଓ ଉଦ୍ଦେଶ୍ୟ ଯେ ମନ୍ଦ ଥିଲା ତାହା ପ୍ରମାଣିତ ହୋଇଛି ବୋଲି ଶ୍ରୀ ଦାସ କହିଛନ୍ତି।

## ଆସନ୍ତା ୩୦ରେ ନବନିର୍ମାଣ କୃଷକ ଓ ଯୁବ ଛାତ୍ର ସଂଗଠନର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡକରା

ଭୁବନେଶ୍ୱର, ୨୫।୯(ସମିସ): ପାଠ୍ୟପୁସ୍ତକରେ ତ୍ରୁଟି ଓ ବହି ବିଭ୍ରାଟକୁ ନେଇ ନବନିର୍ମାଣ କୃଷକ ସଂଗଠନ ଏବଂ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଚଳିତ ମାସ ୩୦ତାରିଖରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ ବୋଲି ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସଂଗଠନର ଦାବି ଅନୁଯାୟୀ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ଥିବା ତ୍ରୁଟିର ସମାଧାନ, ନୂତନ ବହି ଛାତ୍ରଛାତ୍ରୀଙ୍କୁ ଯୋଗାଇବା ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଏହି ଆନ୍ଦୋଳନ ଚାଲିଛି। ଲୋୟର ପିଏମଜିରେ ଚାଲିଥିବା ସତ୍ୟାଗ୍ରହ ୩୬ ଦିନରେ ପହଞ୍ଚିଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଗତ ଅଗଷ୍ଟ ୨୦ରୁ ମନୱର ଅଲ୍ଲୀ ଅନଶନ ଆରମ୍ଭ କରି ୧୮ ଦିନ ଅନଶନ କରି ସମାପ୍ତ କରିବା ପରେ ଚଳିତ ମାସ ୬ତାରିଖରୁ ଅକ୍ଷୟ କୁମାର ଅନିର୍ଦ୍ଦିଷ୍ଟକାଳୀନ ଅନଶନରେ ବସିଥିବା ସଂଗଠନ କହିଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଅକ୍ଷୟ କୁମାର ପ୍ରକାଶ କରିଛନ୍ତି।

## ଶିମିଳିପାଳ ସଂଲଗ୍ନ ଗାଁରୁ ବାଘ ଛୁଆ ଉଦ୍ଧାର

**ଚିକିତ୍ସା ପରେ ଯମୁନା ଏନକ୍ଲୋଜରକୁ ପଠାଯିବ**



ବାରିପଦା, ୨୫।୯(ସମିସ): ଜାତୀୟ ଶିମିଳିପାଳ ଅଭୟାରଣ୍ୟ ନିକଟବର୍ତ୍ତୀ କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ରେଞ୍ଜର ଖପରଖାଇ ଗ୍ରାମରୁ ଏକ ଅସୁସ୍ଥ ବାଘ ଛୁଆକୁ ବନ ବିଭାଗ ଉଦ୍ଧାର କରିଛି। ଗୁରୁବାର ରାତିରେ ପ୍ରାୟ ୬ରୁ ୮ ମାସ ବୟସର ଏହି ବାଘ ଛୁଆଟି ପ୍ରଥମେ ଗାଁର ଏକ ଗୁହାଳ ଘରେ ପଶିଯାଇଥିଲା। ପରେ ସେଠାରୁ ଯାଇ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଏକ ପରିତ୍ୟକ୍ତ ଘର ଭିତରେ ରହିଥିଲା। ଅନୁଧ୍ୟାନ ପରେ ବାଘ ଛୁଆଟି ଅସୁସ୍ଥ ଥିବା ଓ ତା'ର ତୁରନ୍ତ ଡାକ୍ତରୀ ଚିକିତ୍ସା ଆବଶ୍ୟକ ଥିବା ଜଣାପଡ଼ିଥିଲା। ପରେ ବନ କର୍ମଚାରୀ ମଧ୍ୟାହ୍ନ ସମୟରେ ତାକୁ ଏକ ପଞ୍ଜୁରୀ ସାହାଯ୍ୟରେ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ବର୍ତ୍ତମାନ ବାଘ ଛୁଆର ପ୍ରାଥମିକ ଚିକିତ୍ସା କରାଯାଉଛି। ସୁସ୍ଥ ହେବା ପରେ ତାକୁ ଶିମିଳିପାଳ କୋର୍ ଅଞ୍ଚଳରେ ଥିବା ଯମୁନାର ଏକ ବଡ଼ ଏନକ୍ଲୋଜରକୁ ସ୍ଥାନାନ୍ତର କରାଯିବ। ସେଠାରେ ବାଘ ଛୁଆଟି ଜଙ୍ଗଲରେ ନିଜେ ଶିକାର କରିବା ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ହେବା ପରେ ତାକୁ ପୁନର୍ବାର ପ୍ରାକୃତିକ ପରିବେଶରେ ଛାଡ଼ି ଦିଆଯିବ ବୋଲି ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ ପ୍ରକାଶ ଚାନ୍ଦ ଗୋଗନାନୀ ସୂଚନା ଦେଇଛନ୍ତି।

**ଭିଜିଲାନ୍ସ ଜାଲରେ ଉପଜିଲ୍ଲାପାଳ କାର୍ଯ୍ୟାଳୟର କନିଷ୍ଠ କିରାଣି**

# ୪୦ ହଜାର ଲାଞ୍ଚ ନେବା ବେଳେ ଗିରଫ



ଯାଜପୁର,୨୫।୯(ସମିସ): ଜଣେ ଅନୁସୂଚିତ ଜାତିର ଜମି ମାଲିକଙ୍କ ଜମି କିଣିବା ପାଇଁ ଅନୁମତି ପ୍ରଦାନ ପ୍ରକ୍ରିୟାକୁ ସହଜ କରିବା ନିମନ୍ତେ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଯାଜପୁର ସବ୍-କଲେକ୍ଟରଙ୍କ (ଉପ-ଜିଲ୍ଲାପାଳ) କାର୍ଯ୍ୟାଳୟର କର୍ମଚାରୀ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଗିରଫ କର୍ମଚାରୀ ଜଣକ ହେଉଛନ୍ତି ଜେଆର୍ଏ ପ୍ରସନ୍ନ କୁମାର ସାହାଣୀ। ସେ ପାଣିକୋଇଲି ଥାନା ଅନ୍ତର୍ଗତ ମହମ୍ମଦ ଜମାଲପୁର ଅଞ୍ଚଳର ବିଜୟ ନାୟକଙ୍କ ଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସୂଚନା ମୁତାବକ ବିଜୟ ନିଜ ମା'ଙ୍କ ନାମରେ ଜଣେ ଅନୁସୂଚିତ ଜାତିର କ୍ରେତାଙ୍କ ଠାରୁ ଜମି କିଣିବାକୁ ଚାହୁଁଥିଲେ। ଏଥିପାଇଁ ଉପଜିଲ୍ଲାପାଳଙ୍କ ଅନୁମତି ଆବଶ୍ୟକ। କିନ୍ତୁ ଏହି ଅନୁମତି ପାଇଁ ବାରମ୍ବାର ବିଜୟ ଦୌଡି ଦୌଡି ନୟାନ୍ତ ହୋଇଥିଲେ। ଏହି ଅନୁମତି ପାଇଁ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ପ୍ରସନ୍ନ ସାହାଣୀ ଜାଣିଶୁଣି ହଇରାଣ କରୁଥିଲେ। ଆବେଦନକାରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୁକ୍ତ ଶ୍ରୀ ସାହାଣୀ ୪୮ ହଜାର ଟଙ୍କା (ଡେସିମିଲ୍ ପିଛା ୩ ହଜାର ଟଙ୍କା) ଲାଞ୍ଚ ଦାବି କରିଥିଲେ। ଯେତେବେଳେ ଆବେଦନକାରୀ ଦାବି କରାଯାଇଥିବା ୪୮ ହଜାର ଟଙ୍କା ଲାଞ୍ଚ ଦେବାରେ ନିଜର ଅସମର୍ଥତା ପ୍ରକାଶ କଲେ, ଅଭିଯୁକ୍ତ ଶ୍ରୀ ସାହାଣୀ ଲାଞ୍ଚ ରାଶିକୁ କମାଇ ୪୦ ହଜାର ଟଙ୍କା କରିଥିଲେ। ଏହି ବିଷୟରେ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଆଜି ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଶ୍ରୀ ସାହାଣୀଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅଭିଯୋଗକାରୀଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କାବୁ କରିଥିଲେ। ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଅଭିଯୁକ୍ତ ଶ୍ରୀ ସାହାନୀଙ୍କ ପ୍ରତ୍ୟେକ୍ଷ ହେପାଜତରୁ ଉଦ୍ଧାର କରାଯାଇ ଜବତ କରାଯାଇଛି। ଏହି ଚଢ଼ଉ ପରେ, ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ଶ୍ରୀ ସାହାଣୀଙ୍କ ଦୁଇଟି ସ୍ଥାନରେ ଏକସଙ୍ଗେ ଚଢ଼ଉ ଜାରି ରହିଛି। ଏହି ସମ୍ପର୍କରେ କଟକ ଭିଜିଲାନ୍ସ ଥାନା କେସ୍ ନମ୍ବର ୩୬/୨୬, ଧାରା ୭ ପିସି (ସଂଶୋଧନ) ଅଧିନିୟମ, ୨୦୧୮ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଘେରିଲେ ବିଜେପି...

ଘେରିଲେ ବିଜେପି...

ଏନ୍‌ଡ଼ିଏ ପାଇଁ ଅଶ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହୋଇଛି ।

ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନ କହିଛନ୍ତି ଯେ ନିର୍ବାଚନ କମିଶନ ଏକ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା। ତେଣୁ କମିଶନଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଲେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏହାର ସ୍ଥିତି ସ୍ପଷ୍ଟ କରିବା ଉଚିତ। ନିର୍ବାଚନ ପ୍ରକ୍ରିୟାକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେବା ଉଚିତ ନୁହେଁ। ଏହି କାରଣରୁ ଯେଉଁ ପ୍ରଶ୍ନ ଉଠୁଛି, ତାହାର ସ୍ପଷ୍ଟୀକରଣ କମିଶନଙ୍କ ପକ୍ଷରୁ ସାର୍ବଜନୀନ ଭାବେ ଦିଆଯିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

ଏନ୍‌ଡିଏର ଅନ୍ୟତମ ସହଯୋଗୀ ତେଲୁଗୁ ଦେଶମ ପାର୍ଟି (ଟିଡ଼ିପି) ମଧ୍ୟ ନିର୍ବାଚନ କମିଶନଙ୍କ ପାରଦର୍ଶିତା ଉପରେ ଗୁରୁତ୍ୱାରୋପ କରିଛି। ଲୋକସଭାରେ ଟିଡ଼ିପିର ସଂସଦୀୟ ଦଳ ନେତା ଲାଭୁ ଶ୍ରୀକୃଷ୍ଣ ଦେବରାୟଲୁ କହିଛନ୍ତି ଯେ ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା ହୋଇଥିବାରୁ ଏହାର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଲେ ଉପଯୁକ୍ତ ସ୍ପଷ୍ଟୀକରଣ ଦେବା ଦ୍ୱାରା ଜନସାଧାରଣଙ୍କ ବିଶ୍ୱାସ ଆହୁରି ଦୃଢ଼ ହେବ। ଏ କ୍ଷେତ୍ରରେ ମୁଖ୍ୟ ନିର୍ବାଚନ କମିଶନର ତତ୍ପର ହେବା ଆବଶ୍ୟକ । ସେହିପରି ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲ୍ଏମ୍) ମୁଖ୍ୟ ତଥା ରାଜ୍ୟସଭା ସାଂସଦ ଉପେନ୍ଦ୍ର କୁଶୱାହା ମଧ୍ୟ କମିଶନଙ୍କଠାରୁ ସ୍ପଷ୍ଟୀକରଣ ଦାବି କରିଛନ୍ତି। କମିଶନରମାନଙ୍କ ମଧ୍ୟରେ ଉଠିଥିବା ପ୍ରଶ୍ନକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଥିଲେ ଏହା ଦୂର କରିବା ପାଇଁ ମୁଖ୍ୟ ନିର୍ବାଚନ କମିଶନ ଅଭିଯୋଗର ଆଧାରଗୁଡ଼ିକରେ ନିଜର ସ୍ଥିତି ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଶ୍ରୀ କୁଶୱାହା କହିଛନ୍ତି । ଏନ୍‌ଡ଼ିଏର ତିନି ସହଯୋଗୀ ଦଳଗୁଡ଼ିକର ଏପରି ଆଭିମୁଖ୍ୟ କେନ୍ଦ୍ର ସରକାରଙ୍କ ପାଇଁ ଅଶ୍ୱସ୍ତି ବଢ଼ାଇଛି ।ଅନ୍ୟପକ୍ଷରେ ବିରୋଧୀମାନଙ୍କୁ ମଧ୍ୟ ସରକାରଙ୍କୁ ଘେରିବା ପାଇଁ ଏହା ଅଧିକ ବଳ ଦେଇଛି ।

ଏକ ଜାତୀୟ ଗଣମାଧ୍ୟମରେ ନିର୍ବାଚନ କମିଶନରେ ଥିବା ମତଭେଦ ଓ ଗତ ପ୍ରାୟ ୧୦ ମାସ ମଧ୍ୟରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଏସ୍ଆଇଆର୍ ସଂକ୍ରାନ୍ତରେ ୧୪ଥର ଆନୁଷ୍ଠାନିକ ଆପତ୍ତି ଉଠାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା । ଯାହାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ଥିବା ଫର୍ମ-୬ରେ ଏସଆଇଆର୍ ସମ୍ପର୍କିତ ପ୍ରଶ୍ନ ଯୋଡ଼ାଯିବା, ଭୋଟର ତାଲିକା ଡାଟାବେସ୍‌ରେ ପ୍ରବେଶାଧିକାର, ଭୋଟରଙ୍କ ନାମ ବାଦ୍ ଦେବା ଏବଂ କମିଶନଙ୍କ ଡିଜିଟାଲ୍ ବ୍ୟବସ୍ଥା ଭଳି ପ୍ରସଙ୍ଗକୁ ନେଇ ସାରା ଦେଶରେ ସନ୍ଦେହ ବାତାବରଣ ସୃଷ୍ଟି ହୋଇଛି । ବିଶେଷକରି ଫର୍ମ-୬ରେ ଏସ୍ଆଇଆର୍ ସମ୍ପର୍କିତ ପ୍ରଶ୍ନ ଯୋଡ଼ାଯିବାର ଆଇନଗତ ଆଧାର ନେଇ ମଧ୍ୟ ପ୍ରଶ୍ନ ଉଠିଥିବା ରିପୋର୍ଟରେ କୁହାଯାଇଛି। ସାନ୍ଧୁ ଏହି ପରିବର୍ତ୍ତନକୁ 'ଅନଧିକୃତ ଓ ବେଆଇନ' ବୋଲି ଦର୍ଶାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ଭୋଟର ତାଲିକା ଡାଟାବେସ୍‌ର କେନ୍ଦ୍ରୀକରଣ ଏବଂ ରାଜ୍ୟସ୍ତରୀୟ ଅଧିକାରୀଙ୍କ ପ୍ରବେଶାଧିକାର ସମ୍ପର୍କରେ ମଧ୍ୟ ପ୍ରଶ୍ନ ମୁଖ୍ୟ ନିର୍ବାଚନ କମିଶନଙ୍କ ଭୂମିକାକୁ ସନ୍ଦେହାଚ୍ଛନ୍ନ କରିଛି ।

### ମୁଖ୍ୟ ନିର୍ବାଚନ କମିସନର୍...

ମୁଖ୍ୟ ନିର୍ବାଚନ କମିଶନର ତୁରନ୍ତ ଇସ୍ତଫା ଦେବା ଉଚିତ। ଏଥିସହ ସମଗ୍ର ଏସ୍ଆଇଆର୍ ପ୍ରକ୍ରିୟାର ପୁନଃସମୀକ୍ଷା କରାଯିବା ଦରକାର। ଏସ୍ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ଦିନଠାରୁ ବିଜେଡି ଏହାକୁ ବିରୋଧ କରିଆସୁଛି ବୋଲି ସେ କହିଛନ୍ତି। ସେହିପରି ଏମଏମଡିଆର ସଂଶୋଧନ ଆଇନ ଉପରେ ମତ ରଖି ନବୀନ ବିଜେପିକୁ ସମାଲୋଚନା କରିଛନ୍ତି। ଏନେଇ କ୍ଷୋଭ ପ୍ରକାଶ କରି ସେ କହିଛନ୍ତି ଯେ ସଂସଦରେ ଏହି ବିଲକୁ ଓଡ଼ିଶାର ୨୦ ଜଣ ବିଜେପି ସାଂସଦ ସମର୍ଥନ କରିଥିବା ବେଳେ ଆମେ ଅନ୍ୟମାନଙ୍କୁ କାହିଁକି ଦୋଷ ଦେବା। ବିଜେଡି ଏହି ପ୍ରସଙ୍ଗକୁ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଭାବରେ ଉଠାଇବ ଯାହାଫଳରେ ଏଥିରେ ସମ୍ପୂର୍ଣ୍ଣ ସଂଶୋଧନ କରାଯାଇପାରିବ। ଏହି ପ୍ରକ୍ରିୟାରେ ଓଡ଼ିଶାର ରାଜସ୍ୱର ବହୁତ ବଡ଼ କ୍ଷତି ହେଉଛି ବୋଲି ସେ ମତ ଦେଇଛନ୍ତି।

### ଜ୍ଞାନେଶଙ୍କ ବିରୋଧରେ...

ଏଥିସହ ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ବ୍ୟବହୃତ ମୂଳ 'ଫର୍ମ-୬'କୁ ପୁନଃ ଲାଗୁ କରିବାକୁ ମଧ୍ୟ ଦାବି ହୋଇଛି। ବିଭିନ୍ନ ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍ଆଇଆର୍) ସମୟରେ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ କିପରି ଭୋଟର ତାଲିକାରୁ ବାଦ ପଡ଼ିଲା, ତାହାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଗଠନ କରିବାକୁ ମଧ୍ୟ ଆବେଦନରେ ଦାବି କରାଯାଇଛି। ପିଆଇଏଲ୍‌ରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ସମେତ ବରିଷ୍ଠ ଉପ ନିର୍ବାଚନ କମିସନର ମନୀଷ ଗର୍ଗ ଏବଂ ମହାନିର୍ଦ୍ଦେଶକ (ଆଇଟି) ସୀମା ଖାନ୍ନାଙ୍କ ବିରୋଧରେ ଆପରାଧିକ ମାମଲା ଆରମ୍ଭ କରବିାକୁ ମଧ୍ୟ ଦାବି କରାଯାଇଛି।

ଇତିମଧ୍ୟରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରାସ୍ତାକୁ ଓହ୍ଲାଇଛି କଂଗ୍ରେସ। କଂଗ୍ରେସ ପକ୍ଷରୁ ଦିଲ୍ଲୀ ସମେତ ଆସାମ, ବିହାର, ଓଡ଼ିଶା, ମଣିପୁର, ପଶ୍ଚିମ ବଙ୍ଗ, ଉତ୍ତର ପ୍ରଦେଶ, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ତେଲେଙ୍ଗାନା ସମେତ ଦେଶର ବିଭିନ୍ନ ସହରରେ ନିର୍ବାଚନ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ବିଭିନ୍ନ ସହରରେ ପୁଲିସ ସହିତ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଛନ୍ତି। ବିକ୍ଷୋଭକାରୀଙ୍କ ବିରୋଧରେ ପୁଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହିତ ପାଣିମାଡ଼ କରିଛି। ଅନେକ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇବାରୁ କଂଗ୍ରେସ କର୍ମୀଙ୍କୁ ଗିରଫ ମଧ୍ୟ କରାଯାଇଛି।

ଏସ୍ଆଇଆରକୁ ନେଇ ମତଭେଦ ସଂପର୍କରେ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ ପ୍ରକାଶ ପାଇବା ପରେ ନିର୍ବାଚନ କମିସନର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ନେଇ ବିବାଦ ତୀବ୍ର ହୋଇଛି। ରିପୋର୍ଟରେ କୁହାଯାଇଥିଲା ଯେ, ଏସ୍ଆଇଆର୍ ସମ୍ପର୍କିତ କେତେକ ନିଷ୍ପତ୍ତିକୁ ନେଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଅତି କମ୍‌ରେ ୧୪ ଥର ଆପତ୍ତି ଦର୍ଜ କରିଥିଲେ। 'ଫର୍ମ-୬'ରେ ପରିବର୍ତ୍ତନ ଏବଂ ଭୋଟର ତାଲିକା ସମ୍ପର୍କିତ ତଥ୍ୟ ପରିଚାଳନା ଭଳି ବିଷୟରେ ମଧ୍ୟ ସେମାନେ ଆପତ୍ତି ଜଣାଇଥିବା ରିପୋର୍ଟରେ କୁହାଯାଇଥିଲା।

**ଖଣି ଆଇନ ସଂଶୋଧନକୁ ବିରୋଧ**

# ବିଧାନସଭା ଅଚଳ, ସର୍ବଦଳୀୟ ବୈଠକ ବିଫଳ




**ଏଜି ଛକରେ ସାଧାରଣଲୋକଙ୍କୁ ଲିଫ୍‌ଲେଟ୍ ବାଣ୍ଟିଲେ ବିଜେଡି ବିଧାୟକ**

**ବିଧାନସଭା ଭିତରେ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ମନ୍ତ୍ରୀଙ୍କୁ ଧରାଇଲେ ଲିଫ୍‌ଲେଟ୍**

**ଗୃହ ବାହାରେ ଖଣି ଆଇନ ବିରୋଧରେ ଗର୍ଜିଲେ କଂଗ୍ରେସ ବିଧାୟକଗଣ**

ଭୁବନେଶ୍ୱର,୨୫।୯(ସମିସ): ଏମଏମଡିଆର ସଂଶୋଧନ ଆଇନକୁ ନେଇ ବିଜେଡି ଓ କଂଗ୍ରେସର ପ୍ରବଳ ହଟ୍ଟଗୋଳ କାରଣରୁ ଆଜି ଚତୁର୍ଥ ଦିନ ପାଇଁ ବିଧାନସଭା ଚାଲିପାରି ନାହିଁ। ସଂଶୋଧିତ ଆଇନ ପ୍ରତ୍ୟାହାର ଦାବିରେ ବିରୋଧୀ ଗୃହରେ ପ୍ରବଳ ହଟ୍ଟଗୋଳ ଜାରି ରଖିଥିବା ବେଳେ ଚତୁର୍ଥ ଦିନରେ ଗୃହ ମାତ୍ର ୯ ମିନିଟ ଚାଲି ପାରିଛି। ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ସର୍ବଦଳୀୟ ବୈଠକ ଡାକି ସମାଧାନର ରାସ୍ତା ବାହାର କରିବାକୁ ଉଦ୍ୟମ କରିଥିଲେ ହେଁ ତାହା ଫଳପ୍ରଦ ହୋଇପାରି ନାହିଁ। ଫଳରେ ସେ ଗୃହକୁ ଆସନ୍ତା ସୋମବାର ସକାଳ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ବିଧାନସଭା ମୁଲତବୀ ହେବା ପରେ ଗୃହ ଭିତରେ ଏବଂ ବାହାରେ ବିଜେଡି ବିଧାୟକମାନଙ୍କର ଅଭିନବ ଶୈଳୀରେ ଏମଏମଡିଆର ସଂଶୋଧିତ ଆଇନର ବିରୋଧ, ସାଧାରଣରେ ଚର୍ଚ୍ଚାର କାରଣ ପାଲଟିଛି।

ଶୁକ୍ରବାର ବିଧାନସଭା ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକ ଗୃହ ମଧ୍ୟକୁ ମାଡ଼ି ଆସିଥିଲେ। ହାତରେ ପୋଷ୍ଟର, ବ୍ୟାନର ଧରି ନାରାବାଜି କରିବା ସହ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବି କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଦୁଇଟି ତାରକା ପ୍ରଶ୍ନର ଉତ୍ତର ଯଥାକ୍ରମେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରଖିଥିଲେ। ତେବେ ବିରୋଧୀ ହୋ ହାଲ୍ଲା ଜାରି ରଖିବାରୁ ଉପ ବାଚସ୍ପତି ଗୃହକୁ ୧୦ଟା ୩୪ ମିନିଟରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ତେବେ ଗୃହ ମୁଲତବୀ ହେବା ପରେ ବିଜେଡି ବିଧାୟକମାନେ ଗୃହ ବାହାରେ ଅଭିନବ ଶୈଳୀରେ ଏହି ଆଇନ ବିରୋଧରେ ପ୍ରତିବାଦ ଜଣାଇଥିଲେ। ବିଧାନସଭାରୁ ବାହାରି ସେମାନେ ଏଜି ଛକ ପର୍ଯ୍ୟନ୍ତ ଯାଇ ସେଠାରେ ଲୋକମାନଙ୍କୁ ଏହି ଆଇନ ବାବଦରେ ବିସ୍ତୃତ ଆଲେଖ୍ୟ ଥିବା ଲିଫଲେଟ ବଣ୍ଟନ କରିଥିଲେ। ଏଜି ଛକରେ ଥିବା ଟ୍ରାଫିକ୍ ପୋଷ୍ଟ ଉପରେ ବିଜେଡି ବିଧାୟକ ଡ. ଅରୁଣ ସାହୁ ଚଢ଼ି ଆଇନ ବିରୋଧରେ ଗର୍ଜିଥିଲେ । ବିଜେଡି ବିଧାୟକଙ୍କର ବିରୋଧ ଏଇଠାରେ ସରି ନ ଥିଲା। ଏଜି ଛକରୁ ଫେରି ଦଳୀୟ ବିଧାୟକମାନେ ସ୍ଲୋଗାନ ଦେବା ସହ ବିଧାନସଭା ପରିସରରେ ଥିବା ପ୍ରତ୍ୟେକ ମନ୍ତ୍ରୀମାନଙ୍କର ଚାମ୍ବରକୁ ଯାଇଥିଲେ। ପ୍ରତ୍ୟେକ ମନ୍ତ୍ରୀମାନଙ୍କୁ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ଦାବିକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ଏପଟେ ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକମାନେ ମଧ୍ୟ ଗୃହ ବାହାରେ ପରିକ୍ରମା କରି ଏହି ଆଇନର ବିରୋଧ କରିଥିଲେ।

ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପୁନର୍ବାର ବିରୋଧୀ ସଦସ୍ୟ ନିଜର ପ୍ରତିବାଦ, ନାରାବାଜି ଆରମ୍ଭ କରିଦେଇଥିଲେ। ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଉପ ବାଚସ୍ପତି ଗୃହକୁ ୪ଟା ୦୧ ମିନିଟରେ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଇଥିଲେ। ତେବେ ସର୍ବଦଳୀୟ ବୈଠକକୁ ଉଭୟ ବିରୋଧୀ ବର୍ଜନ କରିଥିଲେ। ଏହାପରେ ବିଭିନ୍ନ ପର୍ଯ୍ୟାୟରେ ଉପ ବାଚସ୍ପତି ଗୃହକୁ ୫ ପର୍ଯ୍ୟାୟ ମୁଲତବୀ ରଖିଥିଲେ। ୫ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମଧ୍ୟ ବିରୋଧୀ ନିଜର ପ୍ରତିବାଦ ଜାରି ରଖିଥିଲେ। ଏହି ସମୟ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ କାଗଜ ଉପସ୍ଥାପନ କରିଥିଲେ। ପରେ ଉପ ବାଚସ୍ପତି ଗୃହକୁ ୫ଟା ୩୪ରୁ ସୋମବାର ସକାଳ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

## ଜଳକାରେ ବନ୍ୟା ସ୍ଥିତି ଗମ୍ଭୀର; ଚୁଡ଼ା ଗୁଡ଼ରେ ସୀମିତ ବନ୍ୟା ମୁକାବିଲା

**୩ ମାସରେ ୬ ଥର ବଡ଼ ବନ୍ୟା**

**ଚାଷ ଜମି ଜଳମଗ୍ନ, ଯାହା ଥିଲା ସବୁ ଯିବା ଆଶଙ୍କା**

ବସ୍ତା ବ୍ଲକ୍,୨୫।୯(ସମିସ): ଲଗାଣ ବର୍ଷା ସହିତ ଉପର ମୁଣ୍ଡରେ ଅଧିକ ବର୍ଷା ଫଳରେ ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ତୁହାକୁ ତୁହା ବର୍ଷା ହେଉଥିବା ବେଳେ ବନ୍ୟା ଜଳ କ୍ରମାଗତ ବୃଦ୍ଧି ପାଉଥିବା ରୁ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ମଥାନୀ ଠାରେ ଜଳକା ନଦୀ ର ବିପଦ ସଙ୍କେତ ୬.୫୦ ମିଟର ଥିବା ବେଳେ ଶୁକ୍ରବାର ସନ୍ଧ୍ୟା ୫ ଟା ସୁଦ୍ଧା ଜଳକା ୬.୮୦ ମିଟର ରେ ପ୍ରବାହିତ ହେଉ ଥିବା ଜଳସେଚନ କାର୍ଯ୍ୟାଳୟ ରୁ ସୂଚନା ମିଳିଛି। ଗୁରୁବାର ଠାରୁ ଜଳସ୍ତର ବୃଦ୍ଧି ପାଇ ବସ୍ତା ବ୍ଲକ ର ୫୦ରୁ ଊର୍ଦ୍ଧ୍ୱ ଗ୍ରାମ ସହିତ ହଜାର ହଜାର ହେକ୍ଟର ଚାଷ ଜମିରେ ବନ୍ୟାଜଳ ଲହଡ଼ି ଭାଙ୍ଗୁଛି। ଚଳିତ ବର୍ଷ ୩ ମାସ ମଧ୍ୟରେ ଜଳକା ନଦୀ ରେ ୬ ଥର ବଡ଼ ବନ୍ୟା ଆସି ରେକର୍ଡ କରିଥିବା ବେଳେ ବସ୍ତା ବ୍ଲକ ବାସୀ ଙ୍କ ଆର୍ଥିକ ଓ ମାନସିକ ସ୍ଥିତି କୁ ଦୋହଲାଇ ଦେଇଛି। ପୂର୍ଣ୍ଣମୀ ଥିବାରୁ ସମୁଦ୍ର ଜୁଆରିଆ ଥିବା ରୁ ବନ୍ୟା ଜଳ ଚାପି ରୁହୁଥିବା କୁହା ଯାଉଛି। ବନ୍ୟା ଫଳରେ ମଥାନୀ ଚଟାଣ ସହିତ ୧୦ ରୁ ଊର୍ଦ୍ଧ୍ୱ ଗ୍ରାମ୍ୟ ରାସ୍ତା ରେ ବନ୍ୟାଜଳ ପ୍ରବାହିତ ହେଉଛି। ଗତ ବନ୍ୟା ମାନଙ୍କ ରେ କ୍ଷତି ସହି ସହି ଯାହା ବି ବଞ୍ଚିଥିଲା ସବୁ ଚାଲିଯିବ ବୋଲି ଚାଷୀ ଙ୍କ ମଧ୍ୟରେ ଭାଳେଣି ପଡିଛି। ବନ୍ୟା ରେ କୌଣସି ଲୋକଙ୍କୁ ସୁରକ୍ଷିତ ସ୍ଥାନ କୁ ଉଠା ଯାଇନଥିବା ସହିତ ରନ୍ଧା ଖାଦ୍ୟ ଦିଆ ଯାଇନଥିବା ବ୍ଲକ କାର୍ଯାଳୟ ରୁ ସୂଚନା ମିଳିଛି। ବର୍ଷ ବର୍ଷ ଧରି ବସ୍ତା ରେ ବନ୍ୟା ପରିସ୍ଥିତି ବସ୍ତା ବାସୀ ଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଉଥିବା ବେଳେ ବନ୍ୟା ନିୟନ୍ତ୍ରଣ ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଉ ନାହିଁ। ବନ୍ୟା ମୁକାବିଲା କେବଳ ଚୁଡ଼ା ଗୁଡ଼ ଚାଉଳ ଓ ରନ୍ଧା ଖାଦ୍ୟ ଭିତରେ ସୀମିତ ରହୁଛି। ଅନ୍ୟ ପକ୍ଷେ ବନ୍ୟା ପରର ସରକାରୀ ଆକଳନ ଠିକ ଭାବେ କରାଯାଇନଥିବା ଅଭିଯୋଗ ହୋଇଛି। ରାଜପଥ ଠାରୁ ଆରମ୍ଭ କରି ଆର୍‌ଡିପିଡବ୍ଲୁଡି ରୋଡ୍, ପ୍ରଧାନ ମନ୍ତ୍ରୀ ସଡ଼କ, ରାସ୍ତା ସବୁ ଶୋଚନୀୟ ହୋଇ ପଡିଛି। କେଉଁଠି ରାସ୍ତା ଧୋଇ ଯାଇଛି ତ କେଉଁଠି ରାସ୍ତା ସାରା ଖାଲ ଖମାରେ ଭର୍ତ୍ତି। ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ଅଛି। ଦିନକୁ ଦିନ ବସ୍ତା ବ୍ଲକ ର ସମସ୍ୟା ବଢ଼ିବାରେ ଲାଗିଛି। ବାରମ୍ବାର ଦାବି ପରେ ମଧ୍ୟ କାମ ହେଉନି। ଏତେ ଉଚ୍ଚ ମାନର କାମ ହେଉଛି ଯେ କାମ ସରି ବିଲ ଉଠି ନଥିବା ବେଳକୁ ରାସ୍ତା ଖରାପ ହୋଇ ଗଲାଣି। ଏହି ସମସ୍ୟା ପ୍ରତି ନିର୍ବାଚିତ ଜନପ୍ରିନିଧି ଓ ଜିଲ୍ଲା ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି। ବସ୍ତା ବ୍ଲକ ଏକ କୃଷି ପ୍ରଧାନ ବ୍ଲକ ହୋଇ ଥିବା ବେଳେ ବନ୍ୟା ନିୟନ୍ତ୍ରଣ ଓ ସ୍ଥାୟୀ ସମାଧାନ ପାଇଁ ଶାସକ ଓ ବିରୋଧୀ ରାଜନୈତିକ ଦଳ ଚୁପ୍ ରହିବା ବସ୍ତା ବାସୀ ଙ୍କୁ ଚକିତ କରିଛି।

**ଜୁବିଲି ପାର୍କ ଓ ଝିଞ୍ଜିରି ବନ୍ଧରେ ବେଆଇନ ଗଛକଟା ମାମଲା**

# ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ଏନଜିଟିର ଶେଷ ସୁଯୋଗ

ବାରିପଦା, ୨୫।୯(ସମିସ): ବାରିପଦାସ୍ଥ ଜୁବିଲି ପାର୍କ ଓ ଝିଞ୍ଜିରି ବନ୍ଧ ସୌନ୍ଦର୍ଯ୍ୟକରଣ ନାଁରେ ବେଆଇନ ଭାବେ ଶତାଧିକ ଗଛ କଟାଯିବା ଘଟଣାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ମାମଲାରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କ ସମେତ ସମ୍ପୃକ୍ତ ପକ୍ଷଙ୍କୁ ଟ୍ରିବ୍ୟୁନାଲ ଶେଷ ସୁଯୋଗ ପ୍ରଦାନ କରିଛନ୍ତି।

ପ୍ରାୟ ୨୮ କୋଟି ଟଙ୍କା ବ୍ୟୟରେ ଜୁବିଲି ପାର୍କର ଭିତ୍ତିଭୂମି ବିକାଶ, ଲ୍ୟାଣ୍ଡସ୍କେପିଂ, ଆଇଲ୍ୟାଣ୍ଡ, ବୋଟିଂ ଓ ଶିଶୁ କ୍ରୀଡ଼ା ଭଳି ପ୍ରକଳ୍ପ ହାତକୁ ନିଆଯାଇଥିଲା। ବାରିପଦା ପୌରପାଳିକା ଓ ଠିକାଦାର ସଂସ୍ଥା "ଏନଏସିଓଏଫ୍' ମିଳିତ ଭାବେ ଖାତା ନମ୍ବର ୬୪ (ପ୍ଲଟ୍ ୨୧୩, ୨୩୦) ଓ ଖାତା ନମ୍ବର ୬୧ (ପ୍ଲଟ୍ ୨୦୩) ଅଧୀନରେ ଥିବା "ଜଙ୍ଗଲ-୧' ଶ୍ରେଣୀଭୁକ୍ତ ଜମିରେ ଚେନସ ଓ ଜେସିବି ମେସିନ ଲଗାଇ ଗଛ କାଟି ସଫା କରିଥିଲେ। ହଜାର ହଜାର ପକ୍ଷୀଙ୍କ ଆଶ୍ରୟସ୍ଥଳୀ ଭାବେ ପରିଚିତ "ପକ୍ଷୀ ବିହାର' ଉପରେ ଏହି କାର୍ଯ୍ୟାନୁଷ୍ଠାନ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବନ ସଂରକ୍ଷଣ ଆଇନ ଓ ଡିଏଫଓଙ୍କ ବିନା ଅନୁମତିରେ ଏହି କାର୍ଯ୍ୟ ହୋଇଥିବା ବନ ବିଭାଗ ସ୍ପଷ୍ଟ କରିଥିଲା। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ, ସୁପ୍ରିମକୋର୍ଟଙ୍କ ଆଦେଶ ଓ ଜୈବବିବିଧତା ଅଧିନିୟମ-୨୦୦୨ର ଉଲ୍ଲଙ୍ଘନ ଦର୍ଶାଇ କେନ୍ଦ୍ରାପଡ଼ାର ସୂଚନା ଅଧିକାର କର୍ମୀ ପ୍ରତାପଚନ୍ଦ୍ର ମହାନ୍ତି ଏନଜିଟିର ପୂର୍ବାଞ୍ଚଳ ବେଞ୍ଚରେ ଏକ ମୂଳ ଆବେଦନ ଦାୟର କରିଥିଲେ। ଏଥିରେ ଗଛ କଟା ଓ ନିର୍ମାଣ ତୁରନ୍ତ ବନ୍ଦ କରିବା, ସ୍ଥାନକୁ "ଜୈବବିବିଧତା ଐତିହ୍ୟ ସ୍ଥଳ' ଘୋଷଣା କରିବା ଓ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିବାକୁ ପ୍ରାର୍ଥନା କରାଯାଇଛି। ବିଚାରପତି ଅରୁଣ କୁମାର ତ୍ୟାଗୀ ଓ ବିଶେଷଜ୍ଞ ସଦସ୍ୟ ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଢ଼ୀ ଭର୍ଚୁଆଲ୍ ମାଧ୍ୟମରେ ଯୁକ୍ତି ଉପସ୍ଥାପନ କରିଥିଲେ। ଶୁଣାଣି ସମୟରେ ୬ ନମ୍ବର ପ୍ରତିପକ୍ଷଙ୍କ ସତ୍ୟପାଠ ଓ ଆବେଦନକାରୀଙ୍କ ରିଜଏଣ୍ଡରକୁ ଟ୍ରିବ୍ୟୁନାଲ ରେକର୍ଡଭୁକ୍ତ କରିଛନ୍ତି। ଅନ୍ୟପକ୍ଷରେ ୨ ନମ୍ବର ପ୍ରତିପକ୍ଷ ଶୁଣାଣି ଦିନ ସକାଳେ ଜବାବ ଦେଇଥିବାବେଳେ ୧ ଓ ୪ ନମ୍ବର ପ୍ରତିପକ୍ଷ ଉତ୍ତର ରଖିବାରେ ବିଫଳ ହୋଇଥିଲେ। ଏହାକୁ ନେଇ କ୍ଷୋଭ ପ୍ରକାଶ କରି ଟ୍ରିବ୍ୟୁନାଲ ଉତ୍ତର ଦାଖଲ ପାଇଁ ସେମାନଙ୍କୁ ଆଉ ଦୁଇ ସପ୍ତାହର ଶେଷ ସମୟ ସୀମା ଧାର୍ଯ୍ୟ କରିଛନ୍ତି। ଏହାପରେ ଆଉ କୌଣସି ସମୟ ଦିଆଯିବ ନାହିଁ ବୋଲି ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେହିଦିନ ନିର୍ମାଣ କାର୍ଯ୍ୟ ଉପରେ ଅନ୍ତରୀଣ ସ୍ଥଗିତାଦେଶ ପ୍ରଦାନ ନେଇ ମଧ୍ୟ ଚୂଡ଼ାନ୍ତ ଯୁକ୍ତି ଓ ଶୁଣାଣି କରାଯିବ। ପୂର୍ବରୁ ବାରିପଦା ସହରର ପାଲବଣିଠାରେ ଅନ୍ତର୍ଜାତୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ ବିବାଦ ପରେ ବାରିପଦାରେ ଏହା ଏନଜିଟିରେ ଦ୍ୱିତୀୟ ମାମଲା ହୋଇଥିବାରୁ ସରକାରୀ ବିକାଶ ପ୍ରକଳ୍ପରେ ନିୟମ ଉଲ୍ଲଙ୍ଘନକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ଆର୍ଥିକ ସମସ୍ୟା ଦେଖାଦେଇ ପାରେ ।

**ବୃଷ:** ବିଦ୍ୟାର୍ଥୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । ପାରିବାରିକ ସୁଖ ଶାନ୍ତି ମିଳିପାରେ । ଯାନବାହନ କ୍ରୟ କରିପାରନ୍ତି । ଚକ୍ଷୁ ସମସ୍ୟା ହୋଇପାରେ । ପିଲାଙ୍କ ଭବିଷ୍ୟତ ପାଇଁ ପିତାମାତା ଚିନ୍ତା କରିବେ ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ । ଲୋକ ସମ୍ପର୍କ ବୃଦ୍ଧି ପାଇପାରେ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଆଶା କରିଥିବା ଦିଗରୁ ଧନ ମିଳିପାରେ ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଅତିଥି ସତ୍କାର କରିପାରନ୍ତି । ବ୍ୟବସାୟରୁ ଲାଭ ମିଳିପାରେ । ମାନ ସମ୍ମାନ ବୃଦ୍ଧି ପାଇବ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ଲୋକ ସମ୍ପର୍କ ବୃଦ୍ଧି ପାଇବ । ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିପାରେ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି । ସଙ୍ଗୀତ ପ୍ରତି ରୁଚି ବଢ଼ିବ ।

**ଧନୁ:** ନୂତନ ବ୍ୟବସାୟ ଆରମ୍ଭ କରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ଯାତାୟାତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି । ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ । ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି । ଧୈର୍ଯ୍ୟ ରଖି ଚାଲନ୍ତୁ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ । ମହିଳାଙ୍କ ଦାୟିତ୍ୱ ବଢ଼ିପାରେ । କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ । ପୁରୁଣା ନିବେଶରୁ ଲାଭ ମିଳିପାରେ ।

## ଆଜିର ଇତିହାସ

- ୧୮୨୦- ମହାନ୍ ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଜନ୍ମ ।
- ୧୮୭୨-ନ୍ୟୁୟର୍କରେ ପ୍ରଥମ ମନ୍ଦିର ନିର୍ମାଣ କରାଗଲା ।
- ୧୯୧୯- ରୋଟାରୀ କ୍ଲବ୍ ଅଫ୍ ଇଣ୍ଡିଆର ପ୍ରଥମ ବୈଠକ କୋଲକାତାରେ ହୋଇଥିଲା ।
- ୧୯୫୦- ଇଣ୍ଡୋନେସିଆ ମିଳିତ ଜାତିସଂଘର ସଦସ୍ୟ ହେଲା ।
- ୧୯୮୬- ବ୍ରିଟେନ୍ ଓ ଚୀନ୍ ମଧ୍ୟରେ ହଂକଂକୁ ନେଇ ବୁଝାମଣା ହେଲା ।

## ଅନନ୍ୟ ସଂଗ୍ରହାଳୟ



ଗୁଜରାଟ ଜାମନଗର ସହରର ପଞ୍ଚେଶ୍ୱର ଟାୱାର ଅଞ୍ଚଳର ଦିଲୀପ ଧ୍ରୁବଙ୍କ ଘର ପ୍ରଭୁ ଶ୍ରୀଗଣେଶଙ୍କର ଏକ ଅନନ୍ୟ ସଂଗ୍ରହାଳୟ ପାଲଟିଛି । ଏହି ସଂଗ୍ରହାଳୟ ପଛରେ ରହିଛି ଜଣେ ମଣିଷର ୪୦ ବର୍ଷର ଅକ୍ଲାନ୍ତ ପରିଶ୍ରମ, ଅସୀମ ଧୈର୍ଯ୍ୟ ଏବଂ ଭଗବାନ ଶ୍ରୀଗଣେଶଙ୍କ ପ୍ରତି ଥିବା ଭକ୍ତିଭାବ । ଦିଲୀପ ଗତ ୪୦ ବର୍ଷ ଧରି ଭଗବାନ ଗଣପତିଙ୍କ ସହିତ ଜଡ଼ିତ ପ୍ରତ୍ୟେକ ଛୋଟବଡ଼ ସାମଗ୍ରୀକୁ ସଂଗ୍ରହ କରି ଚାଲିଛନ୍ତି । ଦଶନ୍ଧି ଦଶନ୍ଧିର ଏହି ସାଧନାର ପରିଣାମ ସ୍ୱରୂପ, ଆଜି ତାଙ୍କ ପାଖରେ ପ୍ରାୟ ଗଣପତିଙ୍କ ସମ୍ପର୍କିତ ୩,୦୦୦ କଳାକୃତିର ଏକ ବିଶାଳ ଭଣ୍ଡାର ସୃଷ୍ଟି ହୋଇଛି । ଦିଲୀପଙ୍କ ମ୍ୟୁଜିୟମରେ ଶ୍ରୀଗଣେଶଙ୍କର ଏଭଳି ପ୍ରତିକୃତି ସବୁ ଦେଖିବାକୁ ମିଳେ, ଯାହା ସାଧାରଣତଃ ଅନ୍ୟ କେଉଁଠି ଦେଖିବା ବିରଳ । ବିଭିନ୍ନ ଧାତୁ, ପଥର, ମାଟି ଏବଂ କାଠରେ ତିଆରି ଭିନ୍ନ ଭିନ୍ନ ଆକାରର ପ୍ରାୟ ୮୦୦ଟି ଗଣେଶ ମୂର୍ତ୍ତି ଏଠାରେ ସୁସଜ୍ଜିତ ହୋଇ ରହିଛି । ସେହିଭଳି ସୁନ୍ଦର କାଠ ଫ୍ରେମ୍‌ରେ ବନ୍ଧା ହୋଇଥିବା ଗଣପତିଙ୍କର ପ୍ରାୟ ୫୦୦ଟି ଦୁର୍ଲଭ ଫଟୋ କାନ୍ଥଗୁଡ଼ିକୁ ଶୋଭାମଣ୍ଡିତ କରୁଛି । କେବଳ ମୂର୍ତ୍ତି କିମ୍ବା ଫଟୋ ନୁହେଁ, ଦିଲୀପଙ୍କ ପାଖରେ ଗଣେଶଙ୍କ ଆକୃତିର ପ୍ରାୟ ୨୦୦ଟି ଭିନ୍ନ ଭିନ୍ନ ଡିଜାଇନ୍‌ର କି-ରିଙ୍ଗ୍ ମଧ୍ୟ ରହିଛି । ମୂର୍ତ୍ତି ବ୍ୟତୀତ ପ୍ରଭୁ ଗଣେଶଙ୍କ ମହିମା, ପୂଜା ପଦ୍ଧତି ଏବଂ ପୁରାଣ ଉପରେ ଆଧାରିତ ଅନେକ ବହି ମଧ୍ୟ ଏହି ସଂଗ୍ରହର ଅଂଶବିଶେଷ । ଦିଲୀପଙ୍କ ପାଇଁ ଏହା କେବଳ ଏକ ନିଶା ନୁହେଁ, ତାଙ୍କ ଜୀବନର ସବୁଠାରୁ ବଡ଼ ସାଧନା । ଦେଶର ବିଭିନ୍ନ ସ୍ଥାନରୁ ସେ ପ୍ରଭୁ ଗଣେଶଙ୍କ ସହ ଜଡ଼ିତ ସାମଗ୍ରୀଗୁଡ଼ିକୁ ଖୋଜି ଖୋଜି ନିଜ ଘରକୁ ଆଣିଛନ୍ତି । ପ୍ରତିଦିନ ସେ ଏହି ସମସ୍ତ ମୂର୍ତ୍ତି ଓ ସାମଗ୍ରୀଗୁଡ଼ିକ ସଫାସୁତୁରା ନିଜେ କରନ୍ତି । ଆଜି ଜାମନଗରରେ ଦିଲୀପଙ୍କ ଏହି ସଂଗ୍ରହାଳୟକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ସହ ଶ୍ରଦ୍ଧାଳୁମାନଙ୍କର ମଧ୍ୟ ଭିଡ଼ ଜମୁଛି । ଦିଲୀପଙ୍କର ଏହି ନିଆରା ପ୍ରୟାସ ପ୍ରମାଣିତ କରୁଛି ଯେ, ଯଦି ମନରେ ସାଧନା ଓ ଭକ୍ତି ଥାଏ, ତେବେ ମଣିଷ ନିଜ ଘରକୁ ହିଁ ମନ୍ଦିର ବା ସଂଗ୍ରହାଳୟରେ ପରିଣତ କରିପାରେ ।

## 'ଉଡ୍‌ତା ତୀର୍'ର ଟ୍ରେଲର୍ ରିଲିଜ୍



ବଲିଉଡ୍ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କ ବହୁ ପ୍ରତିକ୍ଷୀତ ଚଳଚ୍ଚିତ୍ର 'ଉଡ୍‌ତା ତୀର୍'କୁ ନେଇ ଦୀର୍ଘ ଦିନ ହେବ ଚର୍ଚ୍ଚା ଚାଲିଛି । କିଛି ଦିନ ପୂର୍ବରୁ ଏହି ସିନେମାର ପୋଷ୍ଟର୍ ସାମ୍ନାକୁ ଆସିଥିଲା । ଏବେ ଏହି ସ୍ପାଇ କମେଡି ଥ୍ରୀଲରର ଟ୍ରେଲର ରିଲିଜ୍ ହୋଇଛି । ଟ୍ରେଲର୍‌ରେ ଆୟୁଷ୍ମାନ ଜଣେ ପାକିସ୍ତାନୀ ଗୁପ୍ତଚର ଭୂମିକାରେ ନଜର ଆସିଛନ୍ତି । ଆୟୁଷ୍ମାନ୍‌ଙ୍କ ଚଳଚ୍ଚିତ୍ର 'ପତି ପତ୍ନୀ ଔର ୱୋ ଦୋ' ଫ୍ଲପ୍ ହେବା ପରେ ସେ ଏହି ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି । ନିକଟରେ ଧର୍ମା ପ୍ରଡକ୍ସନ୍ସ ଏହାର ଅଫିସିଆଲ୍ ଟ୍ରେଲର ରିଲିଜ୍ କରିଛି, ଯାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ପ୍ରାୟ ୩ ମିନିଟ୍ ୧୮ ସେକେଣ୍ଡର ଏହାର ଟ୍ରେଲର୍ ଦେଖିଲେ ଜଣାପଡୁଛି ଯେ, ଏଥର ଦର୍ଶକଙ୍କୁ କମେଡି, ଆକ୍ସନ ଏବଂ ଦେଶଭକ୍ତିର ଏକ ନିଆରା ସମ୍ମିଶ୍ରଣ ଦେଖିବାକୁ ମିଳିବ । ଟ୍ରେଲର ଅନୁଯାୟୀ, ଆୟୁଷ୍ମାନ ଏଥିରେ 'ବିଲାଲ' ନାମକ ଜଣେ ପାକିସ୍ତାନୀ ଗୁପ୍ତଚର ଚରିତ୍ରରେ ଅଭିନୟ କରୁଛନ୍ତି । ଏକ ବୋମା ବିସ୍ଫୋରଣରେ ସେ ନିଜର ସ୍ମୃତି ଶକ୍ତି ହରାଇ ବସନ୍ତି ଏବଂ ସେ ଭାରତର ଆଣ୍ଟି-ଟେରରିଜିମ୍ ସ୍କ୍ୱାଡର ଜଣେ ସଚ୍ଚୋଟ ଅଫିସର ବୋଲି ନିଜକୁ ଭାବନ୍ତି । ଏହି ଅଜବ ପରିସ୍ଥିତି କାହାଣୀକୁ କେତେ ହାସ୍ୟରସାତ୍ମକ ଏବଂ ରୋମାଞ୍ଚକର କରୁଛି, ତାହା ଟ୍ରେଲର୍‌ରୁ ସ୍ପଷ୍ଟ ଜଣାପଡୁଛି । ଏଥିରେ ଆୟୁଷ୍ମାନ୍‌ଙ୍କ ବିପକ୍ଷରେ ସାରା ଅଲ୍ଲୀ ଖାନ୍ ନଜର ଆସିବେ । ସାରା ଜଣେ ଭାରତୀୟ ସିଟିଏସ୍ ଅଫିସର ଭୂମିକାରେ ଦେଖାଯାଇଛନ୍ତି, ଯିଏ ଆୟୁଷ୍ମାନଙ୍କ ପ୍ରକୃତ ପରିଚୟ ବିଷୟରେ ଅଜ୍ଞ । ନିର୍ଦ୍ଦେଶକ ଆକାଶ ଏ. କୌଶିକ ଏହି ଫିଲ୍ମରେ ରାହୁଲ ବୋଷ, ରାମ କପୁର, ଗୁଲଶନ ଗ୍ରୋଭର, ମୁକୁଲ ଦେବ, ଏବଂ ବ୍ରିଜେନ୍ଦ୍ର କଲାଙ୍କ ଭଳି କଳାକାରମାନଙ୍କୁ ଏକାଠି କରିଛନ୍ତି, ଯାହା ଟ୍ରେଲର୍‌କୁ ଅଧିକ ଆକର୍ଷଣୀୟ କରିଛି । ଟ୍ରେଲର୍‌କୁ ମିଳୁଥିବା ପ୍ରତିକ୍ରିୟାରୁ ଜଣାପଡୁଛି ଯେ, ଦର୍ଶକେ ପୁଣିଥରେ ଆୟୁଷ୍ମାନଙ୍କ ପୁରୁଣା ସିଗ୍ନେଚର କମେଡି ଷ୍ଟାଇଲ୍ ଦେଖିବାକୁ ପସନ୍ଦ କରୁଛନ୍ତି । କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ ଏବଂ ଗୁନିତ ମୋଙ୍ଗାଙ୍କ ସିଖ୍ୟା ଏଣ୍ଟରଟେନମେଣ୍ଟ ମିଳିତ ଭାବେ ଏହି ପାରିବାରିକ ମନୋରଞ୍ଜନଧର୍ମୀ ସିନେମାର ନିର୍ମାଣ କରିଛନ୍ତି । ଏହି ଚଳଚ୍ଚିତ୍ରଟି ଆସନ୍ତା ୯, ଅକ୍ଟୋବରରେ ସିନେମା ହଲରେ ମୁକ୍ତିଲାଭ କରିବ ।

## ଗୋଟିଏ କଣ୍ଠ, ୧୩୦ ସ୍ୱର

ଆମେରିକାର ଓକଲାହୋମାରେ ରହୁଥିବା ୧୨ ବର୍ଷର ବାଳକ ସାମୁଏଲ୍ ହେଣ୍ଡରସନ୍ ତାଙ୍କର ଏକ ଅଦ୍ଭୁତ ପ୍ରତିଭା ପାଇଁ ଆଜି ଇଣ୍ଟରନେଟ୍ ସେନ୍ସେସନ୍ ପାଲଟିଛନ୍ତି । ସାଧାରଣତଃ ମିମିକ୍ରି କଳାକାରମାନେ ମଣିଷ ଓ ପଶୁପକ୍ଷୀଙ୍କ ସ୍ୱର ନକଲ କରନ୍ତି । ହେଲେ ସାମୁଏଲ୍‌ଙ୍କ କଥା ସମ୍ପୂର୍ଣ୍ଣ ଅଲଗା । ସେ କୌଣସି ସ୍ପେଶାଲ୍ ହୁଇସିଲ୍ ବା ଯନ୍ତ୍ର ବ୍ୟବହାର ନ କରି, କେବଳ ନିଜ ଗଳା, ଜିଭ ଏବଂ ହାତର ଆଙ୍ଗୁଳାକୁ ବ୍ୟବହାର କରି ପ୍ରାୟ ୧୩୦ରୁ ଅଧିକ ପ୍ରଜାତିର ପକ୍ଷୀଙ୍କ ସ୍ୱର ଅବିକଳ ବାହାର କରିପାରନ୍ତି । ଜଣେ ସାଧାରଣ ମଣିଷ ପାଇଁ ଏହା ଅସମ୍ଭବ ମନେହେଲେ ବି ସାମୁଏଲ୍ ଏହାକୁ ବହୁତ ସହଜରେ କରି ପାରନ୍ତି । ସାମୁଏଲ୍‌ଙ୍କ ପ୍ରତିଭା କେତେ ନିଖୁଣ, ତାହାର ସବୁଠାରୁ ବଡ଼ ପ୍ରମାଣ ହେଉଛି ଆଧୁନିକ ଟେକ୍ନୋଲୋଜିର ପରାଜୟ । ଆଜିକାଲି ସ୍ମାର୍ଟଫୋନ୍‌ରେ ପକ୍ଷୀଙ୍କ ସ୍ୱର ଶୁଣି ସେମାନଙ୍କ ପ୍ରଜାତି ଚିହ୍ନଟ କରୁଥିବା 'ମେର୍ଲିନ୍ ବାର୍ଡ ଆଇଡି' ଭଳି ଆଡଭାନ୍ସଡ୍ ଆପ୍ ରହିଛି । ଆଶ୍ଚର୍ଯ୍ୟର କଥା ହେଉଛି, ଯେତେବେଳେ ସାମୁଏଲ୍ କୌଣସି ପକ୍ଷୀର ସ୍ୱର ନକଲ କରନ୍ତି, ସେତେବେଳେ ଏହି ଆପ୍ ମଧ୍ୟ ଭ୍ରମିତ ହୋଇଯାଏ । ଆପ୍‌ଟି ସାମୁଏଲ୍‌ଙ୍କ ସ୍ୱରକୁ ମଣିଷର ନୁହେଁ, ବରଂ ଜଙ୍ଗଲର କୌଣସି ପ୍ରକୃତ ପକ୍ଷୀର ସ୍ୱର ବୋଲି ରେକର୍ଡ କରିଥାଏ ।



ସାମୁଏଲ୍ ଅଟିଜିମ୍‌ରେ ପୀଡ଼ିତ । ସାଧାରଣତଃ ଅଟିଜିମ୍‌ରେ ପୀଡ଼ିତ ପିଲାମାନେ ଅନ୍ୟମାନଙ୍କ ସହ ସହଜରେ ମିଶିପାରନ୍ତି ନାହିଁ କିମ୍ବା ନିଜ ଭାବନା ପ୍ରକାଶ କରିପାରନ୍ତି ନାହିଁ । ହେଲେ ସାମୁଏଲ୍ ପ୍ରକୃତି ଏବଂ ପକ୍ଷୀମାନଙ୍କ ଭିତରେ ନିଜର ଦୁନିଆ ଖୋଜି ପାଇଛନ୍ତି । ତାଙ୍କ ମା'ଙ୍କ କହିବା ଅନୁଯାୟୀ, ସାମୁଏଲ୍ ଘଣ୍ଟା ଘଣ୍ଟା ଧରି ପକ୍ଷୀମାନଙ୍କ ସ୍ୱରକୁ ବହୁତ ଗଭୀରତାର ସହ ଶୁଣନ୍ତି ଏବଂ ତାକୁ ଅଭ୍ୟାସ କରନ୍ତି । ଏକ ସ୍କୁଲ୍ ଟ୍ୟାଲେଣ୍ଟ ଶୋ'ରୁ ସାମୁଏଲ୍‌ଙ୍କର ଏକ ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରାଯାଇଥିଲା । ଦେଖୁଦେଖୁ ସେହି ଭିଡିଓଟି ଲକ୍ଷ ଲକ୍ଷ ଲୋକ ଦେଖିଲେ ଏବଂ ଭାଇରାଲ୍ ହୋଇଗଲା । ଷ୍ଟେଜ୍ ଉପରେ ସେ ଯେଉଁଭଳି ଭାବରେ କୁକୁଡ଼ାଠାରୁ ଆରମ୍ଭ କରି ବିଦେଶୀ ପକ୍ଷୀଙ୍କ ସ୍ୱର ବାହାର କରୁଥିଲେ, ତାହା ଦେଖି ସେଠାରେ ଉପସ୍ଥିତ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । ସାମୁଏଲ୍ ଆଜି ସେହି ସବୁ ପିଲା ଓ ସେମାନଙ୍କ ପରିବାର ପାଇଁ ଏକ ବଡ଼ ପ୍ରେରଣା, ଯେଉଁମାନେ କୌଣସି ନା କୌଣସି ଶାରୀରିକ ବା ମାନସିକ ସମସ୍ୟା ଦେଇ ଗତି କରୁଛନ୍ତି । ସାମୁଏଲ୍ ବଡ଼ ହୋଇ ଜଣେ ପକ୍ଷୀ ବିଜ୍ଞାନୀ ହେବା ସହ ଜୀବବିଜ୍ଞାନ ଏବଂ ଜଙ୍ଗଲ ସଂରକ୍ଷଣ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି ।

## ପ୍ରହେଳିକା

- ମହାପୁରାଣ ସେ ଭାରି ପବିତ୍ର
  ମହର୍ଷି ବ୍ୟାସଦେବଙ୍କ ଲିଖିତ
  ଜଗନ୍ନାଥ ଦାସ ଆମ ଭାଷାରେ
  ଲେଖିଥିଲେ ତାକୁ ଅତି ଶ୍ରଦ୍ଧାରେ
  ପଢ଼ିଲେ ତାହାକୁ ମିଳଇ ପୁଣ୍ୟ
  ତେର ସ୍କନ୍ଧ ସହ ଦିଏ ଭକ୍ତି ମୋହ
  କୁହତ ଦେଖି ସେ କେଉଁ ପୁରାଣ ।

  ଉତ୍ତର-ଭାଗବତ ମହାପୁରାଣ

- ଭାଦ୍ରବ ମାସର ପୁନେଇଁ ଦିନ
  ପର୍ବଟିଏ ଆସେ ରାଇଜେ ଆମ
  ବ୍ୟାସଦେବ ଏହି ପବିତ୍ର ଦିନ
  ଲେଖିଥିଲେ ଏକ ମହାପୁରାଣ
  ସେହି ଦିନଟିକୁ ଭଉଣୀ ଭାଇ
  ଶ୍ରଦ୍ଧାରେ ପାଳନ୍ତି କୃଷ୍ଣଙ୍କୁ ଧ୍ୟାୟୀ
  ହୁଏ ନାମ ସଂକୀର୍ତ୍ତନ
  ସାରା ଗ୍ରାମବାସୀ ଭକ୍ତିରେ ବୁଡ଼ନ୍ତି
  କୁହତ ସେ ପର୍ବ ନାମ ।

  ଉତ୍ତର-ଭାଗବତ ଜନ୍ମ

- ପ୍ରତି ଗ୍ରାମେ ଅଛି ଦିଅଁଙ୍କ ଘର
  ପକ୍କା ହେଉ ଅବା ଚାଳ ଛପର
  ପୁରୋହିତ ଆସି ସଞ୍ଜ ସକାଳେ
  ପ୍ରଭୁଙ୍କୁ ପୂଜନ୍ତି ଭକତି ଭରେ
  ସନ୍ଧ୍ୟା କାଳେ ହୁଏ ପୋଥି ପଠନ
  ମୃଦଙ୍ଗ ଧ୍ୱନିରେ ନାମ କୀର୍ତ୍ତନ
  ଭାଦ୍ରବ ପୁନେଇଁ ଦିନ
  ସେହି ଗୃହେ ହୁଏ ଭକ୍ତି ପୋଥି ପୂଜା
  କୁହତ ସେ ଘର ନାମ ।

  ଉତ୍ତର-ଭାଗବତ ଟୁଙ୍ଗି

-ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## କହରେ ବଣୀ



ଧୀରେନ୍ଦ୍ର କୁମାର ମଲ୍ଲିକ

ଆମ୍ବଗଛ ଡାଳ ପରେ
ବଣୀଟିଏ ବସି,
ଗୁଣୁଗୁଣୁ ଗୀତ ଗାଇ
ହେଉଥିଲା ଖୁସି ।
ପାଖେ ଯାଇ ପଚାରିଲି
କହ ଆରେ ବଣୀ,
ଭଲେ ରହୁ କେମିତି ତୁ
ପାରୁନାହିଁ ଜାଣି ।
ନାହିଁ ତୋର ଦୁଇହାତ
ଦେହେ ବେଶୀ ବଳ,
ଏକୁଟିଆ ନିରିଭୟେ
ବୁଲୁ ନଦୀ ନାଳ ।
ଯଦି କେହି ଚାଲାକରେ
ଦିଏ ତୋତେ ମାରି,
ଟିକି ପକ୍ଷୀ ପାରିବୁକି
ତାର କ୍ଷତି କରି ।
ସେଇଲାଗି କହୁଛି ଚାଲ
ଯିବା ଆମ ଘର,
ବଞ୍ଚିବୁ ତୁ ଭଲେ ସେଠି
ରହିବନି ଡର ।
ପିଞ୍ଜରା ରେ ରଖି ତୋତେ
ଖାଇବାକୁ ଦେବି,
ଶରଧାରେ ସବୁବେଳେ
ଯତନ ତୋ ନେବି ।
ମାଗିବୁ ତୁ ଯାହା ମୋତେ
ଆଣି ଦେବି ସବୁ,
ଯୁଆଡ଼କୁ ଯିବୁ ଆମେ
ସାଥେ ତୋତେ ନେବୁ ।
ଏହାଶୁଣି ସଙ୍ଗେ ସଙ୍ଗେ
ବଣୀ ଦେଲା କହି,
ଦୁଃଖ କରୁନାହିଁ ମୁହିଁ
ଗଛ ପରେ ରହି ।
ବଣ ବୁଦା ଗାଆଁ ଗଳି
ବୁଲୁଛି ମୁଁ ନିତି,
ଜଣା ପଡ଼େନାହିଁ ବେଳ
ଯାଏ ମୋର ବିତି ।
ଖାଇବାକୁ ମିଳିଯାଏ
ଯାହା ଇଚ୍ଛା କଲେ,
ଅସୁବିଧା ହେଉନାହିଁ
ରହିଛି ମୁଁ ଭଲେ ।
ଦରକାର ନାହିଁ ମୋର
ତୁମ ଉପକାର,
ଯିବିନାହିଁ କେବେ ହେଲେ
ମୁଁ ତୁମରି ଘର ।। ■

ନୀଳକଣ୍ଠପୁର, ଯାଜପୁର



ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ । ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ ।

# ସୁମନ

## ଲାଇବ୍ରେରୀର ରହସ୍ୟ



ଲଳିତ ମୋହନ ମିଶ୍ର

ଲାଇବ୍ରେରୀ ହେଉଛି ଜ୍ଞାନର ଏକ ବିଶାଳ ସମୁଦ୍ର । ଏହା କେବଳ ବହିଗୁଡ଼ିକର ଏକ ସଂଗ୍ରହାଳୟ ପରି ମନେହୁଏ, କିନ୍ତୁ ପ୍ରକୃତରେ ଏହା ଭିତରେ ଲୁଚି ରହିଥାଏ ଅନେକ ଅଜଣା ରହସ୍ୟ । ପ୍ରତ୍ୟେକ ବହି ଆମ ପାଇଁ ନୂତନ ଦୁନିଆର ଦ୍ୱାର ଖୋଲିଦିଏ । ବହିର ପୃଷ୍ଠାଗୁଡ଼ିକରେ କେବଳ ଅକ୍ଷର ଲେଖାହୋଇ ନ ଥାଏ, ବରଂ ସେଥିରେ ଲୁଚି ରହିଥାଏ ନୂଆ ନୂଆ ଗଳ୍ପ, ବିଜ୍ଞାନର ଆଶ୍ଚର୍ଯ୍ୟଜନକ ତଥ୍ୟ, ଏବଂ ବିଶ୍ୱର ଇତିହାସ । ବହିଟିଏ ଖୋଲିବା ମାତ୍ରେ ଆମେ କଳ୍ପନାର ସେହି ମାୟାବୀ ଦୁନିଆକୁ ଚାଲିଯାଉ । ସହରର ମଧ୍ୟଭାଗରେ ଶହେ ବର୍ଷର ଏକ ପୁରୁଣା ପାଠାଗାର ଥିଲା । ଲୋକମାନେ କହୁଥିଲେ ଯେ, ଅନ୍ଧାର ହୋଇଗଲା ପରେ ସେଠାରେ ଅଦ୍ଭୁତ ଶବ୍ଦ ଶୁଣାଯାଉଅଛି । କିଏ କିଏ କୁହନ୍ତି, ସେଠାରେ ଭୂତ ଅଛି ! ଆଉ କିଏ କିଏ କୁହନ୍ତି, ସେଠାରେ ଏକ ରହସ୍ୟମୟ ଛାୟା ଘୁରି ବୁଲୁଛି । ଗୋଟିଏ ଦିନ ରବିବାର ଛୁଟିରେ ଚାରି ଜଣ ବନ୍ଧୁ - ଆଲୋକ, ଅଶୋକ, ବିଭାନ ଓ ବୈଭବ ଏହି ରହସ୍ୟକୁ ଉନ୍ମୋଚନ ନିଷ୍ପତ୍ତି ନେଲେ । ସନ୍ଧ୍ୟା ହେବା ମାତ୍ରେ ସେମାନେ ଏକ ଟର୍ଚ୍ଚଲାଇଟ୍, ନୋଟବୁକ୍ ଏବଂ ଅନ୍ୟ କିଛି ସାମଗ୍ରୀ ଧରି ପାଠାଗାରରେ ପହଞ୍ଚିଲେ । ସେମାନେ ଭିତରେ ପାଦ ଦେବା ମାତ୍ରେ ଗୋଟିଏ ଶବ୍ଦ କରି ଦ୍ୱାର ବନ୍ଦ ହୋଇଗଲା । ଚାରି ଜଣ ଆଶ୍ଚର୍ଯ୍ୟ ହୋଇଗଲେ । ତା' ପରେ ଧୀରେ ଧୀରେ ଉପରକୁ କାହାର ଚାଲିବାର ଶବ୍ଦ ହେଲା...ଠକ୍... ଠକ୍... ଠକ୍... ବୈଭବ ଥରିଥରି କହିଲା, କିଏ ସେଠାରେ ଅଛ? ହଠାତ୍ ଗୋଟିଏ ପୁରୁଣା ବହିଟିଏ ଥାକରୁ ଖସି ପଡ଼ିଲା ଏବଂ ତାହାର ପୃଷ୍ଠାଗୁଡ଼ିକ ଆପେ ଆପେ ଓଲଟିବାକୁ ଲାଗିଲା । ସେହି ମୁହୂର୍ତ୍ତରେ ଥଣ୍ଡା ପବନ ପ୍ରବାହିତ ଏବଂ ଟର୍ଚ୍ଚଲାଇଟ୍ ରୁ ଆଲୋକ ଝଲସି ଉଠିଲା । ଆଲୋକ ସାହସ କରି ପୁସ୍ତକଟିକୁ ଉଠାଇଲା । ପ୍ରଥମ ପୃଷ୍ଠାରେ ଲେଖାଥିଲା, ଜ୍ଞାନ ଖୋଜିବା ପାଇଁ ଆସୁଥିବା ବ୍ୟକ୍ତି ଭୟ କରିବା ଉଚିତ୍ ନୁହେଁ, କାରଣ ଯିଏ ଭୟରେ ଦୌଡ଼ି ପଳାଏ ସେ କେବେ ଗୁପ୍ତ କଥା ଆବିଷ୍କାର କରିପାରେ ନାହିଁ । ଠିକ୍ ସେତିକିବେଳେ ଉପରୁ ଏକ ମଳିନ ନୀଳ ଆଲୋକ ଦେଖାଗଲା । ଚାରିଜଣ ଧୀରେ ଧୀରେ ସିଡ଼ି ଚଢ଼ିବାକୁ ଲାଗିଲେ । ଉପର ମହଲାରେ ଏକ ବଡ଼ କୋଠରି ଥିଲା, ଯାହା ଧୂଳି ଆଚ୍ଛାଦିତ



ସେଲଫ ସହିତ ସଜାଯାଇଥିଲା । କୋଠରୀର ମଧ୍ୟଭାଗରେ ଏକ ପୁରୁଣା ଘଣ୍ଟା ଲାଗିଥିଲା, ଏହା ବିପରୀତ ଦିଗରେ ଗତି କରୁଥିଲା । ବିଭାନ ଘଣ୍ଟାକୁ ଛୁଇଁବା ମାତ୍ରେ, କାନ୍ଥଟି ମଧ୍ୟ ଭାଗରୁ ଏକ ଗୁପ୍ତ ଦ୍ୱାର ଖୋଲିଗଲା । ଭିତରେ ଏକ ଛୋଟ କୋଠରି ଥିଲା, ଯେଉଁଥିରେ ଏକ କାଠ ସିନ୍ଦୂକ ଥିଲା । ସିନ୍ଦୂକ ଖୋଲିବା ମାତ୍ରେ, ସେଥିରୁ ଏକ ଝଲସୁଥିବା ଆଲୋକ ନିର୍ଗତ ହେଲା । ସେଥିରୁ ଏକ ମଧୁର ସ୍ୱର ନିର୍ଗତ ହେଲା - ଅଭିନନ୍ଦନ ଆପଣମାନଙ୍କୁ ! ଆପଣମାନେ ଏହି ଲାଇବ୍ରେରୀର ରହସ୍ୟ ଆବିଷ୍କାର କରିଛନ୍ତି । ଜଣେ ବୃଦ୍ଧ ଲାଇବ୍ରେରିଆନଙ୍କ ପ୍ରତିମୂର୍ତ୍ତି କୋଠରୀରେ ଦେଖାଗଲା । ସେ ହସୁଥିଲେ । ସେ କହିଲେ, ମୁଁ ସାରା ଜୀବନ ଏହି ଦୁର୍ଲଭ ପୁସ୍ତକଗୁଡ଼ିକୁ ସୁରକ୍ଷିତ କରି ରଖିଛି । ଲୋକମାନେ ଭୟରେ ଏଠାକୁ ଆସିବା ବନ୍ଦ କରିଦେଇଛନ୍ତି । ଏବେ ତୁମମାନଙ୍କୁ ସମସ୍ତଙ୍କୁ ଏହି ବାର୍ତ୍ତା ଦେବାକୁ ପଡିବ: କେବେ ବି ଜ୍ଞାନକୁ ଭୟ କର ନାହିଁ । ଏହା ସହିତ ସେହି ପ୍ରତିମୂର୍ତ୍ତିଟି ଧୀରେ ଧୀରେ ଆଲୋକରେ ଫିକା ହୋଇଗଲା ଏବଂ ଅଦୃଶ୍ୟ ହୋଇଗଲା । ସେହି ମୁହୂର୍ତ୍ତରେ ଘଣ୍ଟା ବନ୍ଦ ହୋଇଗଲା ଦ୍ୱାର ଖୋଲିଗଲା ଏବଂ ପାଠାଗାର ପୁଣି ସମ୍ପୂର୍ଣ୍ଣ ନୀରବ ହୋଇଗଲା । ପରଦିନ ଚାରି ବନ୍ଧୁ ସହରର ଚାରିଆଡ଼େ ପାଠାଗାର ବିଷୟରେ କହିଲେ । ଲୋକମାନେ ପୁଣି ଥରେ ସେଠାକୁ ଆସିବା ଆରମ୍ଭ କଲେ । ରାତିରେ ସେଠାରେ ଆଉ କୌଣସି ଭୟଙ୍କର ଶବ୍ଦ ଶୁଣାଗଲା ନାହିଁ । ■

ଅରବିନ୍ଦ ନଗର, ନୟାଗଡ଼

## ଛୁଆଙ୍କ ତୁଳି





ପ୍ରାଚୀ ପ୍ରାଞ୍ଜଳ ସାହାଣୀ
ପଞ୍ଚମ ଶ୍ରେଣୀ
ବଲାଙ୍ଗିର ପବ୍ଲିକ୍ ସ୍କୁଲ
ବଲାଙ୍ଗିର





ଇପ୍‌ସିତା ଜେନା
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା





ଅବିନାଶ ସ୍ୱାଇଁ
ସପ୍ତମ ଶ୍ରେଣୀ
ନିମାପଡ଼ା ଉଚ୍ଚ ବିଦ୍ୟାଳୟ
ନିମାପଡ଼ା





ହର୍ଷିତ କୁମାର ବେହୁରା
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

**ଆଇଚି-ନାଗୋୟା ଏସିଆନ୍ ଗେମ୍ସ**

# ସୁରୁଚି-କମଲ୍‌ଜିତଙ୍କୁ ସ୍ୱର୍ଣ୍ଣ; ଷଷ୍ଠ ଦିବସରେ ୬ ପଦକ

ଟୋକିଓ, ୨୫ ।୯ (ଏଜେନ୍ସି)

ଜାପାନରେ ଚାଲିଥିବା ଏସିଆନ ଗେମ୍ସର ୨୦ତମ ସଂସ୍କରଣର ଷଷ୍ଠ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଷଷ୍ଠ ଦିବସରେ ଭାରତୀୟ ଆଥ୍‌ଲେଟ୍‌ମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ମୋଟ୍ ୬ଟି ପଦକ ଜିତିଛନ୍ତି । ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି । ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ସୁଟିଂ କ୍ରୀଡ଼ାରୁ ଏହାର ପ୍ରଥମ ସ୍ୱର୍ଣ୍ଣ ପଦକ ଷଷ୍ଠ ଦିବସରେ ହାସଲ କରିଛନ୍ତି । ସୁରୁଚି ସିଂହ ଓ କମଲ୍‌ଜିତ୍ ସିଂହ ସୁଟିଂର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ଏହି ପ୍ରତୀକ୍ଷିତ ସ୍ୱର୍ଣ୍ଣ ପଦକ ଭେଟି ଭାରତକୁ ଦେଇଛନ୍ତି । ସେହିଭଳି ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମା ଓ ରୁଦ୍ରାଂକ୍ଷ ପାଟିଲ ଯୋଡ଼ି ସୁଟିଂର ପୁରୁଷ ୫୦ ମିଟର ରାଇଫଲ ୩ ପୋଜିସନ ଟିମ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି । ଆଥ୍‌ଲେଟିକ୍ସରେ ମଧ୍ୟ ଭାରତୀୟଙ୍କ ଚମକ ଦେଖିବାକୁ ମିଳିଥିଲା । ଭାରତୀୟ ଆର୍ମିରେ କାର୍ଯ୍ୟରତ ଗୁଲବୀର ସିଂହ ପୁରୁଷ ୧୦ ହଜାର ମିଟରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ସେହିଭଳି ମହିଳା ପୋଲ୍ ଭଲ୍ଟରେ ବାରାନିକା ଏଲାଙ୍ଗଭାନଙ୍କୁ ଐତିହାସିକ କାଂସ୍ୟ ପଦକ ସଫଳତା ମିଳିଛି । ମନପ୍ରୀତ୍ କୌର ମହିଳା ସଟ୍ ପୁଟରେ କାଂସ୍ୟ ପଦକ ଜିତି ଦିବସକୁ ସ୍ମରଣୀୟ କରିଥିଲେ । ଅପରପକ୍ଷରେ ଶେଷ କାଂସ୍ୟ ପଦକଟି ଭାରତ ଟେବୁଲ ଟେନିସର ମିକ୍ସଡ ଟିମ୍ ଇଭେଣ୍ଟରୁ ଜିତିଥିଲା । ମାନୁଷ ଶାହ ଓ ଦୀୟା ଚିଟାଲେ ଯୋଡ଼ି ଭାରତ ପାଇଁ ଏହି ସଫଳତା ଆଣିଥିଲେ । ଭାରତ ଶୁକ୍ରବାର ସୁଦ୍ଧା ମୋଟ୍ ୨୩ ପଦକ ଜିତି ତାଲିକାର ଦ୍ୱାଦଶ ସ୍ଥାନରେ ରହିଛି । ଯେଉଁଥିରେ ୨ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୨ଟି କାଂସ୍ୟ ପଦକ ସାମିଲ ରହିଛି । ୧୫୭ ପଦକ ସହ ଚୀନ ପ୍ରଥମ ଓ ୧୧୩ ପଦକ ସହ ଆୟୋଜକ ଜାପାନ ଦ୍ୱିତୀୟ ସ୍ଥାନରେ ରହିଛି । ଚାଇନା କ୍ରୀଡ଼ାବିତ୍‌ମାନେ ୯୭ ସ୍ୱର୍ଣ୍ଣ, ୩୬ ରୌପ୍ୟ ଓ ୨୪ କାଂସ୍ୟ ପଦକ ଜିତିଛି ।

## ନିରାଶ କଲେ ଅନିମେଶ, ସାତ୍ୱିକ-ଚିରାଗ

ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସ୍ପ୍ରିଣ୍ଟର ଅନିମେଶ କୁଜୁର ନିରାଶ କରିଛନ୍ତି । ଅନିମେଶଙ୍କ ସମେତ ଦେଶର ଦ୍ରୁତତମ ଧାବକ ଗୁରିନ୍ଦରବୀର ସିଂହ ପୁରୁଷ ୧୦୦ ମିଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲେ । ସେମିଫାଇନାଲରେ ଗୁରିନ୍ଦରବୀର ୧୦.୩୨ ସେକେଣ୍ଡ ଓ ଅନିମେଶ ୧୦.୩୮ ସେକେଣ୍ଡରେ ରେସ୍ ଫିନିଶ କରିଥିଲେ । ଫଳରେ ଗୁରିନ୍ଦରବୀର ଓ ଅନିମେଶ ସେମିଫାଇନାଲରେ ଓଭରଅଲ୍ ଯଥାକ୍ରମେ ୧୧ତମ ଓ ୧୮ତମ ସ୍ଥାନ ଅଧିକାର କରିଥିଲେ । ଅପରପକ୍ଷରେ ପୁରୁଷ ଡବଲ୍ସ ବ୍ୟାଡମିଣ୍ଟନରେ ତାରକା ଯୋଡ଼ି ସାତ୍ୱିକ ସାଇରାଜ ଓ ଚିରାଗ ସେଟ୍ଟୀଙ୍କୁ ବଡ଼ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି । ଏହି ଭାରତୀୟ ଯୋଡ଼ି ପ୍ରଥମ ରାଉଣ୍ଡରେ ହାରିଯାଇ ଅଭିଯାନ ଶେଷ କରିଛନ୍ତି ।

## ସୁଟିଂରେ ପ୍ରଥମ ସ୍ୱର୍ଣ୍ଣ ଭେଟି ଦେଲେ ସୁରୁଚି-କମଲଜିତ୍



ସୁରୁଚି ସିଂ ଓ କମଲଜିତ୍ ଯୋଡ଼ି ଏସିଆନ ଗେମ୍ସରେ ସୁଟିଂ କ୍ରୀଡ଼ାରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଭେଟି ଦେଇଛନ୍ତି । ଶୁକ୍ରବାର ଅନୁଷ୍ଠିତ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସୁରୁଚି-କମଲଜିତ୍ ଯୋଡ଼ି ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ । ଏହି ଭାରତୀୟ ଯୋଡ଼ି ଫାଇନାଲରେ ୪୮୪.୬ ସ୍କୋର କରିଥିଲେ । ଯାହାକି ନୂତନ ଏସିଆନ ରେକର୍ଡ ହୋଇଛି । ୪୭୮.୦ ସ୍କୋର ସହ କୋରିଆ ଦ୍ୱିତୀୟ ଓ ୪୧୫.୮ ସ୍କୋର ସହ ଇରାନ ତୃତୀୟ ସ୍ଥାନ ହାସଲ କରିଥିଲା । ଏସିଆନ କ୍ରୀଡ଼ାର ସୁଟିଂ ଇତିହାସରେ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ ଥିଲା । ଏଥିପୂର୍ବରୁ ୨୦୨୩ ସଂସ୍କରଣରେ ସରବଜୋତ୍ ସିଂହ ଓ ଦିବ୍ୟା ଯୋଡ଼ି ରୌପ୍ୟ ପଦକ ଜିତିଥିଲେ । ଅପରପକ୍ଷରେ ଶୁକ୍ରବାର ସୁଟିଂର ପୁରୁଷ ୫୦ ମିଟର ରାଇଫଲ ୩ ପୋଜିସନ ଟିମ୍ ଇଭେଣ୍ଟରେ ମଧ୍ୟ ଭାରତୀୟ ଦଳ ରୌପ୍ୟ ପଦକ ଜିତିଥିଲେ । ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମା, ନୀରଜ କୁମାର ଓ ରୁଦ୍ରାଂକ୍ଷ ପାଟିଲଙ୍କୁ ନେଇ ଗଠିତ ଭାରତୀୟ ଦଳ ଏହି ସଫଳତା ପାଇଥିଲା ।

## କବାଡ଼ିରେ ଡବଲ୍ ସ୍ୱର୍ଣ୍ଣ ନିକଟତର

ଭାରତର ଉଭୟ ପୁରୁଷ ଓ ମହିଳା କବାଡ଼ି ଦଳ ଚଳିତ ଏସିଆନ ଗେମ୍ସର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି । ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ପୁରୁଷ ଦଳ ୬୬-୨୮ ସ୍କୋରରେ ଥାଇଲାଣ୍ଡକୁ ପରାସ୍ତ କରିଥିଲା । ସେହିଭଳି ଭାରତୀୟ ମହିଳା ଦଳ ୪୮-୨୪ ସ୍କୋରରେ ନେପାଳକୁ ହରାଇ ଫାଇନାଲରେ ପହଞ୍ଚିଛି । ଶନିବାର ଉଭୟ ବିଭାଗର ଫାଇନାଲ ମ୍ୟାଚ୍ ଖେଳାଯିବ । ସଂଯୋଗକୁ ଉଭୟ ବିଭାଗର ଫାଇନାଲରେ ଭାରତ ଅନ୍ୟତମ ଟାଇଟଲ୍ ଦାବିଦାର ଇରାନକୁ ଭେଟିବ । ଇରାନ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ଯଥାକ୍ରମେ ୫୯-୨୧ରେ ଓ ୨୩-୧୯ରେ ଚାଇନିଜ ତାଇପେଇ'କୁ ପରାସ୍ତ କରିଥିଲା । ଭାରତ ଗତ ସଂସ୍କରଣରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଚାମ୍ପିଅନ ହୋଇଥିଲା । ତେଣୁ ଏଥର ମଧ୍ୟ ଟିମ୍ ଇଣ୍ଡିଆ ସ୍ୱର୍ଣ୍ଣ ପଦକ ବଜାୟ ରଖିବା ଆଶାରେ ରହିଛି ।

**ଆଥଲେଟିକ୍ସରେ ଚମକ**

## ଗୁଲ୍‌ବୀର, ବାରାନିକା, ମନପ୍ରୀତ୍‌ଙ୍କୁ ସ୍ମରଣୀୟ ପଦକ



ଏସିଆନ ଗେମ୍ସର ୭ମ ଦିବସରେ ଭାରତୀୟ ଆଥ୍‌ଲେଟଙ୍କ ପାଇଁ ସ୍ମରଣୀୟ ରହିଥିଲା । ତାରକା ଧାବକ ଗୁଲବୀର ସିଂହ ପୁରୁଷ ୧୦ ହଜାର ମିଟର ଦୌଡ଼ରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଭାରତୀୟ ସେନାରେ କାର୍ଯ୍ୟରତ ଗୁଲବୀର ଏହି ଦୂରତାକୁ ୨୮ ମିନିଟ୍ ୨୯.୩୮ ସେକେଣ୍ଡରେ ଫିନିଶ କରି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ । ବାହାରିନ ଧାବକ ବିରହାନୁ ବାଲିଉ ୧.୮୭ ସେକେଣ୍ଡ କମ୍ ସମୟ ନେଇ ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ । ଏସିଆନ ଗେମ୍ସରେ ଗୁଲବୀରଙ୍କ ଏହା କ୍ରମାଗତ ଦ୍ୱିତୀୟ ପଦକ । ଏଥିପୂର୍ବରୁ ୨୦୨୩ ସଂସ୍କରଣରେ ସେ ୧୦ ହଜାର ମିଟରରେ କାଂସ୍ୟ ପଦକ ଜିତିଥିଲେ । ଅପରପକ୍ଷରେ ପୋଲ୍‌ଭଲ୍ଟରେ ବାରାନିକା ଏଲାଙ୍ଗଭାନ ଇତିହାସ ରଚିଛନ୍ତି । ତାମିଲନାଡୁର ୨୯ ବର୍ଷୀୟା ଏହି ଆଥଲେଟ୍ ୪.୧୫ ମିଟର ଉଚ୍ଚକୁ ଡେଇଁ ତୃତୀୟ ସ୍ଥାନରେ ରହିବା ସହ କାଂସ୍ୟ ପଦକ ହାସଲ କରିଥିଲେ । ଫଳରେ ବାରାନିକା ପ୍ରଥମ ଭାରତୀୟ ଭାବରେ ଏସିଆନ ଗେମ୍ସର ପୋଲ୍‌ଭଲ୍ଟ ଇଭେଣ୍ଟରେ ପଦକ ଜିତିଛନ୍ତି । ଆଥ୍‌ଲେଟିକ୍ସରୁ ତୃତୀୟ ପଦକ ସଫଳତା ମନପ୍ରୀତ୍ କୌର ଆଣିଥିଲେ । ମନପ୍ରୀତ୍ ମହିଳା ସଟ୍ ପୁଟରେ ୧୭.୧୭ ମିଟର ଦୂରତାକୁ ଫିଙ୍ଗି କାଂସ୍ୟ ପଦକ ଜିତିଥିଲେ ।

## ମହିଳା ହକି: କ୍ରମାଗତ ୪ର୍ଥ ବିଜୟ ସହ ସେମିରେ ଭାରତ



ଏସିଆନ ଗେମ୍ସର ମହିଳା ହକିରେ ଭାରତ କ୍ରମାଗତ ୪ର୍ଥ ବିଜୟ ହାସଲ କରି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି । ପୁଲ୍-ବି'ରେ ସ୍ଥାନ ପାଇଥିବା ଭାରତୀୟ ଦଳ ଶୁକ୍ରବାର ୩-୧ ଗୋଲରେ ଆୟୋଜକ ଜାପାନକୁ ପରାସ୍ତ କରିଥିଲା । ଭାରତ ପକ୍ଷରୁ ଲାଲରେମସିଆମି (୫ମ ମିନିଟ), ଇଶିକା ଚୌଧୁରୀ (୩୦ତମ) ଓ ନବନୀତ୍ କୌର (୩୬ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ସଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତ ପୂର୍ବରୁ ପ୍ରଥମ ୩ଟି ମ୍ୟାଚରେ ଯଥାକ୍ରମେ ଉଜବେକିସ୍ତାନ (୧୯-୦), ଇଣ୍ଡୋନେସିଆ (୧୭-୧) ଓ ଥାଇଲାଣ୍ଡ (୨୦-୧ ଗୋଲ୍)କୁ ପରାସ୍ତ କରିଥିଲା । ଫଳରେ ଭାରତ ୪ଟି ମ୍ୟାଚରେ ମୋଟ୍ ୫୬ଟି ଗୋଲ୍ ଦେଇ ୧୨ ପଏଣ୍ଟ ସହ ପୁଲ୍ ଶୀର୍ଷରେ ରହି ସେମିଫାଇନାଲରେ ସ୍ଥାନ ପକ୍କା କରିଛି । ଭାରତ ଏହାର ଶେଷ ପୁଲ୍ ମ୍ୟାଚରେ ରବିବାର ସିଙ୍ଗାପୁରକୁ ଭେଟିବ । ଏହି ପୁଲ୍‌ରୁ ଦ୍ୱିତୀୟ ଦଳ ଭାବରେ ଜାପାନ (୯ ପଏଣ୍ଟ), ଥାଇଲାଣ୍ଡ (୬) ଓ ଇଣ୍ଡୋନେସିଆ (୬) ସେମିଫାଇନାଲ ଦୌଡ଼ରେ ରହିଛନ୍ତି ।



ପୋଲ୍‌ଭଲ୍ଟରେ କାଂସ୍ୟ ବିଜୟିନୀ ବାରାନିକା

## ବଡ଼ ବିପର୍ଯ୍ୟୟ ଘଟାଇଲା ନେପାଳ

ନିଶହିନ, ୨୫ ।୯ (ଏଜେନ୍ସି): ଜାପାନରେ ଚାଲିଥିବା ଏସିଆନ ଗେମ୍ସର ପୁରୁଷ କ୍ରିକେଟ୍‌ରେ ଶୁକ୍ରବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ଗ୍ରୁପ୍ ପର୍ଯ୍ୟାୟର ଏକ ମ୍ୟାଚରେ ନେପାଳ ୫ ୱିକେଟରେ ଗତ ସଂସ୍କରଣର ରୌପ୍ୟ ପଦକ ବିଜେତା ଆଫଗାନିସ୍ତାନକୁ ହରାଇଦେଇଛି । ଏହି ସ୍ମରଣୀୟ ବିଜୟ ସହ ନେପାଳ କ୍ୱାର୍ଟର ଫାଇନାଲ ଦୌଡ଼ରେ ନିଜକୁ ସାମିଲ କରିନେଇଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୦ ଓଭରରେ ୭ ୱିକେଟ ହରାଇ ମାତ୍ର ୧୦୨ ରନ କରିଥିଲା । ନାଜିବୁଲ ଜର୍ଦାନ ଓ ଫୈଜଲ ସିନୋଜାଦ ୩୦ ରନ ଲେଖାଏ କରିଥିଲେ । ନେପାଳର କୁଶାଲ ଭୁର୍ତେଲ ୪ ଓ ଲଳିତ ରାଜବଂଶୀ ୩ଟି ୱିକେଟ ନେଇଥିଲେ । ଜବାବରେ ୧୭.୨ ଓଭରରେ ୫ ୱିକେଟ ହରାଇ ନେପାଳ ବିଜୟୀ ହୋଇଥିଲା । ସନ୍ଦୀପ ଜୋରା ୩୪ ଓ ରୋହିତ୍ ପୌଡେଲ ୩୩ ରନର ମ୍ୟାଚ ବିଜୟୀ ପାଳି ଖେଳିଥିଲେ । ପରାଜୟ ସହ ଆଫଗାନିସ୍ତାନ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇ ଗ୍ରୁପ୍-ଏ'ର ଶୀର୍ଷରେ ରହିଛି । ସେହିଭଳି ନେପାଳ ଗୋଟିଏ ମ୍ୟାଚରୁ ୨ ପଏଣ୍ଟ ପାଇଛି ।

## ଟିଟିରେ ମାନୁଷ-ଦୀୟାଙ୍କୁ କାଂସ୍ୟ ପଦକ



ମାନୁଷ ଶାହ ଓ ଦୀୟା ଚିଟାଲେ ଯୋଡ଼ି ଟେବୁଲ ଟେନିସ (ଟିଟି)ର ମିକ୍ସଡ ଡବଲ୍ସ ଇଭେଣ୍ଟରେ ଭାରତ ଲାଗି କାଂସ୍ୟ ପଦକ ହାସଲ କରିଛନ୍ତି । ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ମାନୁଷ-ଦୀୟା ଯୋଡ଼ି ୪-୦ (୮-୧୧, ୫-୧୧, ୮-୧୧, ୨-୧୧)ରେ ଚାଇନାର ୱାଙ୍ଗ ଚୁକିନ ଓ ସୁନ୍ ୟିଙ୍ଗାଶା ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ । ବିଶ୍ୱ ମାନ୍ୟତାର ୮ମ ସ୍ଥାନରେ ଥିବା ମାନୁଷ-ଦୀୟା ଯୋଡ଼ି ୨ ନମ୍ବର ମାନ୍ୟତା ଚାଇନା ଯୋଡ଼ିଙ୍କ ସାମ୍ନାରେ ଲଢ଼େଇ କରିପାରି ନ ଥିଲେ । ପରାଜୟ ସହ ନିୟମ ଅନୁଯାୟୀ ସେମିଫାଇନାଲରେ ପ୍ରବେଶ କରିଥିବାରୁ ଭାରତୀୟ ଯୋଡ଼ିଙ୍କୁ କାଂସ୍ୟ ପଦକ ମିଳିଛି । ଏସିଆନ ଗେମ୍ସ ଇତିହାସରେ ଟେବୁଲ ଟେନିସରୁ ଭାରତର ଏହା ୪ର୍ଥ ପଦକ ହୋଇଛି ।

## ଗୋଟିଏ ଦଳରେ ୭ ଜଣ 'ଅଲ୍ ବାଲୁସି'; ରଥ ଫେଲ୍

ଜାପାନରେ ଚାଲିଥିବା ଏସିଆନ ଗେମ୍ସର ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଶୁକ୍ରବାର ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଥିଲା । ଓମାନ ବିପକ୍ଷ ମ୍ୟାଚରେ ହଂକଂ ୪୧ ରନରେ ବିଜୟୀ ହୋଇଥିଲା । କିନ୍ତୁ ଓମାନ ଦଳର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ୧୧ଜଣ ଖେଳାଳିଙ୍କ ମଧ୍ୟରେ ୭ ଜଣଙ୍କ ଟାଇଟଲ୍ ତଥା ଉପନାମ 'ଅଲ୍ ବାଲୁସି' ରହିଥିଲା । ଏହି ୭ ଜଣ ଖେଳାଳି ହେଲେ ମହମ୍ମଦ ଅଲ୍ ବାଲୁସି, ଶୁଏବ୍ ଅଲ୍ ବାଲୁସି, ଜୁବୈର ଅଲ୍ ବାଲୁସି, ୱାହିଦ୍ ଅଲ୍ ବାଲୁସି, ଇସା ଅଲ୍ ବାଲୁସି, ନାଭିଦ୍ ଅଲ୍ ବାଲୁସି ଏବଂ ଫାରିସ୍ ଅଲ୍ ବାଲୁସି । ଖେଳାଳି ତାଲିକାରେ "ଅଲ୍ ବାଲୁସି" ନାମ ବାରମ୍ବାର ଦେଖି ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଥିଲେ । ଅପରପକ୍ଷରେ ହଂକଂ ଦଳରୁ ଖେଳୁଥିବା ଓଡ଼ିଶାର ଅଂଶୁମାନ ରଥ ଓପନିଂ ଆସି ୫ଟି ବଲରେ ମାତ୍ର ୩ ରନ କରି ଆଉଟ୍ ହୋଇ ନିରାଶ କରିଥିଲେ ।

■ ତୃତୀୟ ଅନଅଫିସିଆଲ ଦିନିକିଆ

## ଭାରତ-ଏ'କୁ ଜିତାଇଲେ ମିନୁ

ମୋହାଲି, ୨୫ ।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ-ଏ ମହିଳା ଦଳ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ତୃତୀୟ ଅନଅଫିସିଆଲ ଦିନିକିଆ ମ୍ୟାଚକୁ ଭାରତ-ଏ ଦଳ ୪ ୱିକେଟରେ ଜିତିନେଇଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ-ଏ ଦଳ ୫୦ ଓଭରରେ ୯ ୱିକେଟ ହରାଇ ୩୬୨ ରନ କରିଥିଲା । ଦଳ ପକ୍ଷରୁ ଚାର୍ଲି ନଟ୍ ୧୦୯ ରନର ଶତକୀୟ ପାଳି ଖେଳିଥିଲେ । ଭାରତ-ଏ ପକ୍ଷରୁ ବୈଷ୍ଣବୀ ଶର୍ମା ଓ ନିକି ପ୍ରସାଦ ୪ଟି ଲେଖାଏ ୱିକେଟ ନେଇଥିଲେ । ଜବାବରେ ଭାରତ-ଏ ଲଢ଼ୁଆ ପ୍ରଦର୍ଶନ କରି ୪୮.୨ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ମିନୁ ମାନି ୫୬ ବଲରେ ୮୮ ରନର ଅପରାଜିତ ଦମ୍‌ଦାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଏଥିସହ ଭାରତ-ଏ ୨-୧ରେ ସିରିଜ ବିଜୟୀ ହୋଇଛି ।

## ବ୍ରିଜ୍‌କେଙ୍କ ଶତକ; ଅଷ୍ଟ୍ରେଲିଆ ପରାସ୍ତ

ଡର୍ବାନ, ୨୫ ।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬୭ ରନରେ ବିଜୟୀ ହୋଇଛି । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ମାଥ୍ୟୁ ବ୍ରିଜ୍‌କେ (୧୧୨)ଙ୍କ ଶତକ ବଳରେ ୫୦ ଓଭରରେ ୮ ୱିକେଟ ହରାଇ ୨୯୭ ରନ କରିଥିଲା । ଜବାବରେ ପ୍ରତିପକ୍ଷ ବାମହାତୀ ସ୍ପିନର କେଶବ ମହାରାଜ (୯.୨-୨-୨୦-୪)ଙ୍କୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ୪୧.୨ ଓଭରରେ ୨୩୦ ରନରେ ଅଲ୍‌ଆଉଟ୍ ହୋଇଥିଲା ।

**ହକି ଇଣ୍ଡିଆ ବିବାଦ**

## ଦିଲୀପଙ୍କ ସମର୍ଥନରେ ପୂର୍ବତନ ହକି ଖେଳାଳି

ନୂଆଦିଲ୍ଲୀ,୨୫ ।୯ (ଏଜେନ୍ସି)




ହକି ଇଣ୍ଡିଆରେ ବଢୁଥିବା ଆଭ୍ୟନ୍ତରୀଣ ବିବାଦ ମଧ୍ୟରେ ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳିମାନେ ସଂଘର ସଭାପତି ଦିଲୀପ ତିର୍କୀଙ୍କ ସମର୍ଥନରେ ଆଗକୁ ଆସିଛନ୍ତି । ସଂଘର ପରିଚାଳନାରେ ତୁରନ୍ତ ସଂସ୍କାର ଆଣିବା ସହ ନିର୍ବାଚନ ପର୍ଯ୍ୟନ୍ତ ପୂର୍ବତନ ଖେଳାଳିଙ୍କୁ ନେଇ ଏକ ଅନ୍ତରୀଣ କମିଟି ଗଠନ ପାଇଁ ସେମାନେ ଦାବି କରିଛନ୍ତି । ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍ ବାହାରେ ପୂର୍ବତନ ଖେଳାଳିମାନେ ପ୍ରତିବାଦ କରିଥିଲେ । ଜାଫର ଇକବାଲ, ଭାସ୍କରନ୍ ଓ ଅଶୋକ କୁମାରଙ୍କ ସମେତ ଅନେକ ପୂର୍ବତନ ଖେଳାଳି ଏହି ଗୋଷ୍ଠୀରେ ଅଛନ୍ତି । ଅନୁମତି ନମିଳିବାରୁ ସେମାନେ ଷ୍ଟାଡିୟମ୍‌ର ଗେଟ୍ ନମ୍ବର ୭ ବାହାରେ ପ୍ଲାକାର୍ଡ ଧରି ପ୍ରତିବାଦ କରିଥିଲେ । ୧୯୮୪ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସର ଭାରତୀୟ ଦଳର ସଦସ୍ୟ ଭିନୀତ କୁମାର ଓ ରୋମିଓ ଜେମ୍ସ ମଧ୍ୟ ଏଥିରେ ସାମିଲ ହୋଇଥିଲେ । ପୂର୍ବତନ ମହିଳା ଅଧିନାୟକ ଅସୁନ୍ତା ଲାକ୍ରା ମଧ୍ୟ ପ୍ରତିବାଦରେ ଥିଲେ । ଗତ ୧୨ ତାରିଖରେ ହକି ଇଣ୍ଡିଆର ମହାନିର୍ଦ୍ଦେଶକ କମାଣ୍ଡର ଆର୍‌କେ ଶ୍ରୀବାସ୍ତବଙ୍କଠାରୁ ସମସ୍ତ କ୍ଷମତା ପ୍ରତ୍ୟାହାର ଏବଂ ତିର୍କୀଙ୍କ ନିର୍ଦ୍ଦେଶ ଅମାନ୍ୟ କରିଥିବା ନେଇ ସ୍ପଷ୍ଟୀକରଣ ମଗାଯିବା ପରେ ବିବାଦ ତୀବ୍ର ହୋଇଥିଲା । ପରେ ତିର୍କୀଙ୍କ ଅନୁମତି ବିନା କାର୍ଯ୍ୟକାରୀ ବୋର୍ଡ ବୈଠକ ଡକାଯିବା ନେଇ ମଧ୍ୟ ମତଭେଦ ବଢ଼ିଥିଲା । ପ୍ରତିପକ୍ଷ ଗୋଷ୍ଠୀ ପୂର୍ବତନ ଖେଳାଳି, ଜଣେ ଅବସରପ୍ରାପ୍ତ ବିଚାରପତି କିମ୍ବା ଆଇନ ବିଶେଷଜ୍ଞ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ କିମ୍ବା ସାଇର ଜଣେ ପର୍ଯ୍ୟବେକ୍ଷକଙ୍କୁ ନେଇ ଅନ୍ତରୀଣ କମିଟି ଗଠନ ଦାବି କରିଛି । ୧୯୭୮ ଏସୀୟ କ୍ରୀଡ଼ାର ରୌପ୍ୟ ପଦକ ବିଜେତା ପ୍ରମୋଦ ବାଟଲାଓ ହକି ଇଣ୍ଡିଆରେ ସଂସ୍କାରର ଆବଶ୍ୟକତା ଥିବା କହିଛନ୍ତି ।

## ଆର୍ଥିକ ସଙ୍କଟ: ୱେଷ୍ଟଇଣ୍ଡିଜ୍ ଖେଳାଳିଙ୍କ ପାଉଣା କଟିବ

ଚେନ୍ନାଇ,୨୫ ।୯ (ଏଜେନ୍ସି): ଆର୍ଥିକ ସଙ୍କଟ ମଧ୍ୟରେ ୱେଷ୍ଟଇଣ୍ଡିଜ୍ କ୍ରିକେଟ ବୋର୍ଡ ବଡ଼ ଆର୍ଥିକ ପଦକ୍ଷେପ ଘୋଷଣା କରିଛି । ଅନ୍ତର୍ଜାତୀୟ ଖେଳାଳିଙ୍କ ଦରମାରେ ୨୫ ପ୍ରତିଶତ କାଟ କରାଯିବା ସହ ଘରୋଇ ଖେଳାଳିଙ୍କ ଚୁକ୍ତି ଅବଧି ୧୨ ମାସରୁ ୭ ମାସକୁ ହ୍ରାସ କରାଯାଇଛି । ବୋର୍ଡ ଅନୁଯାୟୀ, ଅନ୍ତର୍ଜାତୀୟ ଖେଳାଳିଙ୍କ ୧୨ ମାସିଆ ଚୁକ୍ତି ବଜାୟ ରହିବ । ଖର୍ଚ୍ଚ କମାଇବା ଏବଂ ୨୦୨୭ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଓ ମୁଖ୍ୟ ବିଶ୍ୱକପ୍ ପାଇଁ ଦଳକୁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇ ଚଳିତବର୍ଷର ପୁରୁଷ ସୁପର-୫୦ ଏବଂ ମହିଳା ଟି-୨୦ ବ୍ଲେଜ୍ ପ୍ରତିଯୋଗିତାକୁ ବାତିଲ କରାଯାଇଛି ।୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସରେ କ୍ରିକେଟର ପ୍ରତ୍ୟାବର୍ତ୍ତନ ଏବଂ ଆସନ୍ତାବର୍ଷ ଲିମାରେ ପାନ୍ ଆମେରିକାନ୍ ଗେମ୍ସରେ କ୍ରିକେଟର ଆରମ୍ଭକୁ ଦୃଷ୍ଟିରେ ରଖି ସମ୍ବଳର ପୁନଃବିନ୍ୟାସ ଆବଶ୍ୟକ ହୋଇଛି । ଏହାସହ ବୋର୍ଡ ଆଇସିସିଠାରୁ ୧୬ ନିୟୁତ ଆମେରିକୀୟ ଡଲାର ଋଣ ମଧ୍ୟ ପାଇଛି । ଆସନ୍ତା ଏକ ବର୍ଷରେ ଏହା ତିନିଟି କିସ୍ତିରେ ମିଳିବ ।

● ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

## ଅଷ୍ଟ୍ରେଲିଆ-ଏ'କୁ ୧୬୨ ରନରେ ହରାଇଲା ଭାରତ-ଏ

ପୁଡୁଚେରୀ, ୨୫ ।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ-ଏ ବିପକ୍ଷରେ ଏଠାରେ ଚାଲିଥିବା ଚାରିଦିବସୀୟ ପ୍ରଥମ ଅନଅଫିସିଆଲ ଟେଷ୍ଟରେ ଭାରତ-ଏ ୧୬୨ ରନରେ ବିଜୟୀ ହୋଇଛି । ୩୬୩ ରନର ଟାର୍ଗେଟକୁ ପିଛା କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ-ଏ ଶୁକ୍ରବାର ଚତୁର୍ଥ ଦିବସରେ ୫୫.୧ ଓଭରରେ ୨୦୦ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଫର୍ଗୁସ ଓନେଲ ୪୭, ନାଥନ ମ୍ୟାକସ୍ୱିନୀ ୩୫ ଓ ଜନସନ ସାଙ୍ଗା ୨୬ ରନ କରିଥିଲେ । ଘରୋଇ ଦଳର ବୋଲରଙ୍କ ମଧ୍ୟରେ ତୁଷାର ଦେଶପାଣ୍ଡେ (୩/୧୪), ସାମ୍ସ ମୁଲାନୀ (୩/୫୭), ଅଂଶୁଲ କାମ୍ବୋଜ (୨/୨୫) ଓ ତନୁଷ କୋଟିଆନ (୨/୫୭) ମିଳିତ ଭାବରେ ୧୦ଟି ଯାକ ୱିକେଟ ବାଣ୍ଟି ନେଇଥିଲେ । ପୂର୍ବରୁ ଏହି ମ୍ୟାଚର ପ୍ରଥମ ପାଳିରେ ଭାରତ-ଏ'ର ୩୩୪ ରନ ଜବାବରେ ଅଷ୍ଟ୍ରେଲିଆ-ଏ ୧୭୧ ରନରେ ସୀମିତ ରହିଥିଲା । ଫଳରେ ୧୬୩ ରନରେ ଅଗ୍ରଣୀ ଥାଇ ଭାରତ-ଏ ଦ୍ୱିତୀୟ ପାଳିରେ ୧୯୯ ରନ କରିଥିଲା । ଉଭୟ ପାଳିରେ ଯଥାକ୍ରମେ ୧୧୩ ଓ ୪୬ ରନର ପାଳି ଖେଳିଥିବା କୁମାର କୁଶାଗ୍ର ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ । ବିଜୟ ସହ ଦେବଦତ୍ତ ପଡିକଲଙ୍କ ନେତୃତ୍ୱାଧୀନ ଭାରତ-ଏ ଦୁଇ ମ୍ୟାଚବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି । ସିରିଜର ଅନ୍ତିମ ଟେଷ୍ଟ ସେପ୍ଟେମ୍ବର ୨୯ରୁ ଏଠାରେ ଆରମ୍ଭ ହେବ ।

**ରଣଜୀ ଟ୍ରଫି ୨୦୨୬-୨୭ ସିଜନ**

## କିଟ୍‌ରେ ୨, ବାରବାଟୀରେ ଗୋଟିଏ ମ୍ୟାଚ୍ ଖେଳିବ ଓଡ଼ିଶା

ଭୁବନେଶ୍ୱର, ୨୫ ।୯ (ସମିସ)

ଭାରତୀୟ ଘରୋଇ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୨ତମ ସଂସ୍କରଣ ଅକ୍ଟୋବର ୧୧ ତାରିଖରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି । ଏହିକ୍ରମରେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ରଣଜୀ ଟ୍ରଫି ସମେତ ୨୦୨୬-୨୭ ସିଜନର ସମସ୍ତ ପ୍ରତିଯୋଗିତାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଓଡ଼ିଶା ସିନିଅର ପୁରୁଷ ଦଳ ଗୁଜରାଟ ବିପକ୍ଷରେ ଖେଳି ରଣଜୀ ଟ୍ରଫିରେ ଅଭିଯାନ ଆରମ୍ଭ କରିବ । ଏହି ମ୍ୟାଚ୍ ଅକ୍ଟୋବର ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ । ସେହିଭଳି ଚଳିତ ସିଜନରେ ଓଡ଼ିଶା ଦଳ ଘରୋଇ ପରିବେଶରେ ୩ଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳିବ । ଯେଉଁଥିରେ ଦୁଇଟି ମ୍ୟାଚ୍ କିଟ୍ ଗ୍ରାଉଣ୍ଡରେ ଯଥାକ୍ରମେ ସର୍ଭିସେସ (୨୬ରୁ ୨୯ ଅକ୍ଟୋବର) ଓ ଝାଡ଼ଖଣ୍ଡ (୨ରୁ ୫ ନଭେମ୍ବର) ବିପକ୍ଷରେ ଏବଂ ଦିଲ୍ଲୀ ସହ ବାରବାଟୀରେ ଜାନୁଆରୀ ୧୭ରୁ ଖେଳିବାର କାର୍ଯ୍ୟସୂଚୀ ରହିଛି । ଗତବର୍ଷ ଭଳି ଏଥର ମଧ୍ୟ ରଣଜୀ ଟ୍ରଫି ଦୁଇ ଭାଗରେ ଖେଳାଯିବ ।

ଅପରପକ୍ଷରେ ଜାତୀୟ ସିନିଅର ଟି-୨୦ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲି ଟ୍ରଫିରେ ଓଡ଼ିଶା ଏଲିଟ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି । ଓଡ଼ିଶା ପ୍ରଥମ ମ୍ୟାଚରେ ଗୁଜରାଟ ସହ ନଭେମ୍ବର ୧୪ରେ ଖେଳିବ । ଏହାପରେ ନଭେମ୍ବର ୧୬ରେ ବିଦର୍ଭ, ୧୮ରେ ଛତିଶଗଡ଼, ୨୦ରେ ଉତ୍ତରାଖଣ୍ଡ, ୨୨ରେ ଗୋଆ, ୨୪ରେ ମୁମ୍ବଇ ଓ ଶେଷ ମ୍ୟାଚରେ ହାଇଦ୍ରାବାଦକୁ ୨୬ ତାରିଖରେ ଭେଟିବ । ଓଡ଼ିଶାର ସମସ୍ତ ମ୍ୟାଚ୍ କୋଲକାତାରେ ଅନୁଷ୍ଠିତ ହେବ । ସେହିଭଳି ସିନିଅର ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାର ଟ୍ରଫି ଡିସେମ୍ବର ୧୪ରୁ ଆରମ୍ଭ ହେବ । ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ପୁଡୁଚେରୀ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ଏହାପରେ ଡିସେମ୍ବର ୧୬ରେ ଆସାମ, ୧୯ରେ ବେଙ୍ଗଲ, ୨୧ରେ ଉତ୍ତରପ୍ରଦେଶ, ୨୪ରେ ତ୍ରିପୁରା, ୨୭ରେ କେରଳ ଓ ୨୯ରେ କର୍ଣ୍ଣାଟକ ସହ ଶେଷ ଲିଗ୍ ମ୍ୟାଚ୍ ଖେଳିବ । ବିଜୟ ହାଜରେ ଟ୍ରଫିରେ ଗ୍ରୁପ୍-ଡି'ର ସମସ୍ତ ମ୍ୟାଚ ରାଞ୍ଚିରେ ଅନୁଷ୍ଠିତ ହେବ ।

**ଓଡ଼ିଶାର ରଣଜୀ ଟ୍ରଫି କାର୍ଯ୍ୟସୂଚୀ**

| ତାରିଖ | ପ୍ରତିପକ୍ଷ | ଭେନ୍ୟୁ |
|---|---|---|
| ୧୧ରୁ ୧୪ ଅକ୍ଟୋବର | ଗୁଜରାଟ | ଅହମ୍ମଦାବାଦ |
| ୧୮ରୁ ୨୧ ଅକ୍ଟୋବର | କେରଳ | ଥିରୁଅନନ୍ତପୁରମ |
| ୨୬ରୁ ୨୯ ଅକ୍ଟୋବର | ସର୍ଭିସେସ୍ | ଭୁବନେଶ୍ୱର |
| ୨ରୁ ୫ ନଭେମ୍ବର | ଝାଡ଼ଖଣ୍ଡ | ଭୁବନେଶ୍ୱର |
| ୧୭ରୁ ୨୦ ଜାନୁଆରୀ | ଦିଲ୍ଲୀ | କଟକ |
| ୨୪ରୁ ୨୭ ଜାନୁଆରୀ | ମହାରାଷ୍ଟ୍ର | ପୁନେ |
| ୧ରୁ ୪ ଫେବୃଆରୀ | ବେଙ୍ଗଲ | କୋଲକାତା |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY